RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in




**ବିବାଦ ଭୁଲି ଏକାଠି ହେବେ**

▶ପୃଷ୍ଠା ୧୧ ଦେଖନ୍ତୁ...


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-47 ◆MONDAY ◆10 AUGUST 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୪୭ ◆ସୋମବାର ◆୧୦ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଭାରତ ସହ ରେଳପଥରେ ଯୋଡ଼ିହେବ ରୁଷିଆ

■ ମସ୍କୋ, ୯।୮ (ଏଜେନ୍ସି): ସମୁଦ୍ର ପଥରେ ସୃଷ୍ଟି ହେଉଥିବା ବିପଦକୁ ଏଡ଼ାଇବା ପାଇଁ ରୁଷିଆ ରାଜଧାନୀ ମସ୍କୋରୁ ଭାରତ ରାଜଧାନୀ ନୂଆଦିଲ୍ଲୀ ପର୍ଯ୍ୟନ୍ତ ସିଧାସଳଖ ରେଳପଥ ନିର୍ମାଣ ସମ୍ଭାବନା ନେଇ ରୁଷିଆ ସରକାର ପ୍ରସ୍ତାବ ରଖିଛନ୍ତି । ରୁଷିଆର ଉପପ୍ରଧାନମନ୍ତ୍ରୀ ମାରାଟ୍ ଖୁସନୁଲିନ୍ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ଯେ, ବୋସଫରସ୍ ଏବଂ ହର୍ମୁଜ ପ୍ରଣାଳୀରେ ଦେଖାଦେଉଥିବା ଜଳପଥ ସଙ୍କଟ ଯୋଗୁଁ ବିକଳ୍ପ ସ୍ଥଳପଥ ଆବଶ୍ୟକ ହୋଇପଡ଼ିଛି । ତେଣୁ ତୁର୍କମେନିସ୍ତାନ, ଇରାନ, ଆଫଗାନିସ୍ତାନ ଏବଂ ପାକିସ୍ତାନ ଦେଇ ଭାରତକୁ ସଂଯୋଗ କରିବା ଲାଗି ରେଳପଥ ଯୋଜନା ଉପରେ ବିଚାର କରାଯାଉଛି । ଏଭଳି ବିକଳ୍ପ ରେଳପଥ ବ୍ୟବସାୟିକ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ହୋଇପାରିବ । ଇସ୍ରାଏଲ ଯୋଗୁଁ ଆମେରିକା ଏବଂ ▶ପୃଷ୍ଠା-୭




## ଉତ୍ତର ୨୪ ପ୍ରଗଣାରେ ମମତାଙ୍କ ଉପରେ ଆକ୍ରମଣ



■ କୋଲକାତା, ୯।୮ (ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ ମମତା ବାନାର୍ଜୀଙ୍କ ଉପରେ ଆକ୍ରମଣ ହୋଇଛି । ଉତ୍ତର ୨୪ ପ୍ରଗଣା ଜିଲ୍ଲାରେ ପୁଲିସ ହାଜତରେ ମୃତ ଟିଏମ୍ସି କର୍ମୀ ବିର୍ଜୁ କେଓଟଙ୍କ ପରିବାରକୁ ଆଜି ଭେଟିବାକୁ ଯାଉଥିବା ବେଳେ କେତେକ ଲୋକ ତାଙ୍କ ଗାଡ଼ି ଉପରେ ଆକ୍ରମଣ କରିଥିଲେ । ସେମାନେ ତାଙ୍କ ଗାଡ଼ି ଅଟକାଇବା ସହିତ ପଥର, ପାଣି ବୋତଲ ଓ ଜୋତା ମାଡ଼ କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉପଦ୍ରବକାରୀଙ୍କୁ ଘଉଡ଼ାଇବା ସହିତ ମମତାଙ୍କ ଗାଡ଼ିକୁ ସୁରକ୍ଷିତ ଭାବେ ସେଠାରୁ କାଢ଼ିନେଇଥିଲେ । ଏସଂପର୍କରେ ମମତା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଅସାମାଜିକ ତତ୍ତ୍ୱମାନେ ପୋଲିସ ସମ୍ମୁଖରେ ହିଁ ତାଙ୍କ ଗାଡ଼ି ଉପରକୁ ବଡ଼ ବଡ଼ ପଥର ମାଡ଼ କରିଥିଲେ । ▶ପୃଷ୍ଠା-୭

### ଦେଶକୁ କେନ୍ଦ୍ରର ଏମ୍‌ଏସ୍‌ଏମ୍‌ଇ ଅନୁଦାନ ୨୦ ହଜାର କୋଟି

# ଓଡ଼ିଶା ଭାଗରେ ମାତ୍ର ୩୨ କୋଟି

■ ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶାର ଶିଳ୍ପ ସମ୍ଭାବନାକୁ ନେଇ କେନ୍ଦ୍ର ସରକାର ବାରମ୍ବାର ପ୍ରଶଂସା କରୁଛନ୍ତି । ଦେଶର ଶିଳ୍ପ ବିକାଶରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା କଥା ମଧ୍ୟ କହୁଛନ୍ତି । ଆତ୍ମନିର୍ଭର ଭାରତ ଗଠନ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ ବା କ୍ଷୁଦ୍ର -ମଧ୍ୟମ ଉଦ୍ୟାଗର ଭୂମିକା କଥାକୁ ସ୍ୱୀକାର କରୁଛନ୍ତି । ସାରା ଦେଶ ପାଇଁ ଏ ବାବଦରେ ବିପୁଳ ପୁଞ୍ଜି ବରାଦ ମଧ୍ୟ କେନ୍ଦ୍ର ବଜେଟ୍‌ରେ କରାଯାଉଛି । ମାତ୍ର ଏସବୁ ଗୋଟିଏ ପାର୍ଶ୍ୱରେ ଥିବାବେଳେ ଅନୁଦାନ କ୍ଷେତ୍ରରେ ଓଡ଼ିଶା ସବୁଠାରୁ ଅବହେଳିତ ହୋଇ ରହିଛି । କେନ୍ଦ୍ର ସରକାର ସାରା ଦେଶର ଏମ୍‌ଏସ୍‌ଏମ୍‌ଇ ନିମନ୍ତେ ୨୦ ହଜାର କୋଟି ଟଙ୍କା ବରାଦ କରିଥିବାବେଳେ ଓଡ଼ିଶାକୁ ମିଳିଛି ନାମମାତ୍ର ଅନୁଦାନ । ଖୋଦ୍ କେନ୍ଦ୍ର ସରକାର ମଧ୍ୟ ଏହାକୁ ସଂସଦରେ ସ୍ୱୀକାର କରିଛନ୍ତି । କେନ୍ଦ୍ରରେ ବିଜେପି ସରକାର ଗଠନରେ ଓଡ଼ିଶାରୁ ୨୦ ସାଂସଦଙ୍କ ପ୍ରତିନିଧିତ୍ୱ ସବୁଠାରୁ ଗୁରୁତ୍ୱ ବହନ କରୁଥିବା ସମୟରେ କେନ୍ଦ୍ରୀୟ ଅବହେଳା ସମ୍ପର୍କରେ ସେମାନଙ୍କ ନିରବତା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



**ରାଜ୍ୟକୁ ଏସ୍‌ଆର୍‌ଆଇ ପାଣ୍ଠି ଅନୁଦାନ ୦.୧୬%**

**୭୬୬ କ୍ଷୁଦ୍ର ଉଦ୍ୟୋଗରୁ ଓଡ଼ିଶାର ୯ଟିକୁ ସହାୟତା**


**କେନ୍ଦ୍ରୀୟ ସହାୟତାକୁ ଚାହିଁ ବସିଛନ୍ତି ୨୫ ଜିଲ୍ଲା**

ଲୋକସଭାରେ କେନ୍ଦ୍ର ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ବିଭାଗ ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କାରାନ୍ଦଲାଜେ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ୨୦୨୬ ଜୁନ୍ ୩୦ ତାରିଖ ସୁଦ୍ଧା ଆତ୍ମ ନିର୍ଭର ଭାରତ ବା ଏସ୍‌ଆର୍‌ଆଇ ପାଣ୍ଠି ଅଧୀନରେ ଦେଶର ୭୬୬ଟି ଏମ୍‌ଏସ୍‌ଏମ୍‌ଇରେ ୨୦,୦୦୪ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହୋଇଛି । ଏହା ମଧ୍ୟରୁ ଓଡ଼ିଶାରେ ମାତ୍ର ୯ଟି ଏମ୍‌ଏସ୍‌ଏମ୍‌ଇରେ ମୋଟ ୩୨.୭୪ କୋଟି ଟଙ୍କା ନିବେଶ କରାଯାଇଛି ।

ସଂସଦରେ କେନ୍ଦ୍ରମନ୍ତ୍ରୀଙ୍କ ଏହି ସ୍ୱୀକାରୋକ୍ତି ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି । ସାରା ଦେଶର ମୋଟ ଏସ୍‌ଆର୍‌ଆଇ ବିନିଯୋଗରେ ଓଡ଼ିଶାର ଅଂଶ ଏକ ପ୍ରତିଶତର ଛଅ ଭାଗରୁ ଭାଗେ ଅର୍ଥାତ୍ ମାତ୍ର ୦.୧୬ରେ କିପରି ଭାରତ ଆତ୍ମନିର୍ଭର ହୋଇପାରି ବୋଲି ମଧ୍ୟ ପ୍ରଶ୍ନ ଉଠିଛି । ଚିନ୍ତାଜନକ କଥା ଟି ହେଉଛି ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ମାତ୍ର ୫ଟି ଜିଲ୍ଲା ଏମ୍‌ଏସ୍‌ଏମ୍‌ଇ ଏହି ପାଣ୍ଠିରୁ ସହାୟତା ପାଇଥିବାବେଳେ ଅନ୍ୟ ୨୫ ଜିଲ୍ଲାର ନାମଗନ୍ଧ ସୁଦ୍ଧା ନାହିଁ । ରାଜ୍ୟକୁ ମିଳିଥିବା ୩୨.୭୪ କୋଟି ଟଙ୍କାରୁ ୩୧.୪୯ କୋଟି ଟଙ୍କା କେବଳ ଖୋର୍ଦ୍ଧାର ୫ଟି ଏମ୍‌ଏସ୍‌ଏମ୍‌ଇରେ ବିନିଯୋଗ ହୋଇଛି । ଅନ୍ୟ ୪ ଜିଲ୍ଲା ସୁନ୍ଦରଗଡ଼, ବାଲେଶ୍ୱର, କଟକ ଓ କଳାହାଣ୍ଡିର ଗୋଟିଏ ଲେଖାଏଁ ଉଦ୍ୟୋଗକୁ ମାତ୍ର ୨୫ ଲକ୍ଷରୁ ୫୦ ଲକ୍ଷ ଟଙ୍କା ଲେଖାଏଁ ମିଳିଛି । ଅବଶିଷ୍ଟ ୨୫ ଜିଲ୍ଲାରେ ଗୋଟିଏ ବି ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ସ୍ଥାପନ ହୋଇନାହିଁ ▶ପୃଷ୍ଠା-୭

**ହାଇଦରାବାଦ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ**

## ପ୍ରଧାନବିଚାରପତିଙ୍କୁ ବିରୋଧ



■ ହାଇଦରାବାଦ୍, ୯।୮ (ଏଜେନ୍ସି): ହାଇଦରାବାଦ୍‌ସ୍ଥିତ ‘ନାଲସାର୍’ ଆଇନ ବିଶ୍ୱବିଦ୍ୟାଳୟର ୨୦୨୬ ସମାବର୍ତ୍ତନ ଉତ୍ସବରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରିବା ନିଷ୍ପତ୍ତିକୁ ୪୫୦ରୁ ଅଧିକ ଛାତ୍ରଛାତ୍ରୀ ବିରୋଧ କରିଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ଓ କର୍ତ୍ତୃପକ୍ଷଙ୍କୁ ଲେଖିଥିବା ଏକ ପତ୍ରରେ ଛାତ୍ରଛାତ୍ରୀମାନେ ନିକଟରେ ଜୁଲାଇ ୨୦ ତାରିଖରେ ନୂଆଦିଲ୍ଲୀର ଯନ୍ତର ମନ୍ତରରେ ହୋଇଥିବା ଆନ୍ଦୋଳନ ବେଳେ ଆରକ୍ଷୀ ବାହିନୀର ବର୍ବରତା ସମ୍ପର୍କିତ ଶୁଣାଣିରେ ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆରକ୍ଷୀ ବାହିନୀର ଆକ୍ରମଣ ଭିଡିଓ ଦେଖିବା ପାଇଁ ସମୟ ନାହିଁ ବୋଲି କହିବା ଏବଂ ଯୁବପିଢ଼ିଙ୍କ ପ୍ରତି ସମ୍ବେଦନହୀନ ମନ୍ତବ୍ୟ ଦେବା ସାମ୍ବିଧାନିକ ମୂଲ୍ୟବୋଧ ବିରୋଧୀ ବୋଲି ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି । ସମ୍ବିଧାନ ଓ ନ୍ୟାୟର ପାଠ ପଢ଼ୁଥିବା ଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନେ ଏଭଳି ବ୍ୟକ୍ତିତ୍ୱଙ୍କଠାରୁ ଡିଗ୍ରୀ ଗ୍ରହଣ କରିବାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ଏଣୁ ଏହି ନିମନ୍ତ୍ରଣ ଉପରେ ପୁନର୍ବିଚାର କରିବାକୁ ସେମାନେ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଦୁଇ ସପ୍ତାହ ପୂର୍ବରୁ ଆନ୍ଦୋଳନ ଭୟରେ ମୁମ୍ବାଇର ‘ଟିସ୍’ ମଧ୍ୟ ନିଜର ସମାବର୍ତ୍ତନ ଉତ୍ସବକୁ ସ୍ଥଗିତ ରଖିଥିଲା, ଯେଉଁଥିରେ ପ୍ରଧାନ ବିଚାରପତି ଯୋଗଦେବାର ଥିଲା । ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଆଇନ ଓ ଶିକ୍ଷା ଜଗତରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ‘ନାଲସାର୍’ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିପାରିନାହିଁ ।

## ‘ଘରେ ଘରେ ତ୍ରିରଙ୍ଗା’ ଅଭିଯାନର ଶୁଭାରମ୍ଭ

**ଅଗଷ୍ଟ ୯ ରୁ ୧୭ ସବୁଠି ଉଡ଼ିବ ଜାତୀୟ ପତାକା**



■ ଭୁବନେଶ୍ୱର, ୯।୮ (ସମିସ): ରବିବାର ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରଠାରେ ‘ଘରେ ଘରେ ତ୍ରିରଙ୍ଗା’ ଅଭିଯାନର ଶୁଭାରମ୍ଭ କରିଛନ୍ତି ମୋହନ ଚରଣ ମାଝୀ । ଏହି ଅବସରରେ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ସହର, ଘର, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ଗୌରବର ସହ ଜାତୀୟ ପତାକା ଉଡ଼ାଇବାକୁ ସେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ‘ଜେନ୍-ଜି’ ଓ ଯୁବ ସମାଜକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ଡିଜିଟାଲ୍ ଯୁଗରେ ଆମ ଯୁବପିଢ଼ିକୁ ବିପଥଗାମୀ କରିବାକୁ କିଛି ବାହ୍ୟ ଶକ୍ତି, ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଓ ନିଶାଦ୍ରବ୍ୟ ଭଳି କୁପ୍ରଭାବ ସକ୍ରିୟ ରହିଛନ୍ତି । ତାହାକୁ କେବେହେଲେ ସଫଳ ହେବାକୁ ଦିଆଯିବ ନାହିଁ ।

ନିଜ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମୀ, ବୀର ସହିଦ ଏବଂ ଓଡ଼ିଶାର ଅମର ବ୍ୟକ୍ତିବିଶେଷଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୪୨ ଅଗଷ୍ଟ ୯ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା ‘ଭାରତ ଛାଡ଼’ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗ୍‌ଦର୍ଶନ ଦେଇଥିଲା । ଜାତୀୟ ପତାକା ‘ତ୍ରିରଙ୍ଗା’ କେବଳ ତିନୋଟି ରଙ୍ଗର ସମାହାର ନୁହେଁ; ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ । କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ▶ପୃଷ୍ଠା-୭

## କେବିସି ମଞ୍ଚରେ ମାଲକାନଗିରିର ‘ଜଙ୍ଗଲ ରାଣୀ’



**୧୦ ପ୍ରତିଯୋଗୀଙ୍କ ମଧ୍ୟରେ ଓଡ଼ିଶାରୁ ଜୟନ୍ତୀ ବୁରୁଡ଼ା**

■ ଭୁବନେଶ୍ୱର, ୯।୮ (ସମିସ): ମାଲକାନଗିରିର ଦୁର୍ଗମ ଆଦିବାସୀ ଅଞ୍ଚଳରୁ ଜାତୀୟ ଟେଲିଭିଜନ୍‌ର ଲୋକପ୍ରିୟ ମଞ୍ଚକୁ ପହଞ୍ଚିଛନ୍ତି ଓଡ଼ିଆ ଝିଅ ଜୟନ୍ତୀ ବୁରୁଡା । ‘କୌନ୍ ବନେଗା କରୋଡ଼୍‌ପତି’ (କେବିସି)ରେ ଦେଶର ବିଭିନ୍ନ ସ୍ଥାନରୁ ଚୟନ ହୋଇଥିବା ୧୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସେ ସ୍ଥାନ ପାଇଛନ୍ତି । ମାଲକାନଗିରିର ‘ଜଙ୍ଗଲ ରାଣୀ’ ଭାବେ ପରିଚିତ ଜୟନ୍ତୀ ଆଦିବାସୀ ସମାଜ, ମହିଳା ଓ ଦୁର୍ଗମ ଅଞ୍ଚଳର ଲୋକଙ୍କ ସମସ୍ୟାକୁ ନିଜ ଲେଖା ଓ ସାମାଜିକ କାର୍ଯ୍ୟ ମାଧ୍ୟମରେ ଉଠାଇ ଆସିଛନ୍ତି । କେବିସି ମଞ୍ଚରେ ତାଙ୍କ ଉପସ୍ଥିତି କେବଳ ଜଣେ ପ୍ରତିଯୋଗୀଙ୍କ ସଫଳତା ନୁହେଁ; ଏହା ମାଲକାନଗିରିର ଆଦିବାସୀ ଜୀବନ, ସଂଘର୍ଷ ଓ ସ୍ୱପ୍ନକୁ ଦେଶ ସାମ୍ନାରେ ରଖିବାର ଏକ ବଡ଼ ସୁଯୋଗ ବୋଲି ମନେ କରାଯାଉଛି । କୋୟା ଆଦିବାସୀ ପରିବାରରେ ଜନ୍ମିତ ଜୟନ୍ତୀ ୧୧ ଭାଇଭଉଣୀଙ୍କ ମଧ୍ୟରୁ ନବମ । ମାଲକାନଗିରିର ସେରପଲ୍ଲୀ ▶ପୃଷ୍ଠା-୭

**ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳିତ**

## ଆଦିବାସୀ ଭାଇଭଉଣୀଙ୍କ ଶ୍ରେଷ୍ଠ ବନ୍ଧୁ ବିଜେଡି: ନବୀନ

■ ଭୁବନେଶ୍ୱର, ୯।୮ (ସମିସ): ବିଜେଡି ସରକାର ସମୟରେ ପଞ୍ଚାୟତକୁ ଜଙ୍ଗଲ ଜାତ ଦ୍ରବ୍ୟର ସଂଗ୍ରହ ଅଧିକାର, ହଜାର ହଜାର ହଷ୍ଟେଲ, ଉଚ୍ଚଶିକ୍ଷା ପାଇଁ ଅନ୍ୱେଷା କାର୍ଯ୍ୟକ୍ରମ, ଜଙ୍ଗଲ ଜମି ଅଧିକାର ଆଦି ଜନଜାତି ଭାଇ ଭଉଣୀଙ୍କୁ ବିକାଶ ସହ ଯୋଡି ପାରିଥିଲା । ଏସଡିସି ଜରିଆରେ ଆଦିବାସୀଙ୍କ ବିକାଶ ହେଉଥିଲା । ୧୬୯ ଜନଜାତି ଗୋଷ୍ଠୀକୁ ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ତତ୍କାଳୀନ ବିଜେଡି ସରକାର ପ୍ରସ୍ତାବ ଦେଇଥିଲା । ବିଜେଡି ଆଦିବାସୀ ଭାଇ-ଭଉଣୀମାନଙ୍କର ଶ୍ରେଷ୍ଠ ବନ୍ଧୁ ଓ ସେମାନଙ୍କ ନ୍ୟାର୍ଯ୍ୟ ଦାବିକୁ ହାସଲ କରିବା ପାଇଁ ଦଳ ଉଦ୍ୟମ ଜାରି ରଖିବ ବୋଲି କହିଛନ୍ତି ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ରବିବାର ଶଙ୍ଖଭବନରେ ବିଜେଡି ପକ୍ଷରୁ ଆୟୋଜିତ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ସହ ଆଦିବାସୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଜେଡି ଲଢ଼େଇ କରି ଆସିଛି ଓ ଭବିଷ୍ୟତରେ ମଧ୍ୟ ଲଢ଼େଇ ଜାରି ରଖିବ ବୋଲି ନବୀନ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ବିଜୁ ଜନତା ଦଳ ସରକାର ସମୟରେ ଜନଜାତି ▶ପୃଷ୍ଠା-୭



**ଆଦିବାସୀମାନଙ୍କ ଉନ୍ନତି ସାଧନ ବିଜୁ ଜନତା ଦଳର ଲକ୍ଷ୍ୟ**

**ଜାରି ରହିବ ୧୬୯ ବର୍ଗଙ୍କୁ ଏସ୍‌ଟି ସୂଚୀରେ ସାମିଲ ଉଦ୍ୟମ**

**ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ**

# ଉତ୍ତର ଓଡ଼ିଶାକୁ ଛାଡୁନି ବର୍ଷା ଓ ବନ୍ୟା ଭୟ

■ ଭୁବନେଶ୍ୱର, ୯।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଧ୍ୟପ୍ରଦେଶ ମୁହାଁ ହୋଇଛି । ଏହି ଲଘୁଚାପଟି ଏବେ ଉତ୍ତର ପୂର୍ବ ମଧ୍ୟପ୍ରଦେଶ ଓ ସଂଲଗ୍ନ ଛତିଶଗଡ଼ ଉପରେ ସକ୍ରିୟ ରହିଛି । ଲଘୁଚାପ ଓଡ଼ିଶାଠାରୁ ଦୂରେଇ ଯାଇଥିଲେ ମଧ୍ୟ ରାଜ୍ୟରେ ଏବେ ବି ବର୍ଷା ଜାରି ରହିଛି । ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି । ଅନ୍ୟପଟେ ପୁଣି ଏକ ଲଘୁଚାପ ବଙ୍ଗୋପସାଗରରେ ଦାନା ବାନ୍ଧୁଥିବାରୁ ରାଜ୍ୟରେ ପୁଣି ବର୍ଷା ହେବାର ଆଶଙ୍କା ବଢ଼ିଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଉତ୍ତର ବଙ୍ଗୋପସାଗର ସଂଲଗ୍ନ ପଶ୍ଚିମବଙ୍ଗ-ବଙ୍ଗଳାଦେଶ ଉପକୂଳରେ ୧୧ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ୧୩ ତାରିଖ ସୁଦ୍ଧା ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଏହି ଲଘୁଚାପ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଥିବାରୁ ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଇଛି । ଘୂର୍ଣ୍ଣିବଳୟ ସୃଷ୍ଟି ପରେ୧୧ରୁ ବର୍ଷା ବଢ଼ିବା ସହ ୧୩-୧୪ ବେଳକୁ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଉଛି । ଏମିତି କି ସ୍ୱାଧୀନତା ଦିବସରେ ମଧ୍ୟ ଲଘୁଚାପ ପ୍ରଭାବରେ କେତେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରାଯାଉଛି ।

ଲଗାଣ ବର୍ଷା ସ୍ଥିତି ଯୋଗୁଁ ରାଜ୍ୟର ଅନେକ ଅଞ୍ଚଳ ଜଳବନ୍ଦୀ ସ୍ଥିତିରେ ଥିବାବେଳେ ଗତ ୩୬ ଘଣ୍ଟାରେ ହୋଇଥିବା ବର୍ଷା ଯୋଗୁଁ ପୁଣି ଅନେକ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ରବିବାର ସନ୍ଧ୍ୟା ସୁଦ୍ଧା ବୈତରଣୀ ଆଖୁଆପଦାଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି । ସେହିପରି ମହାନଦୀରେ ମଧ୍ୟ ଜଳପ୍ରବାହ ▶ପୃଷ୍ଠା-୭

## ୧୨ ଗେଟ୍ ଦେଇ ହୀରାକୁଦରୁ ବନ୍ୟାଜଳ ନିଷ୍କାସିତ



■ ସମ୍ବଲପୁର, ୯।୮ (ସମିସ): ହୀରାକୁଦ ଉପରମୁଣ୍ଡରେ ମାତ୍ରାଧିକ ବର୍ଷା ହୋଇଛି । ଫଳରେ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ଅଧିକ ହୋଇଛି । ତେଣୁ ଡ୍ୟାମ୍ କର୍ତ୍ତୃପକ୍ଷ ରବିବାର ସକାଳେ ୪ଟି ଗେଟ୍ ଖୋଲିଛନ୍ତି । ମୋଟ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ସନ୍ଧ୍ୟା ସାଢେ ୬ଟାର ରିପୋର୍ଟ ଅନୁସାରେ ଏବେ ହୀରାକୁଦ ଜଳସ୍ତର ୬୧୩.୮୯ ଫୁଟ୍ ରହିଛି । ନଦୀବନ୍ଧର ବାମପାର୍ଶ୍ୱର ୮ଟି ଏବଂ ଡାହାଣ ପାର୍ଶ୍ୱର ୪ଟି ଏହିପରି ମୋଟ୍ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୫,୧୮୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୧୫,୧୮୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୧,୮୨,୧୭୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୦୫୧୧ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୨୭୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି ।

## ଆଇଆଇଆର୍‌ଏଫ୍ ର୍‌ୟାଙ୍କିଂ -୨୦୨୬

## ଏମ୍ସକୁ ପଛରେ ପକାଇଲା ଏସ୍‌ସିବି

**୧୦୦ ମଧ୍ୟରେ ଓଡ଼ିଶାର ୩ ମେଡିକାଲ କଲେଜ**

■ ଭୁବନେଶ୍ୱର, ୯।୮ (ସମିସ): ରାଜ୍ୟର ଚିକିତ୍ସା ଶିକ୍ଷା, ଗବେଷଣା ଓ ଉତ୍ତମ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାକୁ ଉଲ୍ଲେଖନୀୟ ସଫଳତା ମିଳିଛି । ଇଣ୍ଡିଆନ ଇନ୍‌ଷ୍ଟିଟ୍ୟୁସିନାଲ ରାଙ୍କିଂ ଫ୍ରେମୱାର୍କ-୨୦୨୬ରେ ରାଜ୍ୟର ତିନି ପ୍ରମୁଖ ସରକାରୀ ମେଡିକାଲ କଲେଜ ପ୍ରମୁଖ ସ୍ଥାନ ହାସଲ କରିଛନ୍ତି । କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ୧୫ତମ ସ୍ଥାନ, ବୁର୍ଲାସ୍ଥିତ ଭିମସାର ୬୪ତମ ସ୍ଥାନ ଏବଂ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ୭୪ତମ ସ୍ଥାନରେ ରହିଛି । ପ୍ରଥମ ଥର ପାଇଁ ଏସ୍‌ସିବି ମେଡିକାଲ କଲେଜ ଏମ୍ସ ଭୁବନେଶ୍ୱରକୁ ପଛରେ ପକାଇଛି । ଏସସିବି ୧୫ତମ ସ୍ଥାନରେ ଥିବ ବେଳେ ୧୬ତମ ସ୍ଥାନରେ ଏମ୍ସ ଭୁବନେଶ୍ୱର ଅଛି ।

# ଉତ୍ତର ପ୍ରଦେଶରେ ବିଜେପି ବିଧାୟକଙ୍କ ଝିଅଙ୍କୁ ପ୍ରତାରଣା



**୨୫ଟି ବିବାହ କରିଥିଲା ବର**

ଲକ୍ଷ୍ନୌ, ୯ ।୮ (ଏଜେନ୍ସି): ଉତ୍ତର ପ୍ରଦେଶର ସେବତା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ଜ୍ଞାନ ତିୱାରୀ ନିଜ ଝିଅଙ୍କୁ ପ୍ରତାରଣା କରି ବିବାହ କରାଯାଇଥିବା ନେଇ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ପରିଚୟ ଲୁଚାଇ ବିଭିନ୍ନ ରାଜ୍ୟରେ ପ୍ରାୟ ୨୫ଟି ବିବାହ କରି ମହିଳାମାନଙ୍କୁ କୋଟି କୋଟି ଟଙ୍କା ଠକିଥିବା ଜଣେ ଯୁବକ ଏବଂ ତାଙ୍କ ବାପାଙ୍କ ବିରୋଧରେ ପୁଲିସରେ ଅଭିଯୋଗ ହେବା ପରେ ପୁଲିସ ଦ୍ୱୟଙ୍କୁ ଗିରଫ କରିଛି । ବିଧାୟକ ଜ୍ଞାନ ତିୱାରୀଙ୍କ ଅଭିଯୋଗ ଆଧାରରେ ରେଉସା ଥାନା ପୁଲିସ ଅଭିଯୁକ୍ତ ପ୍ରଖର ତିୱାରୀ ଏବଂ ତାଙ୍କ ବାପା ଅନୁଜ ତିୱାରୀଙ୍କୁ ଗିରଫ କରିଛି । ୨୦୨୪ ମସିହାରେ ବିଧାୟକଙ୍କ ଝିଅ ପ୍ରଜ୍ଞାଙ୍କ ବିବାହ ମିଶ୍ରିଖ୍ ନିବାସୀ ଅନୁଜ ତିୱାରୀଙ୍କ ପୁଅ ପ୍ରଖର ତିୱାରୀଙ୍କ ସହ ହୋଇଥିଲା । ବିବାହ ସମୟରେ ଅନୁଜ ନିଜକୁ ମୁମ୍ବାଇର ଜଣେ ବଡ଼ ରିୟଲ ଇ-ଷ୍ଟେଟ୍ ବ୍ୟବସାୟୀ ଭାବେ ପରିଚୟ ଦେବା ସହ ନିଜର ଅପରାଧିକ ପୃଷ୍ଠଭୂମି ଲୁଚାଇଥିଲେ । ବିବାହର ପ୍ରାୟ ୨.୫ ବର୍ଷ ପରେ ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ସୂତ୍ରରୁ ପ୍ରଖରଙ୍କ ବିଷୟରେ ସତ୍ୟତା ପଦାକୁ ଆସିଥିଲା । ପ୍ରଖର ନିଜର ପ୍ରକୃତ ପରିଚୟ ଲୁଚାଇ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରେ ପ୍ରାୟ ୨୫ ଜଣ ମହିଳାଙ୍କୁ ବିବାହ ପ୍ରଲୋଭନ ଦେଇ କୋଟି କୋଟି ଟଙ୍କା ଠକେଇ କରିଥିବା ଜଣାପଡ଼ିଛି । ଘଟଣା ସାମ୍ନାକୁ ଆସିବା ପରେ ବିଧାୟକ ସମ୍ପୃକ୍ତ ପରିବାର ସହ ସମସ୍ତ ସମ୍ପର୍କ ଛିନ୍ନ କରି ନିଜ ଝିଅକୁ ଘରକୁ ନେଇ ଆସିଛନ୍ତି ।

# ନିଶାସକ୍ତ ଥିଲେ ବିମାନ ପାଇଲଟ୍ !



## ଟର୍ବୁଲାନ୍ସ ଯୋଗୁଁ ୧୭ ଏୟାର ଇଣ୍ଡିଆ ଯାତ୍ରୀ ଆହତ ହୋଇଥିଲେ

ନୂଆଦିଲ୍ଲୀ, ୯ ।୮ (ଏଜେନ୍ସି): ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନର କ୍ୟାପଟେନ ନିଶାଦ୍ରବ୍ୟ ଟେଷ୍ଟ (ଡୋପ୍ ଟେଷ୍ଟ)ରେ ପଜିଟିଭ୍ ଚିହ୍ନଟ ହୋଇଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି । ଗତ ଅଗଷ୍ଟ ୪ ତାରିଖରେ ଏହି ବିମାନଟି ଆକାଶମାର୍ଗରେ ଗୁରୁତର ଟର୍ବୁଲାନ୍ସ (ବାୟୁମଣ୍ଡଳୀୟ ଅସନ୍ତୁଳନ)ର ସମ୍ମୁଖୀନ ହୋଇଥିଲା, ଯେଉଁଥିରେ ୧୭ ଜଣ ଯାତ୍ରୀ ଆହାତ ହୋଇଥିଲେ । ଏହି ଘଟଣା ପରେ ଦିଲ୍ଲୀରେ କ୍ୟାପଟେନଙ୍କର ଡୋପ୍ ଟେଷ୍ଟ କରାଯାଇଥିଲା । ତେବେ ଏୟାର ଇଣ୍ଡିଆ ପକ୍ଷରୁ ଏହି ରିପୋର୍ଟକୁ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରାଯାଇ ନାହିଁ । ଅଗଷ୍ଟ ୪ ତାରିଖରେ ଏୟାର ଇଣ୍ଡିଆର ଏୟାରବସ୍ ଏ୩୨୦ ବିମାନଟି ୧୩୭ ଜଣ ଯାତ୍ରୀ ଓ ୮ ଜଣ ବିମାନ କର୍ମଚାରୀଙ୍କୁ ନେଇ ଆସୁଥିବା ସମୟରେ ହଠାତ୍ ପ୍ରାୟ ୩୦୦ ଫୁଟ ତଳକୁ ଖସିପଡ଼ିଥିଲା । କ୍ୟାପଟେନ ଓ ସହ-ପାଇଲଟ ବିମାନକୁ ନିୟନ୍ତ୍ରଣକୁ ଆଣି ପୂର୍ବାହ୍ନ ୧୧.୦୭ ରେ ଦିଲ୍ଲୀ ବିମାନବନ୍ଦରରେ ସୁରକ୍ଷିତ ଅବତରଣ କରାଇଥିଲେ । ଟର୍ବୁଲାନ୍ସ ଯୋଗୁଁ ବିମାନର ଛାତ ଭାଙ୍ଗିଯାଇଥିଲା ଏବଂ ୧୭ ଜଣ ଯାତ୍ରୀ ଓ ବିମାନ କର୍ମଚାରୀ ଆହାତ ହୋଇଥିଲେ । ନିୟମାନୁସାରେ ଉଦ୍ଧାର ଓ ତଦନ୍ତ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ସମ୍ପୃକ୍ତ ବିମାନ ଚାଳକ ଦଳଙ୍କୁ ଉଡ଼ାଣ ଦାୟିତ୍ୱରୁ ହଟାଇ ଦିଆଯାଇଛି । ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ, ନିୟମାନୁସାରେ ପାଇଲଟଙ୍କର ଡ୍ରଗ୍ସ ଟେଷ୍ଟ କରାଯାଇଛି, କିନ୍ତୁ ଏହାର ରିପୋର୍ଟ ଏୟାରଲାଇନ୍ସକୁ ମିଳିନଥିବାରୁ ସେମାନେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ । ସାଧାରଣ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି ।

## ଟ୍ରମ୍ପଙ୍କ ଗାଜା ପ୍ରସ୍ତାବକୁ ନେତନ୍ୟାହୁଙ୍କ ନା

ଜେରୁଜେଲେମ୍, ୯ ।୮ (ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ରବିବାର ଏକ ବଡ଼ ବୟାନ ଦେଇ ଗାଜା କିମ୍ବା ୱେଷ୍ଟ ବ୍ୟାଙ୍କରେ ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ସମ୍ଭାବନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହା ସହିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଉପସ୍ଥାପିତ ୧୫-ଦଫା ଗାଜା ଶାନ୍ତି ପ୍ରସ୍ତାବକୁ ମଧ୍ୟ ସେ ଅସ୍ୱୀକାର କରିଛନ୍ତି । ଇସ୍ରାଏଲ ଗଣମାଧ୍ୟମ ଅନୁଯାୟୀ, ନେତନ୍ୟାହୁ କହିଛନ୍ତି, "ଯେପର୍ଯ୍ୟନ୍ତ ମୁଁ ପ୍ରଧାନମନ୍ତ୍ରୀ ଅଛି, ଗାଜା କିମ୍ବା ୱେଷ୍ଟ ବ୍ୟାଙ୍କରେ କୌଣସି ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ହେବ ନାହିଁ।' ସେ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ହମାସ ସମ୍ପୂର୍ଣ୍ଣ ରୂପେ ନିରସ୍ତ୍ର ନହେବା ପର୍ଯ୍ୟନ୍ତ ଇସ୍ରାଏଲ ସେନା ଗାଜାରୁ ପ୍ରତ୍ୟାହୃତ ହେବ ନାହିଁ । ଟ୍ରମ୍ପ ଏହି ଶାନ୍ତି ପ୍ରସ୍ତାବକୁ ଏକ "ଐତିହାସିକ ସଫଳତା' ଭାବେ ବର୍ଣ୍ଣନା କରିଥିବା ବେଳେ, ନେତନ୍ୟାହୁଙ୍କ ଏହି ଆଭିମୁଖ୍ୟ ଆମେରିକାର ପ୍ରଚେଷ୍ଟା ପ୍ରତି ଏକ ବଡ଼ ଝଟ୍‌କା ସଦୃଶ ହୋଇଛି । ନେତନ୍ୟାହୁଙ୍କ ଏହି ଆଭିମୁଖ୍ୟ ଏବଂ ଗାଜାରେ ଜାରି ରହିଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କାତାର, ଜୋର୍ଡାନ, ଇଣ୍ଡୋନେସିଆ, ପାକିସ୍ତାନ, ତୁର୍କୀ ଏବଂ ମିଶର ଭଳି ୮ଟି ମୁସଲିମ୍ ବହୁଳ ଦେଶ କଡ଼ା ନିନ୍ଦା କରିଛନ୍ତି । ଏହି ପଦକ୍ଷେପ ଶାନ୍ତି ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିବ ବୋଲି ସେମାନେ ମିଳିତ ବିବୃତିରେ ଚେତାବନୀ ଦେଇଛନ୍ତି ।

# ବିନା ପରମାଣୁ ଚୁକ୍ତିରେ ବନ୍ଦହେବ ଇରାନ ଯୁଦ୍ଧ



ୱାଶିଂଟନ, ୯ ।୮ (ଏଜେନ୍ସି): ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ 'ହର୍ମୁଜ ପ୍ରଣାଳୀ' ଦେଇ ଯାତାୟାତ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ କୌଣସି ପ୍ରକାର ଶୁଳ୍କ (ଟୋଲ୍) ଆଦାୟ କରାଯିବ ନାହିଁ ବୋଲି ଇରାନ ପ୍ରତିଶ୍ରୁତି ଦେଲେ ଇରାନ ଯୁଦ୍ଧ ବନ୍ଦ ହୋଇଯିବ । ଇରାନ ସହ ପରମାଣୁ ଚୁକ୍ତି ଲାଗି ଆଉ ସର୍ତ୍ତ ମଧ୍ୟ ରଖାଯିବ ନାହିଁ । ବିନା ପରମାଣୁ ଚୁକ୍ତିରେ ଯୁଦ୍ଧ ବନ୍ଦ କରିବାକୁ ଘୋଷଣା କରିବା ଲାଗି ପ୍ରସ୍ତୁତ ହେଉଛନ୍ତି ଆମେରିକାର ରାଷ୍ଟ୍ରପତି

**ହର୍ମୁଜ ଖୋଲିବାକୁ ଅପେକ୍ଷା କରିଛନ୍ତି ଟ୍ରମ୍ପ**

ଟ୍ରମ୍ପ । ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଟ୍ରମ୍ପ ଏସଂପର୍କରେ ତାଙ୍କର ପରାମର୍ଶଦାତାମାନଙ୍କ ସହିତ ବିଚାର ଆଲୋଚନା ଚଳାଇଛନ୍ତି । ଅନ୍ୟପକ୍ଷରେ ଇରାନ ପକ୍ଷରୁ କୁହାଯାଇଛି ଯେ ହର୍ମୁଜ ଅଞ୍ଚଳରୁ ଆମେରିକା ଏହାର ନୌଅବରୋଧ ନହଟାଇବା ପର୍ଯ୍ୟନ୍ତ ହର୍ମୁଜ କଟକଣା ଜାରି ରହିବ । ଏହାସହିତ ଆମେରିକା ଠାରୁ ଇରାନ ବିଲିଅନ ବିଲିଅନ୍ ଡଲାରର କ୍ଷତିପୂରଣ ମଧ୍ୟ ଦାବି କରିଛି ।

ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି ଏବଂ ସୁରକ୍ଷା ପ୍ରମୁଖ ମହମ୍ମଦ ବାକର ଜୋଲକାଦ୍ର କହିଛନ୍ତି ଯେ, ଯୁଦ୍ଧବିରତି ଉଲ୍ଲଂଘନ ପାଇଁ କ୍ଷତିପୂରଣ ଏବଂ ଆମେରିକାର ଶତ୍ରୁତାପୂର୍ଣ୍ଣ ଆଚରଣରେ ପରିବର୍ତ୍ତନ ନଆସିବା ପର୍ଯ୍ୟନ୍ତ ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବେ ଖୋଲାଯିବ ନାହିଁ ।

ଇତିମଧ୍ୟରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ଇରାନ ଶାସନତନ୍ତ୍ର ମଧ୍ୟରେ କିଛି ଗୋଷ୍ଠୀ ହର୍ମୁଜପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକର ମାଲ ପରିବହନ ମୂଲ୍ୟ ଉପରେ ୫% ରୁ ୭% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଥିଲେ । ତେବେ ବର୍ତ୍ତମାନ ଏପରି କୌଣସି ଶୁଳ୍କ ଆଦାୟ କରାଯିବ ନାହିଁ ବୋଲି ତେହେରାନ ଜଣାଇଛି । ଜାହାଜ ଚଳାଚଳକୁ ସୁରକ୍ଷିତ କରିବା ପାଇଁ ଇରାନ ଏବଂ ଓମାନ ମଧ୍ୟରେ ଆଲୋଚନା ଚାଲିଛି । ଜାହାଜଗୁଡ଼ିକ ଉପରେ ଯେପରି କୌଣସି ଆକ୍ରମଣ ନହୁଏ, ସେ ନେଇ ଆମେରିକା ସ୍ପଷ୍ଟ ଗ୍ୟାରେଣ୍ଟି ଦାବି କରୁଛି ।

## ମୁଜତବାଙ୍କ ଭିଡିଓ ଜାରିକଲା ଇରାନ



ତେହରାନ, ୯ ।୮ (ଏଜେନ୍ସି): ଇରାନର ସୁପ୍ରିମ ଲିଡର ମୁଜତବା ଖାମେନେଇଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚାଲିଥିବା ବିଭିନ୍ନ ଆଶଙ୍କା ଓ ଗୁଜବ ମଧ୍ୟରେ ଦେଶର ଅର୍ଦ୍ଧ-ସରକାରୀ ସମ୍ବାଦ ସଂସ୍ଥା 'ମେହେର' ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି । ଇସ୍ରାଏଲ ଗଣମାଧ୍ୟମରେ ଖାମେନେଇଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଏବଂ ସେ ହସପିଟାଲରେ ଭର୍ତ୍ତି ହୋଇଥିବା ନେଇ ଦାବି କରାଯିବା ପରେ ଇରାନ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ଏହି ଭିଡିଓ କେବେ କାର ବା କେଉଁ ତାରିଖର ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ । ଇରାନ ସରକାରଙ୍କ ଇସଲାମିକ ଡେଭେଲପମେଣ୍ଟ ଅର୍ଗାନାଇଜେସନ ଦ୍ୱାରା ପରିଚାଳିତ ସମ୍ବାଦ ସଂସ୍ଥା 'ମେହେର' ପ୍ରଥମ ଥର ପାଇଁ ୫୬ ବର୍ଷୀୟ ମୁଜତବା ଖାମେନେଇଙ୍କ ଏକ ଭିଡିଓ ସାର୍ବଜନୀନ କରିଛି । ଏହି ଭିଡିଓରେ ସୁପ୍ରିମ ଲିଡର ସମ୍ପୂର୍ଣ୍ଣ ସୁସ୍ଥ ଦେଖାଯାଉଛନ୍ତି ଏବଂ ନିଜର କିଛି ଅନୁଗାମୀ ଓ ଅଧିକାରୀଙ୍କ ସହ କଥାବାର୍ତ୍ତା କରୁଥିବା ଦେଖାଯାଇଛି । ତେବେ ଏହି ଭିଡିଓ କେବେ ଏବଂ କେଉଁ ସ୍ଥାନରେ ସୁଟିଂ କରାଯାଇଛି, ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ ।

## ଜେଏନ୍‌ୟୁରେ ଉମର ଖାଲିଦଙ୍କ ବହି ଆଲୋଚନାସଭା ବାତିଲ



ନୂଆଦିଲ୍ଲୀ, ୯ ।୮ (ଏଜେନ୍ସି): ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) କ୍ୟାମ୍ପସରେ ପୂର୍ବତନ ଛାତ୍ର ଉମର ଖାଲିଦଙ୍କ ଦ୍ୱାରା ଲିଖିତ ବହି ଉପରେ ହେବାକୁ ଥିବା ଏକ ଆଲୋଚନା ସଭାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାତିଲ କରିଛନ୍ତି । କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ସୂଚନା ବା ତଥ୍ୟ ପ୍ରଦାନ କରାଯାଇ ନଥିବା ଦର୍ଶାଇ ଏହି ନିଷ୍ପତ୍ତି ନିଆଯାଇଛି । ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ସୋସିଆଲ ସାଇନ୍‌ସେସ୍-୧ (ଏସ୍‌ଏସ୍‌ଏସ୍-୧) ଅଡିଟୋରିୟମ୍‌ରେ ଅଗଷ୍ଟ ୧୦ ତାରିଖରେ ଉମର ଖାଲିଦଙ୍କ ବହି "ଫ୍ରାକ୍‌ଚର୍ଡ କମ୍ୟୁନିଟିଜ୍: ଆଦିବାସୀ ହିଷ୍ଟ୍ରିଜ୍ ଆଣ୍ଡ ଦି ପଲିଟିକ୍ସ ଅଫ୍ ପାୱାର' ଉପରେ ଏକ ଆଲୋଚନା ଚକ୍ର ଆୟୋଜନ ପାଇଁ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ କରିଥିଲେ । ବିଶ୍ୱବିଦ୍ୟାଳୟର ସାମାଜିକ ଗଣମାଧ୍ୟମ 'ଏକ୍ସ' ହ୍ୟାଣ୍ଡେଲରେ ଦିଆଯାଇଥିବା ସୂଚନା ଅନୁସାରେ, କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ସତ୍ୟ ଗୋପନ ରଖାଯାଇଥିବାରୁ ଏହି ବୁକିଂକୁ ବାତିଲ କରାଯାଇଛି । ଉମର ଖାଲିଦ ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ୟୁଏପିଏ ଅଧୀନରେ ଗିରଫ ହୋଇ ସେପ୍ଟେମ୍ବର ୨୦୨୦ରୁ ଜେଲ୍‌ରେ ଅଛନ୍ତି । 'ବିଶ୍ୱ ଆଦିବାସୀ ଦିବସ' ପାଳନ ଅବସରରେ ଏହି ଆଲୋଚନା ସଭାରେ କେତେକ ପ୍ରମୁଖ ବୁଦ୍ଧିଜୀବୀ ଓ ଆକ୍ଟିଭିଷ୍ଟ ଯୋଗଦେବାର କାର୍ଯ୍ୟକ୍ରମ ଥିଲା । ଜେଏନ୍‌ୟୁ କର୍ତ୍ତୃପକ୍ଷ କେଉଁ ସିଦ୍ଧାନ୍ତ ଓ ତଥ୍ୟ ଅସମ୍ପୂର୍ଣ୍ଣ ଥିଲା ତାହା ସ୍ପଷ୍ଟ କରି ନ ଥିବା ବେଳେ, ଏହି କାର୍ଯ୍ୟକ୍ରମ ବାତିଲକୁ ନେଇ କ୍ୟାମ୍ପସ ଓ ଶିକ୍ଷାବିତ୍‌ଙ୍କ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି ।

## ସୁ କି'ଙ୍କ ମୁକ୍ତି ଦାବିକୁ ପ୍ରତ୍ୟାଖ୍ୟାନ କଲା ମ୍ୟାଁମାର ସାମରିକ ସରକାର



ନେପିଡ଼, ୯ ।୮ (ଏଜେନ୍ସି): ଗୃହବନ୍ଦୀ ହୋଇ ରହିଥିବା ମ୍ୟାଁମାରର ପ୍ରାକ୍ତନ ନେତ୍ରୀ ଆଙ୍ଗ୍ ସାନ୍ ସୁ କିଙ୍କୁ ସମ୍ପୂର୍ଣ୍ଣ ଏବଂ ବିନା ସର୍ତ୍ତରେ ମୁକ୍ତ କରିବା ପାଇଁ 'ଏସିଆନ୍' ଦ୍ୱାରା କରାଯାଇଥିବା ଦାବିକୁ ମ୍ୟାଁମାରର ସାମରିକ ପୃଷ୍ଠପୋଷକତା ପ୍ରାପ୍ତ ସରକାର ପ୍ରତ୍ୟାଖ୍ୟାନ କରିଛନ୍ତି । ମ୍ୟାଁମାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ବିବୃତ୍ତିରେ କୁହାଯାଇଛି ଯେ, ସୁ କିଙ୍କ ଦଣ୍ଡକୋହଳ ମାନବିକତା ଭିତ୍ତିରେ କରାଯାଇଥିଲେ ହେଁ ତାଙ୍କର ସମ୍ପୂର୍ଣ୍ଣ ମୁକ୍ତି କେବଳ ଆଇନ ଅନୁସାରେ ସମ୍ଭବ ହେବ । ଏଥିସହିତ ୨୦୨୭ ମସିହାରୁ ଏସିଆନ୍‌ର ସ୍ୱତନ୍ତ୍ର ଦୂତ ପ୍ରକ୍ରିୟାକୁ ଆଗକୁ ବଢ଼ାଇବାର କୌଣସି ଆବଶ୍ୟକତା ନାହିଁ ବୋଲି ମ୍ୟାଁମାର ସିଧାସଳଖ ସୂଚାଇ ଦେଇଛି । ନିକଟରେ ଆନ୍ତର୍ଜାତୀୟ ରେଡକ୍ରସ୍‌ର ପ୍ରତିନିଧି ୮୧ ବର୍ଷୀୟା ସୁ କିଙ୍କୁ ଭେଟିବା ପରେ ଏସିଆନ୍‌ର ବର୍ତ୍ତମାନର ଅଧ୍ୟକ୍ଷ ଫିଲିପାଇନ୍ସ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରିବାକୁ ନିବେଦନ କରିଥିଲା । ମାତ୍ର ରାଷ୍ଟ୍ରପତି ମିନ୍ ଅଙ୍ଗ୍ ହଲାଇଙ୍ଗଙ୍କ ସରକାର ଏହାକୁ ଅଗ୍ରାହ୍ୟ କରିବା ସହ ଏସିଆନ୍‌ର ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ମ୍ୟାଁମାର ସରକାରଙ୍କ ଏହି ଆଭିମୁଖ୍ୟ ଯୋଗୁଁ ଏସିଆନ୍ ସହ ତାହାର ସମ୍ପର୍କ ଆହୁରି ତିକ୍ତ ହେବା ସହ ଗଣତାନ୍ତ୍ରିକ ପ୍ରକ୍ରିୟା ପୁନରୁଦ୍ଧାର ନେଇ ଚାଲିଥିବା ଅନ୍ତର୍ଜାତୀୟ ଉଦ୍ୟମ ଗୁରୁତର ବାଧାପ୍ରାପ୍ତ ହୋଇଛି ।

## ବସ୍ ଓଲଟି ୭ ମୃତ, ୧୧ ଆହତ

ଚମ୍ବା, ୯ ।୮ (ଏଜେନ୍ସି): ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଏକ ଘରୋଇ ବସ୍ ନିୟନ୍ତ୍ରଣ ହରାଇ ପାହାଡ଼ି ରାସ୍ତାରୁ ତଳକୁ ଓଲଟି ପଡ଼ିବାରୁ ୭ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି ଏବଂ ୧୧ ଜଣ ଗୁରୁତର ଆହତ ହୋଇଛନ୍ତି । ବୈରାଗଡ଼-ତିସା ରାସ୍ତାର ଚାଲୁଞ୍ଜି ମୋଡ଼ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ବୈରାଗଡ଼ରୁ ଚମ୍ବା ଅଭିମୁଖେ ଯାଉଥିବା ଏହି ବସ୍‌ରେ ଚାଳକଙ୍କ ସମେତ ମୋଟ ୧୮ ଜଣ ଯାତ୍ରୀ ଥିଲେ ।

## ଲେଜର୍ ଯୋଗୁଁ ଓହ୍ଲାଇ ପାରିଲାନି ବିମାନ



କୋଲକାତା, ୯।୮ (ଏଜେନ୍ସି): କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବା ସମୟରେ ଏକ ମାଲେସିଆ ଏୟାରଲାଇନ୍ସ ବିମାନର ଚାଳକଙ୍କ ଆଖିରେ ଲେଜର ରଶ୍ମି ପଡ଼ିବାରୁ ସେ ବିଭ୍ରାନ୍ତ ହୋଇଥିଲେ । କୁଆଲାଲମ୍ପୁରରୁ ୧୫୯ ଜଣ ଯାତ୍ରୀଙ୍କୁ ନେଇ ଆସୁଥିବା 'ଏମଏଚ-୧୮୪' ବିମାନଟି ଅବତରଣର କିଛି ସମୟ ପୂର୍ବରୁ ମଧ୍ୟମଗ୍ରାମ-ବାରାସାତ ଅଞ୍ଚଳରୁ ନିର୍ଗତ ହୋଇଥିବା ଏକ ତୀବ୍ର ଲେଜର ରଶ୍ମିର ସମ୍ମୁଖୀନ ହୋଇଥିଲା । ଏହାଦ୍ୱାରା ଚାଳକଙ୍କ ଦୃଷ୍ଟିଶକ୍ତି କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା । ଫଳରେ ବିମାନଟି ନିର୍ଦ୍ଧାରିତ ସମୟରେ ଅବତରଣ ନ କରି ଆକାଶରେ ଚକ୍କର କାଟିବା ପରେ ଶେଷରେ ସୁରକ୍ଷିତ ଭାବେ ଅବତରଣ କରିଥିଲା । ଏହି ଘଟଣାରେ ସମସ୍ତ ଯାତ୍ରୀ ଓ ବିମାନ କର୍ମଚାରୀ ସୁରକ୍ଷିତ ଅଛନ୍ତି । ବିମାନବନ୍ଦର କର୍ତ୍ତୃପକ୍ଷ ଏ ନେଇ ଆରକ୍ଷୀ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ବିମାନବନ୍ଦର ନିକଟରେ ଲେଜର ରଶ୍ମିର ବ୍ୟବହାର ନିଷେଧ ଥିବା ସତ୍ତ୍ୱେ ଏଭଳି ବେଆଇନ କାର୍ଯ୍ୟ ବିମାନ ଚଳାଚଳ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି । ବିମାନ ଅବତରଣ ଓ ଉଡ଼ାଣ ସମୟରେ ଲେଜର ଆଲୋକ ଚାଳକଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇଥିବାରୁ ଆରକ୍ଷୀ ବାହିନୀ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥାହେଲେ ଭାନ୍ସ



ନୂଆଦିଲ୍ଲୀ, ୯ ।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ରାତିରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭ୍ୟାନ୍ସଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇ ଭାରତ-ଆମେରିକା କୂଟନୈତିକ ସମ୍ପର୍କର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି । ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଆମେରିକା ଉପରାଷ୍ଟ୍ରପତି ଭ୍ୟାନ୍ସ ତାଙ୍କୁ ଫୋନ୍ କରିଥିଲେ ଏବଂ ଉଭୟ ଦେଶ ମଧ୍ୟରେ 'ବ୍ୟାପକ ବୈଶ୍ୱିକ ରଣନୈତିକ ସହଭାଗିତା'କୁ ଆହୁରି ମଜବୁତ କରିବା ନେଇ ଆଲୋଚନା ହୋଇଥିଲା । ଏହି ସାକ୍ଷାତକାର ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ, ଭ୍ୟାନ୍ସଙ୍କୁ ଚତୁର୍ଥ ସନ୍ତାନ (ପୁତ୍ର)ର ପିତା ହୋଇଥିବାରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଭ୍ୟାନ୍ସ ମାର୍ଚ୍ଚ ୨୦୨୫ରେ ନିଜ ପତ୍ନୀ ଉଷା ଭ୍ୟାନ୍ସ ଓ ପରିବାର ସହ ଭାରତ ଗସ୍ତ କରିଥିଲେ । ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୭ ପ୍ରାରମ୍ଭରେ ଭାରତ ଗସ୍ତ କରିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ, ରୁଷଠାରୁ ତୈଳ କ୍ରୟ କରୁଥିବା ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇବା ପାଇଁ ଆମେରିକା ସେନେଟ୍‌ରେ ଏକ ବିଲ୍ ଗୃହୀତ ହୋଇଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ସାମ୍ପ୍ରତିକ ବାଣିଜ୍ୟିକ ଓ ସାମରିକ ପରିସ୍ଥିତି ମଧ୍ୟରେ ଭାରତ ଓ ଆମେରିକାର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଏହି ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ନେବାରେ ସହାୟକ ହେବ ।

# ଝାଡ଼ଖଣ୍ଡ ବିଧାନସଭା ଘେରିବେ ଆନ୍ଦୋଳନକାରୀ

ରାଞ୍ଚି, ୯।୮ (ଏଜେନ୍ସି): ଝାଡ଼ଖଣ୍ଡ ସରକାର ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିବାଦ ରବିବାର ଅଧିକ ଘନୀଭୂତ ହୋଇଛି । ଜେପିଏସ୍‌ସି ଏବଂ ଜେଏସ୍‌ଏସ୍‌ସି-ସିଜିଏଲ୍ ପରୀକ୍ଷାରେ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ପରେ ସରକାର ୧୪ତମ ଜେପିଏସ୍‌ସି ପରୀକ୍ଷା ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ । ମାତ୍ର ଆନ୍ଦୋଳନକାରୀ ଛାତ୍ରଛାତ୍ରୀ ସିବିଆଇ ତଦନ୍ତ ଦାବି ଜିଦରେ ଅଟଳ ରହିଛନ୍ତି । ସରକାରଙ୍କ ସହ ଅନେକ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ପରେ ଆସନ୍ତା ଅଗଷ୍ଟ ୧୦ରେ ହଜାର ହଜାର ପରୀକ୍ଷାର୍ଥୀ ଝାଡ଼ଖଣ୍ଡ ବିଧାନସଭା ଅଭିମୁଖେ ବିଶାଳ ପଦଯାତ୍ରା କରିବାକୁ ଘୋଷଣା କରିଛନ୍ତି । ଝାଡ଼ଖଣ୍ଡ ମନ୍ତ୍ରୀ ସୁଦିବ୍ୟ କୁମାର ସୋନୁଙ୍କ ଅନୁଯାୟୀ, ସରକାର ତଦନ୍ତ ପାଇଁ ସିଆଇଡି ଏବଂ ଆର୍ଥିକ କାରବାରର ତଦନ୍ତ ପାଇଁ ଇଡିକୁ ନିୟୋଜିତ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଏହା ବ୍ୟତୀତ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ମନିଟରିଂ କମିଟି ଏବଂ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରି ୯୦ ଦିନ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ସିଜିଏଲ୍ ପରୀକ୍ଷା ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିବାରୁ ସରକାର ଏହାକୁ ଏକପାଖିଆ ଭାବେ ବାତିଲ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ, ଜେପିଏସ୍‌ସିର ତିନିଜଣ ସଦସ୍ୟ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି ।

# ଜାମିନ ନ ମିଳିବାରୁ ବିଚାରପତିଙ୍କୁ ଗୁଣି !



ବିଳାସପୁର, ୯।୮ (ଏଜେନ୍ସି): ଛତିଶଗଡ଼ର ବିଳାସପୁରରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବିଚାରପତିଙ୍କୁ ଗୁଣି ଉଦ୍ୟମ ଘଟଣା ସାମ୍ନାକୁ ଆସିଛି । ଏହି ମାମଲାରେ ରାଜକିଶୋର ନଗରର ବାସିନ୍ଦା ଋଷିକେଶ କୁମାରକୁ ଗିରଫ କରାଯାଇଛି । ଶୁକ୍ରବାର ରାତିରେ ଦେଓରୀ ଗ୍ରାମ ସ୍ଥିତ ଶ୍ମଶାନରେ ୪ ଜଣ ଯୁବକ ଏକାଠି ହୋଇଥିଲେ । ସେମାନେ ହାଇକୋର୍ଟର ମୁଖ୍ୟ ବିଚାରପତି ରମେଶ କୁମାର ସିହ୍ନା ଏବଂ ଅନ୍ୟ ୨ ଜଣଙ୍କ ଫଟୋ ରଖି ଗୁଣିଗାରେଡ଼ି କରୁଥିଲେ । ଗାଁ ମଶାଣୀରେ ସନ୍ଦେହଜନକ କାର୍ଯ୍ୟକଳାପ ଲକ୍ଷ୍ୟ କରି ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ । ଗ୍ରାମବାସୀଙ୍କୁ ଦେଖି ୩ ଜଣ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଥିଲେ । କିନ୍ତୁ ଋଷିକେଶକୁ ଲୋକେ କାବୁ କରି ପୁଲିସ ଜିମା ଦେଇଥିଲେ । ପୁଲିସ ଘଟଣାସ୍ଥଳରୁ ମୁଖ୍ୟ ବିଚାରପତିଙ୍କ ଫଟୋ ସମେତ ଏକ ମାଛ, ଲେମ୍ବୁ, ସିନ୍ଦୂର, ନଡ଼ିଆ ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ ଜବତ କରିଛି । ତଦନ୍ତରୁ ଜଣାପଡିଛି ଯେ, ଋଷିକେଶଙ୍କ ଜଣେ ସମ୍ପର୍କୀୟ ପ୍ରିୟାଂଶୁ ଛୁରାମାଡ଼ ମାମଲାରେ ଜେଲରେ ଅଛନ୍ତି । ତାଙ୍କ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରାଯାଇଛି । ଏହି ସମୟରେ ସାମାଜିକ ଗଣମାଧ୍ୟମରେ ଜଣେ ତାନ୍ତ୍ରିକ ସହ ଋଷିକେଶର ଯୋଗାଯୋଗ ହୋଇଥିଲା । ଶ୍ମଶାନରେ ମୁଖ୍ୟ ବିଚାରପତିଙ୍କ ଫଟୋ ରଖି ଗୁଣି କଲେ ସମ୍ପର୍କୀୟଙ୍କୁ ଜାମିନ ମିଳିଯିବ ବୋଲି ତାନ୍ତ୍ରିକ ଦାବି କରିଥିଲା । ଏହି ଘଟଣା ଆଜିବି ସମାଜରେ ରହିଥିବା ଅନ୍ଧବିଶ୍ୱାସକୁ ଉଜାଗର କରିଛି । ସରକାରୀ ତଥ୍ୟ ଅନୁଯାୟୀ, ଛତିଶଗଡ଼ରେ ଗତ ୫ ବର୍ଷ ମଧ୍ୟରେ ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ି ଯୋଗୁଁ ପ୍ରାୟ ୮୩ ଜଣଙ୍କର ମୃତ୍ୟୁ ଘଟିଛି । ପୁଲିସ ବର୍ତ୍ତମାନ ଋଷିକେଶକୁ ଅଟକ ରଖି ପଚରାଉଚରା ଜାରି ରଖିବା ସହ ଫେରାର ଅନ୍ୟ ୩ ଅଭିଯୁକ୍ତଙ୍କୁ ଖୋଜୁଛି ।

# ୪ଟି ହାଇକୋର୍ଟରେ ନୂଆ ମୁଖ୍ୟ ବିଚାରପତି ପାଇଁ ସୁପାରିସ



ନୂଆଦିଲ୍ଲୀ, ୯ ।୮ (ଏଜେନ୍ସି): ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମ୍ କୋର୍ଟ କଲେଜିୟମ୍ ଦେଶର ୪ଟି ହାଇକୋର୍ଟରେ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ସୁପାରିସ କରିଛନ୍ତି । ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି କାମେଶ୍ୱର ରାଓଙ୍କୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି କରାଯିବାକୁ ପ୍ରସ୍ତାବ ଦିଆଯାଇଛି । ସେହିପରି ବମ୍ବେ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ରବୀନ୍ଦ୍ର ବିଠଲରାଓ ଘୁଗେଙ୍କୁ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି, ଆଲାହାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମହେଶ ଚନ୍ଦ୍ର ତ୍ରିପାଠୀଙ୍କୁ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ପଞ୍ଜାବ ଓ ହରିୟାଣା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅଶ୍ୱିନୀ କୁମାର ମିଶ୍ରଙ୍କୁ ସେହି ହାଇକୋର୍ଟର ସ୍ଥାୟୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିବାକୁ ସୁପାରିସ କରାଯାଇଛି । ଏହାସହିତ ଓଡ଼ିଶା ହାଇକୋର୍ଟର ଦୁଇ ଜଣ ବିଚାରପତିଙ୍କ ବଦଳି ଲାଗି ମଧ୍ୟ ସୁପାରିସ କରାଯାଇଛି । ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଗୁଜରାଟ ହାଇକୋର୍ଟ ଏବଂ ଜଷ୍ଟିସ କୃଷ୍ଣ ରାମ ମହାପାତ୍ରଙ୍କୁ ଛତିଶଗଡ଼ ହାଇକୋର୍ଟକୁ ବଦଳି ଲାଗି ସୁପାସରିସ କରିଛି କଲେଜିୟମ୍ । ଏହି ସୁପାରିସଗୁଡ଼ିକୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଛି ଏବଂ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହା କାର୍ଯ୍ୟକାରୀ ହେବ ।

# ଆଦିବାସୀ ଭାଇଭଉଣୀଙ୍କୁ ଉଡ଼ିବାର ସୁଯୋଗ ଦେଇଥିଲା ବିଜେଡି: ସୁଜାତା

## ଆଦିବାସୀ କଲ୍ୟାଣ କ୍ଷେତ୍ରରେ ଦେଶରେ ମଡେଲ ପାଲଟିଥିଲା ବିଜେଡି ସରକାର

ଭୁବନେଶ୍ୱର,୯।୮(ସମିସ): ଆମ ଆଦିବାସୀ ଭାଇ ଓ ଭଉଣୀମାନଙ୍କ ପାଇଁ ବିଜେଡି ସରକାର ସେମାନଙ୍କ ଆଧାର, ଐତିହ୍ୟ ଓ ପରମ୍ପରାକୁ ମଜବୁତ କରିଥିଲା। ଏଥିସହିତ ସେମାନଙ୍କୁ ଡେଣା ମେଲି ଉଡ଼ିବାର ସୁଯୋଗ ମଧ୍ୟ ଦେଇଥିଲା। ଯାହାଫଳରେ ସେମାନେ ବିଶ୍ୱରେ ନିଜକୁ ପ୍ରମାଣିତ କରିପାରିବେ ଏବଂ ନିଜର ସ୍ୱରକୁ ବିଶ୍ୱସ୍ତରରେ ପହଞ୍ଚାଇପାରିବେ ବୋଲି କହିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ।

**ଜେନ୍-ଜି ଦେଶର ଭବିଷ୍ୟତ, ବିଜେଡି ସେମାନଙ୍କ ପଛରେ ଦୃଢ଼ ଭାବରେ ଠିଆ ହୋଇଛି**



ରବିବାର ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଗଣମାଧ୍ୟମ ପ୍ରଶ୍ନରେ ସୁଜାତା କହିଛନ୍ତି ଯେ ଆମେ ଆଦିବାସୀ ସମାଜର ସଂସ୍କୃତି, ପରମ୍ପରା, ପାରମ୍ପରିକ ଜ୍ଞାନ, ଲୋକଗୀତ, ଇତିହାସ, ଆମ ଆଦିବାସୀ ସମୁଦାୟର ବୀରତ୍ୱ ଏବଂ ସେମାନଙ୍କର ଗୌରବମୟ ଇତିହାସ ଓ ସଂସ୍କୃତି ବିଷୟରେ ଆଲୋଚନା କରିଛୁ। ଆଦିବାସୀ ସମ୍ପ୍ରଦାୟର ଅଧିକାର ଓ ସଶକ୍ତିକରଣ ବିଷୟରେ ମଧ୍ୟ ଆଲୋଚନା କରିଛୁ। ବିଜୁ ଜନତା ଦଳ ସବୁବେଳେ ସେବାଭିତ୍ତିକ ରାଜନୀତି ଏବଂ ସଶକ୍ତିକରଣ ଭିତ୍ତିକ ଶାସନରେ ବିଶ୍ୱାସ କରେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ୨୪ ବର୍ଷର ଶାସନ କାଳରେ ବିଜେଡି ସରକାର ଆଦିବାସୀ ଭାଇ ଭଉଣୀଙ୍କ ପାଇଁ ଅନେକ ଏଭଳି ପଦକ୍ଷେପ ନେଇଥିଲା, ଯାହା ସମଗ୍ର ଦେଶ ପାଇଁ ଏକ ମଡେଲ୍ ହୋଇଛି ଏବଂ ପରବର୍ତ୍ତୀ ସମୟରେ ଅନେକ ରାଜ୍ୟ ମଧ୍ୟ ଏହାକୁ ଅନୁସରଣ କରିଛନ୍ତି। ଆଦିବାସୀ ଇତିହାସ ଓ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରୋତ୍ସାହନ ସହ ସମୋନଙ୍କର ନୃତ୍ୟ ଓ କଳାର ପ୍ରଚାର ପ୍ରସାର ପାଇଁ ପାଇଁ ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିବା ଏକ ଅନନ୍ୟ ପଦକ୍ଷେପ ଥିଲା। ମିଶନ ଶକ୍ତି ଦ୍ୱାରା ଜନଜାତି ଭଉଣୀମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ମିଳିପାରିଥିଲା। ଆଦିବାସୀ ଭାଇଭଉଣୀମାନଙ୍କ ପୂଜାସ୍ଥଳୀର ସଂରକ୍ଷଣ ପାଇଁ କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ରୋଜଗାର ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥିଲା। ସେହିପରି ୧୬୯ ଜନଜାତି ବର୍ଗକୁ ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ତତ୍କାଳୀନ ବିଜେଡି ସରକାର ଦାବି ରଖିଥିଲେ ବୋଲି ସୁଜାତା କହିଛନ୍ତି। ସେହିପରି ଜେନ ଜି ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ଜେନ୍ ଜି ହେଉଛନ୍ତି ଆମ ଦେଶ ଓ ଆମ ରାଜ୍ୟର ଭବିଷ୍ୟତ। ଆମେ ସେମାନଙ୍କ ପାଇଁ ବହୁତ ଗର୍ବିତ। ସେମାନେ ହିଁ ଆମ ଦେଶ ଓ ରାଜ୍ୟକୁ ଆଗକୁ ନେଇ ଯିବେ। ବିଜୁ ଜନତା ଦଳ ଜେନ୍ ଜିଙ୍କ ପଛରେ ଦୃଢ଼ ଭାବରେ ଠିଆ ହୋଇଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ସୁପ୍ରିମ୍‌କୋର୍ଟ କଲେଜିୟମ୍‌ଙ୍କ ସୁପାରିସ**

# ଓଡ଼ିଶା ହାଇକୋର୍ଟରୁ ଦୁଇ ବିଚାରପତିଙ୍କ ବଦଳି

କଟକ,୯।୮(ସମିସ): ଓଡ଼ିଶା ହାଇକୋର୍ଟର ଦୁଇ ଜଣ ବରିଷ୍ଠ ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ କୃଷ୍ଣ ରାମ ମହାପାତ୍ରଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ଜଷ୍ଟିସ ପାଠକଙ୍କ ଗୁଜୁରାଟ ହାଇକୋର୍ଟକୁ ଓ ଜଷ୍ଟିସ ମହାପାତ୍ରଙ୍କ ଛତିଶଗଡ଼ ହାଇକୋର୍ଟକୁ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିମୟ ସୁପାରିସ କରିଥିବା ଜଣାପଡିଛି। ଅଗଷ୍ଟ ୬ରେ ଅନୁଷ୍ଠିତ ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ଏହି ବଦଳି ନିଷ୍ପତ୍ତି ନିଆଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଥାଉକି ଜଷ୍ଟିସ ମାନସ ରଞ୍ଜନ ପାଠକ ୨୦୧୩, ମେ ୨୨ରେ ଗୌହାଟୀ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ପରେ ସେ ୨୦୨୫, ଜୁଲାଇ ୨୧ରୁ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ବଦଳି ହୋଇ କାର୍ଯ୍ୟ କରି ଆସୁଛନ୍ତି। ସେହିଭଳି ଜଷ୍ଟିସ କୃଷ୍ଣରାମ ମହାପାତ୍ର ୨୦୧୫, ଏପ୍ରିଲ ୧୭ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ ଯେ, ଓଡ଼ିଶା ହାଇକୋର୍ଟର ମଞ୍ଜୁରିପ୍ରାପ୍ତ ବିଚାରପତି ସଂଖ୍ୟା ୩୩ ହୋଇଥିବା ବେଳେ ଏବେ ମୁଖ୍ୟ ବିଚାରପତିଙ୍କ ସମେତ ୧୭ଜଣ ବିଚାରପତି ଅଛନ୍ତି।

ୱେବ୍‌ସାଇଟରେ ଉପଲବ୍ଧ ତଥ୍ୟ ଅନୁସାରେ ଅଗଷ୍ଟ ୬ ସୁଦ୍ଧା ୧ ଲକ୍ଷ ୭୦ ହଜାର ୭୧୬ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି।

# ଜୁଏଲାରୀ ମାଲିକଙ୍କ କାର୍ ଉପରକୁ ଗୁଳିମାଡ଼



ସୋର,୯।୮(ସମିସ): ଜଣେ ଜୁଏଲାରୀ ମାଲିକଙ୍କ କାର୍ ଉପରକୁ ଗୁଳିମାଡ଼ କରିଛନ୍ତି ଦୁର୍ବୃତ୍ତ। ଜୁଏଲାରୀ ମାଲିକ ହରେକୃଷ୍ଣ ସାହୁ କୁପାରୀରୁ ଦୋକାନ ବନ୍ଦ କରି ଘର ପଦୁନାକୁ ଫେରୁଥିବାବେଳେ ୪ରୁ ଅଧିକ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସେ ଘର ନିକଟରେ ହୋଇଥିବାବେଳେ ୪ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ପରେ ଆଉ ଦୁଇ ରାଉଣ୍ଡ ଗୁଳି ଚାଳନା କରି ଲୁଟ୍ ଉଦ୍ୟମ କରିଥିଲେ। ଏଥିସହ ସେ ଗୋଟିଏ ବାଇକ୍ ଛାଡ଼ି ପଳାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ବାଇକ୍ ସହ ଗୁଳି ଜବତ କରିଛି।

**ଚାଷୀଙ୍କୁ ଅଡୁଆ ସରକାରୀ ନିୟମ**

# ବାପାଙ୍କ ନାଁରେ ଜମି ଥିଲେ ପୁଅ କରିପାରୁ ନାହାନ୍ତି ପଞ୍ଜୀକରଣ

ଭୁବନେଶ୍ୱର,୯।୮(ସମିସ): ରାଜ୍ୟରେ ଧାନ କିଣା ପଞ୍ଜିକରଣ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଥିର ପଞ୍ଜିକରଣ ପାଇଁ ବହୁ ଜଟିଳ ବ୍ୟବସ୍ଥା କରାଯାଇ ଥିବାରୁ, ଚାଷୀଙ୍କୁ ନାକେଦମ୍ ହେବାକୁ ପଡୁଛି। ଏଗ୍ରୀଷ୍ଟେକ୍ ଆଇଡି ସାଙ୍ଗକୁ ବାପାଙ୍କ ନାମରେ ଜମି ଥିଲେ ପୁଅ ମଧ୍ୟ ପଞ୍ଜିକରଣ ପାଇଁ ଅଯୋଗ୍ୟ ବିବେଚିତ ହେଉଛନ୍ତି। ଏହାସହିତ ଭାଗଚାଷୀଙ୍କ ପାଇଁ ବ୍ୟବସ୍ଥା ଏତେ ଜଟିଳ ହୋଇଯାଇଛି ଯେ, ସେମାନେ ପଞ୍ଜିକରଣ କରିପାରିବେ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ସରକାର ଓ ଯୋଗାଣ ବିଭାଗର ଏଭଳି ଜଟିଳ ବ୍ୟବସ୍ଥାକୁ ଦେଖି, କେବଳ ଚାଷୀଙ୍କଠାରୁ ଧାନ ନ କିଣିବା ପାଇଁ ସରକାର ଏହି ବ୍ୟବସ୍ଥାକୁ ଆପଣାଇଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ବଡ଼ କଥା ହେଉଛି ଯେ ଆଗ୍ରୀଷ୍ଟେକ୍ ଆଇଡି ପାଇଁ ନିଜ ନାମରେ ଜମି ପଟ୍ଟା ଥିବା ଆବଶ୍ୟକ। ତେଣୁ ଯେଉଁମାନଙ୍କ ବାପାଙ୍କ ନାମରେ ଜମି ଅଛି, ଓ ଆର୍‌ଓଆର୍‌ରେ ପୁଅଙ୍କ ନାମ ନାହିଁ ସେମାନଙ୍କ ପାଇଁ ଏବେ ଅଡୁଆ ବଢ଼ିଛି।

ଅନ୍ୟପଟେ ଘଡ଼ିକେ ଘୋଡ଼ା ଛୁଟିଲା ଭଳି ଏବେ ଭାଗଚାଷୀଙ୍କ ଧାନ ବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ପାଇଁ ଖୁବଶୀଘ୍ର ଏକ ଆପ୍ ଆସିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏହି ଆପ୍ ଜରିଆରେ ଜମି ମାଲିକ ନିଜେ ନ ଆସିଲେ ମଧ୍ୟ ସମ୍ମତି ଦେଇପାରିବେ, ଯାହାଦ୍ୱାରା ଭାଗଚାଷୀମାନଙ୍କୁ ପଞ୍ଜୀକରଣ କରିବାରେ ଆଉ କୌଣସି ଅସୁବିଧା ହେବନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ହେଲେ କେବେ ଏହି ଆପ୍ ଆସିବ ଓ ଭାଗଚାଷୀମାନେ ପଞ୍ଜିକରଣ କରିବେ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ଖରିଫ ପଞ୍ଜାକରଣ

- ଚାଷୀଙ୍କୁ ଗୋଲକଧନ୍ଦାରେ ଫସାଇଛନ୍ତି ସରକାର
- ପଞ୍ଜୀକରଣ ବଦଳରେ ପଟ୍ଟା ସଂଶୋଧନ ପାଇଁ ଦୌଡୁଛି ଚାଷୀ

ପାଇଁ ଅଗଷ୍ଟ ୩୧ ତାରିଖକୁ ଶେଷ ତାରିଖ ଭାବେ ଧାର୍ଯ୍ୟ ହୋଇଛି। ହାତରେ ଆଉ ମାତ୍ର ୨୦ ଦିନ ସମୟ ରହିଥିବାରୁ ଆପ୍ କେବେ ଆସିବ ଓ ରାଜ୍ୟର ଲଘ ଲଘ ଭାଗଚାଷୀ ପଞ୍ଜୀକରଣ କରିବେ ତାହା ଏବେ ପ୍ରଶ୍ନ ଘେରରେ ରହିଛି। ଅନ୍ୟପଟେ ମନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ପଞ୍ଜୀକରଣ ପାଇଁ ଏଗ୍ରୀଷ୍ଟେକ୍ ଆଇଡି ବାଧ୍ୟତାମୂଳକ ନୁହେଁ। ବିନା ଆଇଡିର ମଧ୍ୟ ଚାଷୀମାନେ ନାମ ପଞ୍ଜୀକରଣ କରିପାରିବେ। ତେବେ ଟୋକନ୍ ମିଳିବା ପୂର୍ବରୁ ଅର୍ଥାତ୍ ନଭେମ୍ବର ମାସ ସୁଦ୍ଧା ଏହି ଆଇଡି ପ୍ରଦାନ କରିବାକୁ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନା ଥାଉ କି ଖରିଫ୍ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ହେଲେ ପଞ୍ଜୀକରଣ ପାଇଁ ଆବଶ୍ୟକ କାଗଜପତ୍ର, ନିୟମକୁ ନେଇ ଚାଷୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଭାଗ ଚାଷୀମାନେ ପଞ୍ଜୀକରଣ ପାଇଁ ଜମି ମାଲିକଙ୍କ ସହମତି ପତ୍ର କେମିତି ଆଣିବେ? ସେ ନେଇ ଚିନ୍ତାରେ ପଡିଛନ୍ତି। ସେହିପରି ଆଗ୍ରୀଷ୍ଟେକ୍ ନମ୍ବର ଅଡୁଆ ବଢ଼ାଇଛି। ଧାନ ବିକ୍ରି କରିବାକୁ ଚାଷୀ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେଉଥିଲେ ବି ସରକାରଙ୍କ ଚେତା ପଶୁନି। ଖରିଫରେ ଯାହା ହୋଇଥିଲା ରବି ଋତୁରେ ବି ସମାନ ଚିତ୍ର ଦେଖିବାକୁ ମିଳିଥିଲା। ପଞ୍ଜିକରଣ ଆରମ୍ଭରୁ କାଗଜପତ୍ର ଦାଖଲ କରିନପାରି ଚାଷୀ ଅସୁବିଧାରେ ପଡିଥିଲା। ତାପରେ ଟୋକନ ସମସ୍ୟା ଯୋଗୁଁ ଧାନ ବିକ୍ରି କରିବାକୁ ଚାଷୀ ନୟାନ୍ତ ହୋଇଥିଲେ। ଏତେ ପରେ ବି ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ, ସମବାୟ ବିଭାଗ ଓ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମଧ୍ୟରେ ସାମାନ୍ୟ ସମନ୍ୱୟ ରହୁନାହିଁ। ଫଳସ୍ୱରୂପ ବର୍ଷକୁ ବର୍ଷ ଧାନ ବିକ୍ରି, ପାଇଁ ଚାଷୀଙ୍କ ଚିନ୍ତା ବଢ଼ି ବଢ଼ି ଚାଲିଛି। କୃଷକ ରେଜିଷ୍ଟ୍ରି ସଂଖ୍ୟା ପାଇଁ ଅଧିକାଂଶ ଚାଷୀଙ୍କୁ ପଟ୍ଟା ସଂଶୋଧନ କରିବାକୁ ପଡ଼ିବ। ଯାହାଫଳରେ ଏଥର ଖରିଫରେ ଚାଷୀ ଟୋକନରେ ଧାନ ବିକ୍ରି କରିପାରିବେ ନା ନାହିଁ ସନ୍ଦେହ ସୃଷ୍ଟି ହୋଇଛି।

**ଶିକ୍ଷକ ଓ କର୍ମଚାରୀଙ୍କୁ ପ୍ରତାରଣା କରୁଛନ୍ତି ସରକାର**

# ଆସନ୍ତା ୧୬ରେ ରାଜଧାନୀରେ ଗର୍ଜିବେ ଶିକ୍ଷକ-ଅଧ୍ୟାପକ




ଭୁବନେଶ୍ୱର,୯।୮(ସମିସ): ଶିକ୍ଷକ ଓ ଅଧ୍ୟାପକମାନେ ସେମାନଙ୍କ ଦାବି ନେଇ ଆନ୍ଦୋଳନ କରୁଛନ୍ତି। ଦାବି ପୂରଣ କରିବାକୁ ସରକାର ପ୍ରତିଶ୍ରୁତି ଦେବାପରେ ଆନ୍‌ଦୋଳନ ପ୍ରତ୍ୟାହାର କରୁଛନ୍ତି। ମାତ୍ର ସରକାର କୌଣସି ଦାବି ପୂରଣ କରୁ ନାହାଁନ୍ତି। ବରମ୍ବାର ପ୍ରତାରଣାର ଶିକାର ହେଉଥିବା ଶିକ୍ଷକମାନେ ଆସନ୍ତା ୧୬ ତାରିଖ ଶିକ୍ଷକ ଦାବି ଦିବସରେ ବିଧାନସଭା ସମ୍ମୁଖରେ ବିରାଟ ଆନ୍‌ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଆଜି ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଘୋଷଣା କରାଯାଇଛି।

ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ, ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ, ଅବସର ନେଇଥିବା ଓ ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ୍, ଖାଲି ପଡିଥିବା ପଦରେ ନିଯୁକ୍ତି ଓ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ କରିବାକୁ ସମିତି ବାରମ୍ବାର ଦାବି କରୁଛି। ସରକାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବାରୁ ଗତ ୫ ତାରିଖରେ ରାଜ୍ୟର ସମସ୍ତ ବ୍ଲକରୁ ବିଡିଓଙ୍କ ଜରିଆରେ, ଅଗଷ୍ଟ ୭ ରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ୪ ଦଫା ଦାବିପତ୍ର

**ମହାସମାବେଶ ସହ ଅହୋରାତ୍ର ଗଣଧାରଣା ପାଇଁ ସମନ୍ୱୟ ସମିତିର ଚେତାବନୀ**

ସରକାରଙ୍କୁ ଦିଆଯାଇଛି। ଆସନ୍ତା ୧୬ ତାରିଖ ମଧ୍ୟରେ ସେମାନଙ୍କ ଦାବି ପୂରଣ ନହେଲେ ମହାସମାବେଶ କରିବା ସହିତ ଦାବି ହାସଲ ପର୍ଯ୍ୟନ୍ତ ଅହୋରାତ୍ର ଗଣଧାରଣା ଦିଆଯିବ ବୋଲି ସମିତି ପକ୍ଷରୁ ସେ ଚେତାବନୀ ଦେଇଛନ୍ତି।

ସେହିପରି ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ଗ୍ରେଡପେ ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୨ କୁ ବୃଦ୍ଧି, ପୁରୁଣା ପେନସନ୍ ଲାଗୁ କରିବା ଏବଂ ସମସ୍ତ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସମିତି ଦାବି ରଖିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମଧୁସୂଦନ ଦେଙ୍କ ସମେତ ବହୁ ଶିକ୍ଷକ ପ୍ରତିନିଧି ସାମିଲ ହୋଇଥିଲେ।

# ୧୩୨୬ ନବନିଯୁକ୍ତଙ୍କୁ ଆଜି ମିଳିବ ନିଯୁକ୍ତିପତ୍ର

ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ୧୩୨୬ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ମଞ୍ଚେଶ୍ୱରସ୍ଥିତ ରେଲୱେ ଅଡିଟୋରିୟମରେ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିବେ।

ନବନିଯୁକ୍ତ ପ୍ରାର୍ଥୀଙ୍କ ମଧ୍ୟରେ ହାଉସିଂ ଆଣ୍ଡ ଅର୍ବାନ ଡେଭଲପମେଣ୍ଟ ବିଭାଗରେ ୩୬୪ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୬୧ ଜଣ ଜୁନିୟର ଇଞ୍ଜିନିୟର (ସିଭିଲ୍) ନିଯୁକ୍ତି ପତ୍ର ପାଇବେ। ସେହିପରି ଶକ୍ତି ବିଭାଗ ଅଧୀନରେ ଥିବା ଓଏଚ୍‌ପିସିରେ ୨୪୦ ଜଣ, କୃଷି ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୧୧୧ ଜଣ ସହକାରୀ ପ୍ରଫେସର, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗରେ ୮୬ ଜଣ, କ୍ରୀଡ଼ା ଓ ଯୁବ ସେବା ବିଭାଗରେ ୨୬ ଜଣ ଜୁନିୟର କୋଚଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ବାଣ୍ଟିବେ। ଏହାସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ଏବଂ ଅବକାରୀ ବିଭାଗରେ ୧୦ ଜଣ ଏକ୍ସାଇଜ୍ ସବ୍-ଇନ୍ସପେକ୍ଟରଙ୍କୁ ନିଯୁକ୍ତି ମିଳିବ।

**ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ତେଜିଲା**

# ଯୁବ କଂଗ୍ରେସର ବିରାଟ ମଶାଲ ଶୋଭାଯାତ୍ରା



ଭୁବନେଶ୍ୱର,୯।୮(ସମିସ): ପ୍ରଶ୍ନପତ୍ର ପ୍ରଘଟ ଓ ସରକାରୀ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରତିବାଦରେ ବିରାଟ ମଶାଲ ଶୋଭାଯାତ୍ରା କରିଛି କଂଗ୍ରେସ। କଂଗ୍ରେସ ଭବନ ଠାରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଏକ ବିଶାଳ ମଶାଲ ଶୋଭାଯାତ୍ରାରେ ଯୁବ କଂଗ୍ରେସର ହଜାର ହଜାର କର୍ମକର୍ତ୍ତା ସାମିଲ ହୋଇ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ଶୋଭାଯାତ୍ରାରେ ଯୋଗଦେଇ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଛାତ୍ର ସ୍ୱାର୍ଥ ବିରୋଧି ନୀତି ବିରୋଧରେ ବର୍ଷିଛନ୍ତି। ସେ କହିଛନ୍ତି, ପ୍ରଶ୍ନପତ୍ର ପ୍ରଘଟର ମୁଖ୍ୟ ଖଳନାୟକ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ତାଙ୍କୁ ବିଜେପି ଦଳ ପକ୍ଷରୁ ଯେଉଁ ସମ୍ବର୍ଦ୍ଧନା ଦିଆଯାଉଛି ତାହା ଦୁର୍ଭାଗ୍ୟପୂର୍ଣ୍ଣ। ଅପରାଧକୁ ବିଜେପି ତ୍ୟାଗ ବୋଲି ଦର୍ଶାଉଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀ ଛାତ୍ରଛାତ୍ରୀଙ୍କୁ କ୍ଷମା କରିଦେଲୁ ବୋଲି କହିବା ହାସ୍ୟାସ୍ପଦ। କାରଣ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କୁ ଅମାନବୀୟ ଅତ୍ୟାଚାର କରିବାକୁ ନିର୍ଦ୍ଦେଶ ଦେଇଥିବା ମୋଦୀଜୀ କ୍ଷମା ନ ମାଗି, କ୍ଷମା କରିଦେଲି ବୋଲି କହିବା କେତେଦୂର ଯଥାର୍ଥ ବୋଲି ଉଦୟଭାନୁ ଚିବ୍ ପ୍ରଶ୍ନ କରିଛନ୍ତି।

**ପ୍ରଶ୍ନପତ୍ର ପ୍ରଘଟ ଓ ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ ପ୍ରତିବାଦ**

କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗ ଦେଇ କହିଲେ ଯେ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହୋଇପଡିଛି। ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପାଠ୍ୟ ପୁସ୍ତକରେ ୨୦୦୦ ସାଙ୍ଘାତିକ ତ୍ରୁଟି ପାଇଁ ସରକାର ଦୋଷ ଦେଉନାହାନ୍ତି। ଓଡ଼ିଶାର ଲକ୍ଷଲକ୍ଷ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କର ବିଶ୍ୱାସରେ ସରକାର ବିଷ ଦେଇଛନ୍ତି। ପାଠ୍ୟ ପୁସ୍ତକରେ ଯାହା ସ୍ଥାନିତ ହୋଇଛି ତାକୁ ପଢ଼ିଲେ ଆମର ଭବିଷ୍ୟତ ପିଢ଼ୀ ମଣିଷ ହୋଇପାରିବ ତ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ସରକାର ଓଡ଼ିଶାର ସ୍ୱାଭିମାନ, ପରମ୍ପରା, ଐତିହ୍ୟ, ଅସ୍ମିତା, ଇତିହାସ ଓ ଭାଷାକୁ ସଂପୂର୍ଣ୍ଣ ଭାବରେ ପଦାଘାତ କରିଛନ୍ତି ବୋଲି ପାଠ୍ୟପୁସ୍ତକରେ ପରିଦୃଷ୍ଟ ତ୍ରୁଟିରୁ ସ୍ପଷ୍ଟ ହୋଇପଡିଛି। ସୁତରାଂ ଏ ସରକାର ଛାତ୍ରଛାତ୍ରୀ ବିରୋଧି ସରକାର ବୋଲି ସେ କହିଛନ୍ତି। ଓଡ଼ିଶା ପ୍ରଭାରୀ ଲାଲଜୀ ଭାଇ ଦେଶାଇ ଓଡ଼ିଶାରେ ମୋହନ ସରକାରରେ ଶିକ୍ଷା ବ୍ୟବସ୍ଥା ଅଗ୍ରହଣୀୟ ହୋଇପଡ଼ୁଛି କହି ସମାଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଆଇସିସି ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମାନସ ଚୌଧୁରୀ, ୟାଶୀର ନୱାଜ ପ୍ରମୁଖ ସାମିଲ ହୋଇଥିଲେ।

**ଛାତ୍ର କଂଗ୍ରେସର ଦୁଇଦିନିଆ ଅହୋରାତ୍ର ଧାରଣା ଶେଷ**

# ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରଉ ବେଳେ ପୁଲିସ ସହ ଧସ୍ତାଧସ୍ତି

ଭୁବନେଶ୍ୱର,୯।୮(ସମିସ): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବହିଷ୍କାର ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଦୁଇଦିନିଆ ଅହୋରାତ୍ର ଧାରଣା ଶେଷ ହୋଇଛି। ଏହି ଅବସରରେ ଲୋୟର ପିଏମଜି ସ୍ଥିତ ଧାରଣାସ୍ଥଳରୁ ଛାତ୍ର କଂଗ୍ରେସର ନେତୃବର୍ଗ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସରକାରୀ ବାସଭବନକୁ ଘେରାଉ କରିବାପାଇଁ ଏକ ରାଲି ଯୋଗେ ଯାଉଥିବା ବେଳେ ପୁଲିସ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ଦୁଇଦିନିଆ ଅହୋରାତ୍ର ଧାରଣାର ନେତୃତ୍ୱ ନେଇଥିବା ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ବିଭୁତି ଭୂଷଣ ମହାପାତ୍ର କହିଥିଲେ ଯେ ଏହାପରେ ଆମର ଆନ୍ଦୋଳନ କଲେଜ ସମ୍ମୁଖରେ ହେବ। ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନକୁ ଅଗଣତାନ୍ତ୍ରିକ ଭାବେ ବନ୍ଦ କରିଦିଆଯାଇଛି। ନିର୍ବାଚନ କରିବାପାଇଁ ସରକାରଙ୍କ ପକ୍ଷରୁ କୁହାଯାଉଛି, କିନ୍ତୁ ଏହା କାର୍ଯ୍ୟକାରୀ ହେଉନାହିଁ। ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବା ବେଳେ ଏହା ବରୋଧରେ ଛାତ୍ର ଆନ୍ଦୋଳନକୁ ଭୟ କରି ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରି ରଖାଯାଇଛି ବୋଲି ସେ କହିଛନ୍ତି। ଏଥିପାଇଁ ସେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ସେହିଭଳି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜଣେ ଅପାରଗ ମନ୍ତ୍ରୀ ବୋଲି ଓଡ଼ିଶାର ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଅନୁଭବ କରିଛନ୍ତି। ଓଡ଼ିଶାର ଗଣଶିକ୍ଷା ବ୍ୟବସ୍ଥାକୁ ସେ ଏଭଳି ପରିସ୍ଥିତିରେ ପହଞ୍ଚାଇ ଦେଇଛନ୍ତି ଯେ ଯାହାକି ଘରେ ଘରେ ଚର୍ଚ୍ଚା ହେଉଛି। ସ୍କୁଲ ପିଲାଙ୍କର ବହିକୁ ସେ ରଫ ଖାତାରେ ପରିଣତ କରିଦେଇଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଦୁଇହଜାର ସାଂଘାତିକ ଭୁଲ ଗଣ୍ଡଙ୍କର ମୁର୍ଖାମୀର ପରିଚୟ ଦେଇଛି। ନିଜ ଦାୟିତ୍ୱକୁ ଠିକରେ ସମ୍ଭାଳିନପାରି ମଧ୍ୟ ମନ୍ତ୍ରୀ ପଦବୀରେ ଏବେବି ଗଣ୍ଡ ମଜବୁତ ହେଇ ବସିଛନ୍ତି। ବିଜେପି ଦଳ ଓ ବିଜେପି ସରକାର କିଭଳି ଭାବରେ ରାଜ୍ୟର ଭବିଷ୍ୟତଙ୍କୁ ସହ ଖେଳଖେଳିପାରେ ତାହାର ଉଦାହରଣ ପାଠ୍ୟପୁସ୍ତକରେ ସ୍ପଷ୍ଟ ହୋଇପଡ଼ିଛି। ସୁତରାଂ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ତଥା ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର କଂଗ୍ରେସ ଦୃଢ଼ ଦାବି କରିଛି।



# ବର୍ଷାରେ ଭିଜୁଛି ତାଳଚେର



ତାଳଚେର, ୯ ।୮ (ସମିସ): ଶନିବାର ଅପରାହ୍ଣ ସାଢ଼େ ୩ଟାରୁ ତାଳଚେର ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି। ବିଲମାଳ, କୂଅପୋଖରୀ, ଯୋର, ହ୍ରଦ, ନାଳ ସବୁ ପୂର୍ଣ୍ଣ ହୋଇଯାଇଛି। ରାସ୍ତାରେ ବର୍ଷାଜଳ ଜମି ରହିଥିବାରୁ ଖାଲଢିପ ଜଣାପଡୁନାହିଁ। ଦୁଇଚକିଆଯାନ ଯାତାୟାତ କଲାବେଳେ ଚକ ଅଧା ପାଣିରେ ବୁଡ଼ି ଯାଉଛି। କଳାପାଣି ସହ କାଦୁଅ ରାସ୍ତା, ବାଇପାସ୍ ରାସ୍ତାର ଦୁଇପାଶ୍ୱର୍ରେ କୋଇଲା କାଦୁଅର ମୋଟା ଆସ୍ତରଣ ଜମି ରହିଛି। ସେହିପରି ବାଙ୍କଧରା ଛକରୁ ଟାଇଁପାଳ ପର୍ଯ୍ୟନ୍ତ ଏବଂ ସହରର ଗଳିକନ୍ଦିଗୁଡ଼ିକ ମଧ୍ୟ ସବୁଠି ସମାନ ଦଶା। ଜାତୀୟ ରାଜପଥରେ ଯାତାୟାତ କରିବା ଯମଯନ୍ତ୍ରଣା ପାଲଟିଛି। ବର୍ଷାଯୋଗୁଁ ଡ୍ରେନ୍ ପାଣି ରାସ୍ତା ଉପରକୁ ଚାଲିଆସି ଅଳିଆ ଆବର୍ଜନା ସହ ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି।

# ଚିତ୍ରକୂଟ ମନ୍ଦିର ସମ୍ମୁଖ ଡ୍ରେନ୍ ଭାଙ୍ଗିଲା

ତାଳଚେର, ୯ ।୮ (ସମିସ): ତାଳଚେର ପୌରପରିଷଦ କାର୍ଯ୍ୟାଳୟଠାରୁ ମାତ୍ର ୫ଶହ ମିଟର ଦୂରରେ ଥିବା ଚିତ୍ରକୂଟ ଗଣେଶ ମନ୍ଦିର ସମ୍ମୁଖ ରାସ୍ତାରେ ଥିବା ଡ୍ରେନ୍



ଭାଙ୍ଗିଯାଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଡ୍ରେନ୍ ପାଣିର ସୁଅ ଛୁଟିବା ସହ ଘର ଭିତରେ ପଶୁଛି। ଅନ୍ୟ ଦିନଗୁଡ଼ିକରେ ଡ୍ରେନର ଆବର୍ଜନା ପାଣି ଯୋଗୁଁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବା ସାହି ବାସିନ୍ଦା ପ୍ରକାଶ କରିଛନ୍ତି। ସାହିର ପ୍ରତ୍ୟେକ ଘରୁ ବାହାରୁଥିବା ଆବର୍ଜନା ଜଳ ଆସି ଡ୍ରେନ୍‌ରେ ପଡ଼ିବା ସହ ଭଙ୍ଗାଦଦରା ଅବସ୍ଥାରେ ରହିଥିବା ଡ୍ରେନରୁ ଜଳ ଅନ୍ୟତ୍ର ପ୍ରବାହିତ ନ ହୋଇ ରାସ୍ତା ଉପରକୁ ଚାଲି ଆସୁଥିବା ପଥଚାରୀମାନେ ଅଭିଯୋଗ କରୁଛନ୍ତି। ତୁରନ୍ତ ପୌର କାର୍ଯ୍ୟାଳୟ ପକ୍ଷରୁ ଡ୍ରେନ୍ ମରାମତି କରିବାକୁ ବସ୍ତି ବାସିନ୍ଦା ଦାବି କରିଛନ୍ତି।

### ● ଓପି ଜିନ୍ଦଲ ସ୍ମାରକୀ ଫୁଟବଲ

# ତାଳଚେରକୁ ହରାଇଲା ଝାରସୁଗୁଡ଼ା

ଅନୁଗୋଳ, ୯ ।୮ (ସମିସ): ଓପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ତାଳଚେର ଓ ଝାରସୁଗୁଡ଼ା ଆଦର୍ଶ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ୪-୩ ଗୋଲରେ ବିଜୟୀ ହୋଇଛି। ପ୍ରତାପ କିଷାନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଜିଲ୍ଲା ଅଗ୍ନି ନିରାପତ୍ତା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି, ଅନୁଗୋଳ କ୍ରିକେଟ ଆସୋସିଏସନ୍ ସମ୍ପାଦକ ସାଗରନାଥ ମିଶ୍ର, କ୍ରୀଡ଼ା ସଂସଦ ସଭ୍ୟ ରମେଶ ସାହୁ ଏବଂ ଜିନାଡଲ ଷ୍ଟିଲର ଜିଏମ ଆଶୁତୋଷ ମିଶ୍ର



ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଶିବଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିଲେ। ଲାଇନ୍‌ରେ ସହାୟତା କରିଥିଲେ ଆଲୋକ ଦେହୁରୀ ଓ ବଳରାମ ସାୟ। ସୋମବାର ଝାରସୁଗୁଡ଼ା ଓ ବରଗଡ଼ ୟୁନାଇଟେଡ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ଘର ବାଡ଼ିରେ ପଶିଲେ ୪ ଟିକିଆ ହାତୀପଲ

### ● ଅଳ୍ପକେ ବର୍ତ୍ତିଲେ ହାତୀ ସ୍କ୍ୱାଡ୍ ସଦସ୍ୟ



ଛେଣ୍ଡିପଦା, ୯ ।୮ (ସମିସ): ଛେଣ୍ଡିପଦା ବ୍ଲକ୍ ରାଇପାଳ ଗାଁର ଜଣେ ବ୍ୟକ୍ତିଙ୍କ ଘର ସଂଲଗ୍ନ ବାଡ଼ିରେ ୪ ଟିକିଆ ହାତୀପଲ ପଶି ଘର ନିକଟରେ ରଖାଯାଇଥିବା ବାଇକ୍ ଭାଙ୍ଗିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ହେଲା ହାତୀପଲ ପାତ୍ରଖାଲ, ରଙ୍ଗାମାଟିଆ, ମାଝୀଗୋଠ ସହ ସରପାଳ ଓ ବାମନାଳିରେ ଉତ୍ପାତ କରୁଛନ୍ତି। ଶନିବାର ରାତିରେ ଏକ ୪ ଟିକିଆ ହାତୀପଲ ରଙ୍ଗମାଟିଆ ସାହିରେ ପଶୁଥିବା ବେଳେ ହାତୀ ସ୍କ୍ୱାଡ୍ ଘଉଡ଼ାଇ ବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ହାତୀପଲ ପାଲଟା ଆକ୍ରମଣ କରିବା ସହ ହାତୀ ସ୍କ୍ୱାଡ୍ ସଦସ୍ୟ ସଞ୍ଜୟ ସାମଲଙ୍କ ବାଇକ୍ ଭାଙ୍ଗିଦେଇଥିଲେ। ତେବେ ସଞ୍ଜୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

# ବନ୍ୟାଜଳରେ ଭୁଶୁଡ଼ିଲା ବାଟବାୟାଣୀ ଭୋଗ ମଣ୍ଡପ

ଅନୁଗୋଳ, ୯ ।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକରେ ଲଗାଣ ବର୍ଷା ଓ ବନ୍ୟାଜଳର ପ୍ରଖର ସ୍ରୋତ ବିଭୀଷିକା ସୃଷ୍ଟି କରିଛି। ବାଗଡ଼ିଆ-ସରପାଳ ରାସ୍ତାରେ ଥିବା ନୂଆଘାଇ ନାଳର ଜଳସ୍ତର ବଢ଼ି କୂଳ ଲଙ୍ଘିବା ଫଳରେ ପ୍ରସିଦ୍ଧ ବାଟବାୟାଣୀ ମନ୍ଦିରର



## ବିପଦରେ ମୁଖ୍ୟ ମନ୍ଦିର

ଭୋଗମଣ୍ଡପ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଜଳସ୍ରୋତରେ କୂଳ ଲଗାତର ଧୋଇଯାଉଥିବାରୁ ଏବେ ମୁଖ୍ୟ ମନ୍ଦିର ପ୍ରତି ମଧ୍ୟ ବିପଦ ଘନେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ପୂର୍ବରୁ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁରକ୍ଷା ବ୍ୟବସ୍ଥା ହୋଇ ନ ଥିଲା। ଏପରିକି ବନ୍ୟାଜଳରେ ନୂଆଘାଇ ନାଳ ଉପରେ ଥିବା ପୋଲର ଆପ୍ରୋଚ୍ ରୋଡ୍ ମଧ୍ୟ ଧୋଇଯାଉଥିବାରୁ ସରପାଳ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ଆଶଙ୍କା ସୃଷ୍ଟି ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ପୋଲ ଓ ରାସ୍ତା ମରାମତି ସହ ବାଟବାୟାଣୀ ମନ୍ଦିର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବଜ୍ରପାତରେ ଚାଷୀ ମୃତ, ୩ ଗୁରୁତର

ପାଲଲହଡ଼ା, ୯ ।୮ (ସମିସ): ଜମିରେ କାମ କରୁଥିବା ବେଳେ ବଜ୍ରପାତ ଯୋଗୁଁ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କ୍ଷେତ୍ରବାସୀପୁରର ମଟାଏ ମାରିଜ (୪୮)। ପାଲଲହଡ଼ା ଥାନା ନାଥପଶି ଗାଁରେ ଏହି ଘଟଣା ଘଟିଛି। ରବିବାର ସକାଳେ ନାଥପଶି ଗାଁ ଜମିରେ ପ୍ରାୟ ୧୨ ଜଣ ପୁରୁଷ ମହିଳା କାମ କରୁଥିବା ବେଳେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ବଜ୍ରପାତ ଯୋଗୁଁ ନାଟାଏଙ୍କ ମୃତ୍ୟୁ ହୋଇଥିବା ବେଳେ ନିରୁପମା ବେହେରା (୧୮), ଶାନ୍ତିଲତା ପୂର୍ତ୍ତି (୨୯) ଓ ସିରିଆ ପୂର୍ତ୍ତି (୧୦) ଗୁରୁତର ହୋଇଥିଲେ। ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଦୀପ ମହାନ୍ତ ସୂଚନା ଦେଇଛନ୍ତି।

# ଅନୁଗୋଳରେ ପ୍ରଦୂଷଣ ସମ୍ପର୍କିତ ଆଲୋଚନାଚକ୍ର

ଅନୁଗୋଳ, ୯ ।୮ (ସମିସ):



ସ୍ଥାନୀୟ ଦଶହରା ପଡ଼ିଆରେ ଅନୁଗୋଳ ପରିବେଶ ସୁରକ୍ଷା ଓ ସଂରକ୍ଷଣ ମଞ୍ଚ ପକ୍ଷରୁ ଏକ ଆଲୋଚନାଚକ୍ର ଆବାହକ ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। 'ମରଣଯନ୍ତାରେ ଅନୁଗୋଳ ଜିଲ୍ଲା ପରିବେଶ-ପାଉଁଶ ଓ କୋଇଲା ପରିବହନ ନେଇ ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ସଡ଼କ ଦୁର୍ଘଟଣା, ସ୍ୱାସ୍ଥ୍ୟହାନି-ଅନୁଗୋଳ ଜିଲ୍ଲାବାସୀଙ୍କୁ ଅତିଷ୍ଠ କରୁ ନାହିଁ କି?' ଶୀର୍ଷକ ଆଲୋଚନା କରାଯାଇଥିଲା। ଏଥିରେ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ଯୋଗଦେଇ ନିଜ ସ୍ୱଷ୍ଟ ମତ ପ୍ରଦାନ କରି କହିଲେ, ମାଆ, ମାଟି ପାଇଁ କୌଣସି ପ୍ରକାରେ ସାଲିସ କରିବା ଉଚିତ ନୁହେଁ। ନିଜ ଅଧିକାର ପାଇବା ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବା କୌଣସି ଅପରାଧ ନୁହେଁ। ଯଦି କେହି ଆମ ଅଧିକାରକୁ ଆମଠାରୁ ବଳପୂର୍ବକ ଛଡ଼ାଇ ନେବା ପାଇଁ କେବେ ବି ସାହାସ କରେ, ତାହାକୁ କଦାପି କେହି ବି ସହଜରେ ଛାଡ଼ିବେ ନାହିଁ। ନିକଟରେ ଦେଶରେ ଜେନ୍-ଜି ଦେଖାଇଦେଲେ ଯେ ଜନତା ଚାହିଁଲେ ବା ଏକତ୍ରିତ ହୋଇ ବାହାରିଲେ ତାହାର କ'ଣ ପରିଣାମ ହୁଏ। ବାଧ ହୋଇ ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଲା। ଏଣୁ ଜନତା ଜନାର୍ଦ୍ଦନଙ୍କ ଆଗରେ ଗଣତନ୍ତ୍ରରେ କେହି ବି ବଡ଼ ନୁହେଁ। ସରକାର କୋଇଲା ପରିବହନ ପାଇଁ ଆବଶ୍ୟକ ବ୍ୟବସ୍ଥା ଆଗ କରିବା କଥା। କାହିଁକି ତାହା ହେଲା ନାହିଁ। ପ୍ରଶାସନ ନିଜ ଭୁଲକୁ ନ ବୁଝି ନିରୀହ ଆନ୍ଦୋଳନକାରୀଙ୍କ ଉପରେ ଦାଉ ସାଧିବା କେତେ ଯୁକ୍ତି ସଙ୍ଗତ। କୋଶଳାର ୫ ଆନ୍ଦୋଳନକାରୀଙ୍କୁ ପ୍ରାୟ ୧୨୦ ଦିନ ଜେଲ୍ ହାଜତରେ ରଖାଯାଇଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏନଟିୟୁସି ନେତା ଦିଗମ୍ବର ଗଡ଼ନାୟକ, ସାମ୍ବାଦିକ ଜଗଦାନନ୍ଦ ପ୍ରଧାନ, ଚାଷୀନେତା ଉମେଶ ଚନ୍ଦ୍ର ସାହୁ, ପରିବେଶବିତ ପ୍ରସନ୍ନ ବେହେରା, ଶ୍ରମିକ ନେତା ଦେବାଶିଷ ଘୋଷ, ସିଟୁ ନେତା ଉପେନ୍ଦ୍ର ଶର୍ମା, ପୂର୍ବତନ ରାଜ୍ୟ କର୍ମଚାରୀ ନେତା ଅକ୍ଷୟ କୁମାର ବିଶ୍ୱାଳ, ଆଇନଜୀବୀ ବସନ୍ତ ଦାସ, ଦେବାଶିଷ ପଟ୍ଟନାୟକ, ସମାଜସେବୀ ପର୍ଶୁରାମ ଦାଶ, ଆଇନଜୀବୀ ଚିତ୍ତରଞ୍ଜନ ନାଏକ, ଗୋବିନ୍ଦ ନାଏକ, ଜିଲ୍ଲା ଠିକାଦାର ସଂଘ ସମ୍ପାଦକ ସୁବୋଧ ମହାପାତ୍ର, ଯୁବନେତା ଦୀନେଶ ପ୍ରଧାନ, ଆଇନଜୀବୀ ଅମୂଲ୍ୟ ବେହେରା ପ୍ରମୁଖ ବହୁ ବକ୍ତା ଯୋଗଦେଇ ନିଜ ବକ୍ତବ୍ୟ ରଖି ଅନୁଗୋଳ ଜିଲ୍ଲାର ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ଜଳ ପ୍ରଦୂଷଣ, ସଡ଼କ ଦୁର୍ଘଟଣା ଓ ସ୍ୱାସ୍ଥ୍ୟହାନି ଉପରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏଥିପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଆଗକୁ ବିହାରିବା ପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ମତ ରଖିଥିଲେ। ଆଇନଜୀବୀ ଗୋପାଳ ଚନ୍ଦ୍ର ନାଥ, ବଳବୀର ସିଂ, ଦୁଷ୍ମନ୍ତ ଦଳବେହେରା, ବିନୋଦ ମାଝୀ, ବିରଞ୍ଚି ନାରାୟଣ ଧର, ରାଜକିଶୋର ସାହୁ, ରାକେଶ ମିଶ୍ର, ଅରୂପ ସାମଲ, ଅବିନାଶ ଦଳବେହେରା, ଅରୁଣ ଦାସ ପ୍ରମୁଖ ଆଲୋଚନାଚକ୍ର ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡି ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଓ କ୍ରାନ୍ତି ଦିବସ ପାଳିତ

ଅନୁଗୋଳ, ୯ ।୮ (ସମିସ): ଆଦିବାସୀ ସମାଜର ମହାନ ଐତିହ୍ୟ, ଗୌରବମୟ



ସଂସ୍କୃତି, କଳା ଓ ଲୋକାଚାରକୁ ସମ୍ମାନ ଜଣାଇ ରବିବାର ଅନୁଗୋଳ ଜିଲ୍ଲା ବିଜେଡି ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଏବଂ ମହାନ କ୍ରାନ୍ତି ଦିବସ ପାଳିତ ହୋଇଛି। ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ବରିଷ୍ଠ ନେତା ବିପ୍ଲବ ଜେନା, ଅନୁଗୋଳ ବାର ଆସୋସିଏସନ ସଭାପତି ଦିଲୀପ ସାହୁ, ପୂର୍ବତନ ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ, ଅନୁଗୋଳ ପୌରପରିଷଦର କାଉନସିଲର, ଜିଲ୍ଲା ଯୁବ ବିଜେଡି ସଭାପତି ଅରୁଣାଭ ସିଂହ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ପୂର୍ବତନ ଜିଲ୍ଲା ଛାତ୍ର ସଭାପତି ରାଜୀବ ଲୋଚନ ଦାସ, ଯୁବ, ଛାତ୍ର ଓ ମହିଳା ବିଜେଡିର ଜିଲ୍ଲା କର୍ମକର୍ତ୍ତା ଏବଂ ବରିଷ୍ଠ ଆଇନଜୀବୀ ଉପସ୍ଥିତ ରହି ଆଦିବାସୀ ସମାଜର ଅବଦାନ ଓ ସଂଗ୍ରାମୀଙ୍କ ଗୌରବଗାଥା ସ୍ମରଣ କରିଥିଲେ।

# 'ପ୍ରଭାବିତ ପ୍ରତିଭା' ଶୀର୍ଷକ ଆଲୋଚନାଚକ୍ର




ଅନୁଗୋଳ, ୯ ।୮ (ସମିସ): ସ୍ଥାନୀୟ ପାଠାଗାରରେ ଅନୁଗୋଳ ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ ପାଲାଗାୟକ ତଥା ଲେଖକ ଡ. ହରିହର ଦାସଙ୍କ ଜୟନ୍ତୀ ଅବସରରେ 'ପ୍ରଭାବିତ ପ୍ରତିଭା' ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ରୂପେ ସମ୍ବଲପୁର ଆଇଆଇଏମର ପ୍ରଫେସର ସୁଜିତ୍ କୁମାର ପୃଷ୍ଟେଠ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ସେ ବୁଦ୍ଧିଜୀବୀର ସଂଜ୍ଞା ପ୍ରକାଶ କରିବା ସହ ଭାରତ ଇତିହାସରେ ସମାଜ ସୁଧାରକଙ୍କ ଭୂମିକା ବର୍ଣ୍ଣନା କରିଥିଲେ। ମହାତ୍ମା ଗାନ୍ଧୀ ପ୍ରାକ୍ ସ୍ୱାଧୀନତା ଏବଂ ରାମଚନ୍ଦ୍ର ଗୁହାଙ୍କ ଭଳି ଯୋଗଜନ୍ମା ପ୍ରତିଭାଦୀପ୍ତ ପୁରୁଷ ସ୍ୱାଧୀନତା ପରବର୍ତ୍ତୀ ସମୟରେ ନିଜ ଲେଖନୀ ଓ ଓଜସ୍ୱିନୀ ବକ୍ତବ୍ୟ ମାଧ୍ୟମରେ କିପରି ହଜାର ହଜାର ଲୋକଙ୍କୁ ଅନୁପ୍ରେରିତ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଏବେ ଏଆଇ ଓ ମୋବାଇଲର ଦୁରୁପଯୋଗ ଯୁବପିଢ଼ିଙ୍କୁ ପଥ ଭ୍ରଷ୍ଟ କରୁଛି। ପ୍ରଯୁକ୍ତିବିଦ୍ୟା ଉପରେ ମାତ୍ରାଧିକ ନିର୍ଭରଶୀଳତା ସମାଜରେ ପ୍ରକୃତ ଜ୍ଞାନର ପରିସୀମାକୁ ସଙ୍କୁଚିତ କରିବା ସହ ତଥ୍ୟ ଓ ଅତଥ୍ୟ ମଧ୍ୟରେ ସଂଘର୍ଷ ବଢୁଛି ବୋଲି ସେ କହିଥିଲେ। ପ୍ରାବନ୍ଧିକ ରୁଚିର କୁମାର ପାଣିଗ୍ରାହୀ ଶିକ୍ଷାର ବ୍ୟବସାୟୀକରଣ ଓ ଆର୍ଥିକ ଦୁଃସ୍ଥିତି ପ୍ରତିଭାକୁ ପ୍ରଭାବିତ କରୁଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଲେଖିକା ରେଣୁବାଳା ମହାପାତ୍ର ଯୁବପିଢ଼ିଙ୍କ ପ୍ରତିଭାର ବିକାଶ ପାଇଁ ପରିବାର ଓ ସମାଜର ସହଯୋଗ ଆବଶ୍ୟକ ବୋଲି କହିଥିଲେ। ପରେ ଅନିତା ପାଣିଙ୍କ ସଂଯୋଜନାରେ କବିତା ପାଠ ଆୟୋଜିତ ହୋଇଥିଲା। ୪୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟ ସଂସଦ ସଭାପତି ଶାନ୍ତନୁ କୁମାର ସର ସ୍ୱାଗତ ଭାଷଣ ଦେବା ସହ ଭାରତୀୟ ପରମ୍ପରାରେ ଶିଷ୍ୟ କିଭଳି ଗୁରୁଙ୍କୁ ପ୍ରଶ୍ନ କରି ନିଜ ପ୍ରଜ୍ଞାକୁ ପରିବ୍ୟାପ୍ତ କରିଥାଏ ତାହା ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଭକ୍ତିମୟୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ରଞ୍ଜିତ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରାଉନସୁଗର ବେପାର ଅଭିଯୋଗରେ ୪ ଗିରଫ

ତାଳଚେର, ୯ ।୮ (ସମିସ): ବ୍ରାଉନସୁଗର ବେପାର କରୁଥିବା ଅଭିଯୋଗରେ କୋଲିୟରୀ ଥାନା ପୁଲିସ ରବିବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଫିରୋଜ କୁମାର ଦେବତା, ସୁରେନ୍ଦ୍ର ଦାସ, ଶ୍ରୀନିବାସ ବେହେରା ଓ ବିଶ୍ୱଜିତ୍ ରାଉତ। ଏମାନଙ୍କ ନିକଟରୁ ୨୦.୧୦୦ ଗ୍ରାମ ଓଜନର ବ୍ରାଉନସୁଗର ସହ ୩ଟି ମୋବାଇଲ, ବେପାରରେ ବ୍ୟବହୃତ ଏକ କାର ଓ ୭୫୦ ଟଙ୍କା ଜବତ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତ କୋଲିୟାରୀ ଥାନା ଅଞ୍ଚଳର ବୋଲି ପୁଲିସ ସୂଚନା ଦେଇଛି। ବହ୍ଲର ଛକରୁ ଏକ ମାରୁତି କାର ଯୋଗେ ଚାଳଗଡ଼ ଅଞ୍ଚଳକୁ ବ୍ରାଉନସୁଗର ଚାଲାଣ ହେଉଥିବା ନେଇ ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ପୁଲିସକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ପୁଲିସ ସେମାନଙ୍କୁ ଘଣ୍ଟପଡ଼ା ରେଳ ଓଭରବ୍ରିଜ୍‌ଠାରେ ଅଟକାଇ ଯାଞ୍ଚ କରିଥିଲ। ଯାଞ୍ଚ ବେଳେ ଫିରୋଜଠାରୁ ୧୦.୦୪୦ ଗ୍ରାମ ବ୍ରାଉନସୁଗର ସହ ଏକ ମୋବାଇଲ ଓ ୭୫୦ ଟଙ୍କା, ସୁରେନ୍ଦ୍ରଠାରୁ ୧୦.୦୬୦ ଗ୍ରାମ ବ୍ରାଉନସୁଗର, ବିଶ୍ୱଜିତ୍‌ଠାରୁ ୨ଟି ମୋବାଇଲ ଓ ଡ୍ରାଇଭର ଶ୍ରୀନିବାସଠାରୁ କାର ଜବତ କରାଯାଇଛି। ରବିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମନ୍ତ୍ରୀ ଓ ସାଂସଦଙ୍କ ମାନଯୋର ଡ୍ୟାମ୍ ପରିଦର୍ଶନ



କିଶୋରନଗର, ୯ ।୮ (ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର ଆଠମଲ୍ଲିକ ଓ କିଶୋରନଗର ଅଞ୍ଚଳ ଗସ୍ତ ସମୟରେ ମାନଯୋର ଡ୍ୟାମ୍ ପରିଦର୍ଶନ କରିଛନ୍ତି। ମାନଯୋର ଡ୍ୟାମ୍ ଦ୍ୱାରା ଚାଷୀ ଓ ଚାଷର ଉନ୍ନତି କିପରି ହେବ ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ମାନଯୋର ବିଭାଗ ଏସଡିଓ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ସାଂସଦଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ସାହୁ, ସରୋଜ ସାହୁ, ଅର୍ଜୁନ କୁମାର ସାହୁ, ସୁଶାନ୍ତ ହୋତା, ଜ୍ଞାନରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପଞ୍ଚଧାର ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତିସଭା




କିଶୋରନଗର, ୯ ।୮ (ସମିସ): ଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ପକ୍ଷରୁ ଦିବଂଗତ ରାଜା ପ୍ରଦୀପଚନ୍ଦ୍ର ଦେଓଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ସେ ଦୀର୍ଘ ବର୍ଷରୁ ପଞ୍ଚଧାର ସାହିତ୍ୟ ସଂସଦ ସହ ଜଡ଼ିତ ଥିବାବେଳେ ଅନୁଷ୍ଠାନର ଉପଦେଷ୍ଟା ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ଜଣେ ସରଳ, ମିଷ୍ଟଭାଷୀ, ସାହିତ୍ୟପ୍ରେମୀ, ସୁବକ୍ତା ଓ ସୁସଂଗଠକ ଭାବେ ରାଜା ସ୍ୱର୍ଗତ ଦେଓ ସବୁବେଳେ ମନେ ରହିବେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଶିକ୍ଷାବିତ ବିବେକାନନ୍ଦ ବେହେରା, ଉପସଭାପତି ପଇଁଅକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ମହାନ୍ତି, ସମ୍ପାଦକ ଇଂ ଆଭାସ କୁମାର କ୍ଷେତୀ, ଯୋଗ ଶିକ୍ଷକ ମେଘନାଦ ସାହୁ, ସାମ୍ବାଦିକ ଉଦୀପ୍ତ ପୁରୋହିତ, କଣ୍ଠଶିଳ୍ପୀ ଭୁବନ ମୋହନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦେଓଙ୍କ ସ୍ମୃତିଚାରଣ କରିଥିଲେ। ଶିଳ୍ପୀ ରଣଜିତ୍ ରଣା, ମାନସ କର୍ଣ୍ଣ, ଟୁକୁନୁ ବେହେରା, ଜ୍ଞାନେନ୍ଦ୍ର ଭୋଇ, ସୁଜିତ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

### ● ଓଡ଼ିଶା ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ଶିକ୍ଷା ସ୍ରୋତକୁ ଫେରିବେ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ

# ବ୍ଲକ୍‌ସ୍ତରୀୟ ପ୍ରଧାନଶିକ୍ଷକମାନଙ୍କ ବୈଠକ

ଅନୁଗୋଳ, ୯ ।୮ (ସମିସ): ଅନୁଗୋଳ ବ୍ଲକ ବନ୍ତଲା ନୋଡାଲ ହାଇସ୍କୁଲରେ ଶନିବାର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଧାନଶିକ୍ଷୟିତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବ୍ଲକର ସମସ୍ତ ଉଚ୍ଚ




ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଧାନଶିକ୍ଷୟିତ୍ରୀ ତଥା ବ୍ଲକର ସମସ୍ତ ସିଆରସିସି ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ମୁକ୍ତ ବିଦ୍ୟାଳୟର ସଂଯୋଜିକା ତଥା ପ୍ରଧାନଶିକ୍ଷୟିତ୍ରୀ ସୁସ୍ମିତା ଭଟ୍ଟାଚାର୍ଯ୍ୟ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ (ଏସ୍ଆଇଓଏସ୍) ଓ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ (ଏନ୍ଆଇଓଏସ୍) ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ ପାଠ ମଝିରେ ଛାଡ଼ିଦେଇଥିବା ଛାତ୍ରଛାତ୍ରୀମାନେ ଏସ୍ଆଇଓଏସ୍ ଓ ଏନ୍ଆଇଓଏସ୍ ମାଧ୍ୟମରେ ପାଠପଢ଼ି ଦଶମ ବୋର୍ଡ ପରୀକ୍ଷା ଦେଇପାରିବେ। ଡ୍ରପଆଉଟ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି କରିବା ପାଇଁ ସେ ସମସ୍ତ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବୈଠକ ଆରମ୍ଭରେ ଅନୁଗୋଳ ବ୍ଲକରେ ନୂତନ ଭାବେ ଯୋଗଦେଇଥିବା ପ୍ରଧାନଶିକ୍ଷକ ତଥା ପ୍ରଧାନଶିକ୍ଷୟିତ୍ରୀମାନଙ୍କୁ ବିଇଓ ସମ୍ବର୍ଦ୍ଧନା ଜଣାଇଥିଲେ। ଅନୁଗୋଳ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡ଼ନାୟକ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବକ୍ତବ୍ୟ ଦେଇଥିଲେ। ବିଇଓ ପ୍ରଧାନ ଉଲ୍ଲାସ ପଞ୍ଜୀକରଣ, ଆପାର ଆଇଡି, ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ରେଟିଂ (ଏସ୍ଏଚ୍ଆର୍ଭି), ହର ଘର ତିରଙ୍ଗା, ଏସ୍ଏଚ୍ଇ ବକ୍ସ ଆଦି ସରକାରୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହବିଇଓ ସଂସାର ଭୋଇ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ଅବଗତ କରାଇଥିଲେ। ବେଡ଼ାଶାସନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆଶୁତୋଷ ମହାପାତ୍ର ଡ୍ରପଆଉଟମାନଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା ନିମନ୍ତେ ତାଙ୍କ ପ୍ରୟାସ ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ବନ୍ତଲା ନୋଡାଲ ହାଇସ୍କୁଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ମହାବିଦ୍ୟାଳୟ ପରିସରରେ ଚାରାରୋପଣ




ତାଳଚେର ସହର, ୯ ।୮ (ସମିସ): ରାଷ୍ଟ୍ରତନ୍ତ୍ର ସମ୍ବାଦପତ୍ର ପକ୍ଷରୁ ସ୍ଥାନୀୟ ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟ ପରିସରରେ ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ସହ 'ଗଛ ଲଗାଇବା କାହା ପାଇଁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଶୋକ ଚାରା ରୋପଣର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିବା ସହ ରାଷ୍ଟ୍ରତନ୍ତ୍ର ସମ୍ବାଦପତ୍ରର ସମ୍ପାଦନା ମଣ୍ଡଳୀଙ୍କୁ ସାଧୁବାଦ ଜଣାଇଥିଲେ। ବିଶେଷ ଅତିଥି ଭାବେ ତାଳଚେର ମଣ୍ଡଳର ଖଣି ଉପନିର୍ଦ୍ଦେଶକ ଦେବେନ୍ଦ୍ରନାଥ ଦଳାଇ ଯୋଗଦେଇ ଛାତ୍ରୀମାନଙ୍କୁ ଚାରାଗୁଡ଼ିକର ଯତ୍ନନେଇ ବଞ୍ଚାଇ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏନଟିପିସି ତାଳଚେର ଥର୍ମାଲର ମାନବସମ୍ବଳ ଉପ ମହାପ୍ରବନ୍ଧକ ସଞ୍ଜିତ କୁମାର ସେନାପତି ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଭୀମସେନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତାଳଚେର ବନପାଳ ସିଦ୍ଧାର୍ଥ ଅନୁରାଗ ପରିଡ଼ା, ଅଧ୍ୟାପକ ସତ୍ୟନାରାୟଣ ପରିଡ଼ା, ଏନଟିପିସି ତାଳଚେର ଥର୍ମାଲର ଜନସମ୍ପର୍କ ଅଧିକାରୀ ବିଷ୍ଣୁଚନ୍ଦ୍ର ସାହୁ, ଅଧ୍ୟାପିକା ସାଗରୀକା ମଲ୍ଲିକ, ଶିଳ୍ପାଞ୍ଚଳ ଯୁକ୍ତ ଦୁଇ ମହିଳା କଲେଜ ଅଧ୍ୟକ୍ଷା ଶିବାନୀ ମହାପାତ୍ର, ରାଷ୍ଟ୍ରତନ୍ତ୍ର ସମ୍ବାଦପତ୍ରର ମୁଖ୍ୟ ସମ୍ପାଦକ ଧୀରମୋହନ ରାୟ, ସମ୍ପାଦକ ଦେବାଶିଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ଜିତେନ୍ଦ୍ର କୁମାର ମହାପାତ୍ର, ସାମ୍ବାଦିକ ଭାଗ୍ୟରଥି ମାହାପାତ୍ର, ମହେନ୍ଦ୍ର କୁମାର, ସୁଲେଖା ସେଠୀ, କବି କରୁଣାକର ବାଇ, ମହିଳା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ। ଏହି ଅବସରରେ ଅଶୋକ, ପାତାଳ ଗରୁଡ଼, ଲିମ୍ବ, ବଉଳ, ପିଜୁଳି ପ୍ରଭୃତି ପ୍ରଜାତିର ୩୦ରୁ ଅଧିକ ଚାରା ରୋପଣ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ

କିଶୋରନଗର, ୯ ।୮ (ସମିସ):




ସମ୍ମିଳିତ ଆଦିବାସୀ ସମାଜ ଅନୁଗୋଳ ଜିଲ୍ଲା ଆନୁକୂଲ୍ୟରେ କିଶୋରନଗର ବ୍ଲକ ଧଉରାପାଲି କଲ୍ୟାଣ ମଣ୍ଡପରେ ଅଗଷ୍ଟ ୯ ତାରିଖ ଜିଲ୍ଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ସଭାପତି ମାଗୁଣି ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜକ ପ୍ୟାରୀମୋହନ ନାୟକ ବିଶିଷ୍ଟ ଅତିଥି, ଅନୁଗୋଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ ମୁଖ୍ୟଅତିଥି, ପୂର୍ବତନ ପ୍ରସାଶନିକ ଅଧିକାରୀ ବିରଞ୍ଚି ନାୟକ ମୁଖ୍ୟବକ୍ତା, ପ୍ରମୋଦ କୁମାର ପ୍ରଧାନ ସମ୍ମାନିତ ବକ୍ତା ଓ ସଦାଶିବ ନାୟକ, ଭୈରବ ଦେହୁରୀ, ମହାଦେବ ଭୋଇ, ସୁଜାତା ନାୟକ, ବସନ୍ତ କୁମାର ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାରେ ବାସ କରୁଥିବା ଗୋଣ୍ଡ, କିସାନ, କନ୍ଧ, ଖଇରା, ମେହେର, ଭୂୟାଁ, ଶବର, ସାନ୍ତାଳି, ହୋ ସମାଜର ମୁଖ୍ୟ କର୍ମକର୍ତ୍ତା ଗଣ ସାମିଲ ହୋଇଥିଲେ। ମୁଖ୍ୟତଃ ସମାଜରୁ ଲୋପ ପାଇଯାଉଥିବା ଆଦିବାସୀଙ୍କ ଭାଷା, ସଂସ୍କୃତି ସାହିତ୍ୟ, ବେଶପୋଷାକ, ନୃତ୍ୟଗୀତ, ପରମ୍ପରା, ପ୍ରକୃତି ପୂଜା ପଦ୍ଧତି, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସାମାଜିକ ସଂସ୍କାର ଆଦି ବ୍ୟବସ୍ଥାକୁ ସାମାଜିକ ସ୍ତରରେ ପ୍ରଚଳିତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏତଦ୍ ବ୍ୟତୀତ ଆଦିବାସୀଙ୍କ ମୌଳିକ ଅଧିକାର ଯଥା ଜଳ ଜଙ୍ଗଲ ଜମିର ସୁରକ୍ଷା, ଜଙ୍ଗଲଜାତ ଦ୍ରବ୍ୟର ବିକ୍ରି ସୁବିଧା, ଅପହଞ୍ଚ ଇଲାକାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସୁବିଧା, ଆଦିବାସୀ ସଂଗ୍ରାମୀ ସହିଦଙ୍କ ସ୍ମୃତିରକ୍ଷା, ନକଲି ଆଦିବାସୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଦେଶର ବିଭିନ୍ନ ପ୍ରାନ୍ତରେ ଆଦିବାସୀଙ୍କ ଉପରେ ନିର୍ଯାତନା ବନ୍ଦ କରିବା, ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ୍-୨୦୨୩କୁ ପ୍ରତ୍ୟାହାର, ଅଣ ଆଦିବାସୀମାନଙ୍କୁ ସେମାନଙ୍କ ଆଦିବାସୀ ବିଶେଷତ୍ୱ ସାଂସ୍କୃତିକ, ସାମାଜିକ ଏବଂ ଅର୍ଥନୈତିକ ବୈଶିଷ୍ଟ୍ୟ ସହ ସେମାନଙ୍କର ପାରମ୍ପରିକ ଜୀବନ ଶୈଳୀକୁ ପୁଙ୍ଖାନୁପୁଙ୍ଖ ତର୍ଜମା ନ କରି ଆଦିବାସୀ ମାନ୍ୟତା ଦେବା ବନ୍ଦ କରିବା, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପେସା ଆଇନ-୧୯୯୬କୁ ଆଇନ୍ ସମ୍ମତ ବିଚାର କରି କାର୍ଯ୍ୟକାରୀ କରିବା, ଅଗଷ୍ଟ ୯ ବିଶ୍ୱ ଆଦିବାସୀ ଦିବସକୁ ସରକାରୀ ଛୁଟି ଘୋଷଣା ଆଦି ବିଷୟ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସଭାରେ ମତପ୍ରକାଶ ପାଇଥିଲା। ସମ୍ମିଳିତ ଆଦିବାସୀ ସମାଜ ଆଠମଲ୍ଲିକ ସମ୍ପାଦକ ସୋମନାଥ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ଦିର ଜମି ଜବରଦଖଲକୁ ନେଇ ଉତ୍ତେଜନା





ଭୁବନ, ୯ ।୮ (ସମିସ)

ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍ଏସି ୱାର୍ଡ ନଂ-୨ ନୂଆ ଭୁବନ ଛକସ୍ଥିତ ଶିବ ମନ୍ଦିର ଜମିକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମନ୍ଦିର ଅଧୀନରେ ଥିବା ଜମି ଜବରଦଖଲ ହୋଇଥିବା ଅଭିଯୋଗକୁ କେନ୍ଦ୍ରକରି ନୂଆ ଭୁବନ ଗ୍ରାମବାସୀ, ମନ୍ଦିର କମିଟି ଏବଂ ସ୍ୱର୍ଗତ ପ୍ରଦୀପ୍ତ କୁମାର ମିଶ୍ରଙ୍କ ପରିବାର ମଧ୍ୟରେ ବିବାଦ ଉଗ୍ରରୂପ ନେଇଛି। ଉଭୟ ପକ୍ଷ ନିଜ ଦାବି ଓ ଅଭିଯୋଗ ନେଇ ଅଟଳ ରହିଥିବା ବେଳେ ପରିସ୍ଥିତି ଧୀରେଧୀରେ ସଙ୍ଗୀନ ହୋଇପଡ଼ିଥିଲା। ଭୁବନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସ୍ଥିତି ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ଉଦ୍ୟମ କରିଥିଲା।

ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଶିବ ମନ୍ଦିର ପଛପାର୍ଶ୍ୱରେ ଥିବା ସରକାରୀ ଜମିକୁ ନେଇ ଦୀର୍ଘ ୬୦ ବର୍ଷ ଧରି ବିବାଦ ରହିଆସିଛି। ମନ୍ଦିର କମିଟି ପକ୍ଷରୁ ଏହି ଜମିକୁ ଖାଲି କରି ମନ୍ଦିର ଅଧୀନକୁ ଫେରାଇବା ପାଇଁ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ବିବାଦର ସ୍ଥାୟୀ ସମାଧାନ ହୋଇପାରିନାହିଁ। ଏ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିଚାଲିଛି। ପ୍ରାୟ ୧୫ ଦିନ ପୂର୍ବରୁ ମନ୍ଦିର ପାଚେରିକୁ ଲାଗି ଏକ ନୂଆ ଘର ନିର୍ମାଣକୁ ନେଇ ପ୍ରଦୀପ୍ତ କୁମାର ମିଶ୍ରଙ୍କ ପରିବାର ଓ ମନ୍ଦିର କମିଟି ମଧ୍ୟରେ ବଚସା ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ଘର ନିର୍ମାଣକୁ ନେଇ ଆପତ୍ତି ଉଠାଯାଇଥିଲା। ମନ୍ଦିର ଜମି କିମ୍ବା ତା' ସଂଲଗ୍ନ ସରକାରୀ ଜମିରେ କୌଣସି ନିର୍ମାଣ କରିବାକୁ ଦିଆଯିବ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଥିଲା। ଫଳରେ ଉଭୟ ପକ୍ଷ ମଧ୍ୟରେ ବିବାଦ ତୀବ୍ର ହୋଇଥିଲା। ରବିବାର ଗ୍ରାମବାସୀ ଓ ମନ୍ଦିର କମିଟି ପକ୍ଷରୁ ଜେସିବି ମେସିନ୍ ଆଣି କଥିତ ଜବରଦଖଲ ଉଚ୍ଛେଦ କରାଯାଉଥିବା ଦେଖାଯାଇଥିଲା। ଜେସିବି ମେସିନ୍ ମାଧ୍ୟମରେ ନିର୍ମାଣ କାର୍ଯ୍ୟ ଓ ଜବରଦଖଲ ହୋଇଥିବା ଅଂଶକୁ ହଟାଇବା ଉଦ୍ୟମ ଆରମ୍ଭ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ବଢ଼ିଥିଲା। ଫଳରେ ପରିସ୍ଥିତି ଆହୁରି ଉତ୍ତେଜନା ପୂର୍ଣ୍ଣ ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଉଭୟ ପକ୍ଷଙ୍କ ସହ ଆଲୋଚନା କରିବା ସହିତ ପରିସ୍ଥିତି ଶାନ୍ତ ରଖିବା ପାଇଁ ଉଦ୍ୟମ କରିଥିଲା। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଯେପରି ନ ଘଟେ, ସେଥିପାଇଁ ପୁଲିସ ନଜର ରଖିଥିଲା। ତେବେ ଘଟଣାସ୍ଥଳରେ ଉଭୟ ପକ୍ଷ ନିଜ ଦାବିରେ ଅଟଳ ରହିଥିବାରୁ ବିବାଦ ସମାଧାନ ହୋଇପାରି ନ ଥିଲା।

ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି ଯେ ମନ୍ଦିର ଅଧିକୃତ ଜମିକୁ ସମ୍ପୂର୍ଣ୍ଣ ଭାବେ ମନ୍ଦିର ଟ୍ରଷ୍ଟକୁ ହସ୍ତାନ୍ତର କରା ନ ଯିବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ଓହରିବେ ନାହିଁ। ମନ୍ଦିର ଜମିର ସୁରକ୍ଷା ଓ ଜବରଦଖଲ ହଟାଇବା ଦାବିରେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହୋଇପାରେ ବୋଲି ମଧ୍ୟ ସୂଚନା ମିଳିଛି। ଅନ୍ୟପକ୍ଷରେ, ଜମିର ମାଲିକାନା, ଦଖଲ ଓ ନିର୍ମାଣ ସମ୍ପର୍କିତ ପ୍ରକୃତ ତଥ୍ୟ ସରକାରୀ ରେକର୍ଡ ଏବଂ ରାଜସ୍ୱ ବିଭାଗର ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ। ତେଣୁ ଆଇନକୁ ହାତକୁ ନେଇ ନିଜେ ଉଚ୍ଛେଦ କରିବା ପରିବର୍ତ୍ତେ ପ୍ରଶାସନିକ ଓ ଆଇନଗତ ପ୍ରକ୍ରିୟାରେ ଏହାର ସମାଧାନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପଟେ ଦୀର୍ଘ ୬୦ ବର୍ଷ ଧରି ଚାଲିଆସୁଥିବା ଏହି ବିବାଦର ସ୍ଥାୟୀ ସମାଧାନ କାହିଁକି ହୋଇପାରିନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

▶▶ ଗ୍ରାମବାସୀ ଓ ନିର୍ଦ୍ଦିଷ୍ଟ ପରିବାର ମୁହାଁମୁହିଁ
▶▶ ୬୦ ବର୍ଷର ବିବାଦକୁ ନେଇ ତୀବ୍ର ହେଲା ଅସନ୍ତୋଷ

# ମହାପଦା ଗାଁରେ ଦନ୍ତା ଆତଙ୍କ

**ଗଁଦିଆ, ୯ ।୮ (ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ରେଞ୍ଜ୍ ମହାପଦା ଗାଁରେ ଏବେ ଏକ ଦନ୍ତାହାତୀ ଆତଙ୍କ ଦେଖିବାକୁ ମିଳିଛି। ସପ୍ତାହ ହେବ ଗାଁ ମୁହାଁ ହୋଇଥିବା ଏହି ଦନ୍ତା ଯୋଗୁଁ ଲୋକଙ୍କ ନିଦ ହଜିଯାଇଛି। ହାତୀଟି କେବଳ ରାତିରେ ନୁହେଁ ବରଂ ଦିନବେଳା ମଧ୍ୟ ଗାଁ ଭିତରେ ପଶି ବୁଲୁଛି। ଫଳରେ ଗାଁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଲୋକେ ଘରୁ ବାହାରିବାକୁ ମଧ୍ୟ ସୁରକ୍ଷିତ ମଣୁନାହାନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ

**ଭାଙ୍ଗୁଛି ବାଡ଼ି ଓ କାନ୍ଥ, ଗ୍ରାମବାସୀ ଭୟଭୀତ**

ତିନି ଦିନ ହେବ ଦନ୍ତାଟି ଲଗାତାର ଭାବେ ଗାଁରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଛି। ଆଜି ସକାଳେ ହାତୀଟି ଗାଁର ସରୋଜ କୁମାର ନାଥଙ୍କ ଘର ପଛପଟେ ପଶିଥିଲା। ସେଠାରେ ବାଡ଼ି ଗେଟ୍‌କୁ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଦେବା ସହ ଫସଲ ନଷ୍ଟ କରିଛି। ସେହିପରି ପୂର୍ବରୁ ଦନ୍ତାଟି ରୋହିତ କୁମାର ନାଥଙ୍କ ଘର ବାଡ଼ି କାନ୍ଥକୁ ଭାଙ୍ଗି ମାଟିରେ ମିଶାଇ ଦେବା ସହ ବାଡ଼ିରେ ଥିବା ସମସ୍ତ ଗଛଲତା ଓ ଫସଲକୁ ନଷ୍ଟଭ୍ରଷ୍ଟ କରିଦେଇଥିଲା। ବାରମ୍ବାର ହାତୀର ଏପରି ଉନ୍ମତ କାଣ୍ଡ ଯୋଗୁଁ କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ହତାଶ ହୋଇପଡ଼ିଛନ୍ତି। ଦିନ ଦ୍ୱିପ୍ରହରରେ ବିଶାଳକାୟ ଦନ୍ତା ହାତୀଟି ଖୋଲାଖୋଲି ବୁଲୁଥିବାରୁ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାଙ୍କ ପର୍ଯ୍ୟନ୍ତ ସମସ୍ତେ ଆତଙ୍କିତ ଅବସ୍ଥାରେ ଅଛନ୍ତି। କେଉଁ ମୁହୂର୍ତ୍ତରେ ଯେ ହାତୀ କାହା ଜୀବନ ନେଇଯିବ, ସେନେଇ ଭୟ ଲାଗିରହିଛି। ଏହି ସମସ୍ୟା ପ୍ରତି ଷଡ଼ଙ୍ଗୀ ରେଞ୍ଜ୍ ବନବିଭାଗ ଅଧିକାରୀମାନେ ତୁରନ୍ତ ଦୃଷ୍ଟି ଦେଇ ଦନ୍ତା ହାତୀଟିକୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଘଉଡ଼ାଇବାର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏଥିସହ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେଲେ ଗ୍ରାମବାସୀ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



# ପାଚିକା ସହାୟିକାମାନଙ୍କ ପ୍ରଶିକ୍ଷଣ ଶିବିର



**ଢେଙ୍କାନାଳ, ୯ ।୮ (ସମିସ):** ସଦର ବ୍ଲକ୍ ଅଉଖମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚନ୍ଦ୍ରଶେଖରପ୍ରସାଦ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପାଚିକା ସହାୟିକାମାନଙ୍କ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଅଛି। ସିଆର୍‌ସିସି ନୃସିଂହ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ସେଠୀ ଓ ଶିକ୍ଷୟିତ୍ରୀ ସୁବାସିନୀ ମିଶ୍ର ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପାଚିକାମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ, ମଧ୍ୟାହ୍ନ ଭୋଜନ ରୋଷେଇ ପୂର୍ବରୁ ଖାଦ୍ୟ ସାମଗ୍ରୀର ମାନ ନିର୍ଦ୍ଧାରଣ, ଖାଦ୍ୟ ସାମଗ୍ରୀର ରକ୍ଷଣାବେକ୍ଷଣ, ପାକଶାଳାର ନିରାପତ୍ତା, ଆଦର୍ଶ ରନ୍ଧନ ପ୍ରଣାଳୀ ଓ ଆବର୍ଜନା ପରିଚାଳନା ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବିଇଓ ଦିବ୍ୟପ୍ରକାଶ ପ୍ରଧାନ ଓ ଏବିଇଓ ଭଗବାନ ବେହେରାଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଦୀପକ କୁମାର ପରିଡ଼ା ସାଧନ କର୍ମୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି କାକୁଡ଼ିଭାଗ କ୍ଲଷ୍ଟରର ପାଚିକାମାନଙ୍କ ପ୍ରଶିକ୍ଷଣ ଶିବିର ସିଆର୍‌ସିସି ଅର୍ଜୁନ ନାୟକଙ୍କ ତତ୍ତ୍ୱାବଧାନରେ ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି।

# ଆମ୍ ଆଦମୀ ପାର୍ଟି ପକ୍ଷରୁ କ୍ରାନ୍ତି ଦିବସ ପାଳିତ

**ଢେଙ୍କାନାଳ, ୯ ।୮ (ସମିସ):** ସ୍ଥାନୀୟ ଆମ୍ ଆଦମୀ ପାର୍ଟି ପକ୍ଷରୁ କ୍ରାନ୍ତି ଦିବସ ପାଳିତ ହୋଇଛି। ସ୍ଥାନୀୟ ମହାତ୍ମା ଗାନ୍ଧୀ ପାର୍କଠାରେ ଦଳର ସଦସ୍ୟମାନେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ଧୂପଦାନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅଗଷ୍ଟ କ୍ରାନ୍ତି ସମ୍ପର୍କିତ ଆଲୋଚନାଚକ୍ର ହୋଇଥିଲା। ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ୧୯୪୨ ମସିହା ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟର ଭାରତଛାଡ଼ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ପଣ୍ଡା ଏବଂ ସଦର ନିର୍ବାଚନ ମଣ୍ଡଳୀ ଇନଚାର୍ଜ ଚିତ୍ତରଞ୍ଜନ ପାଣି ପ୍ରମୁଖ ଇଂରେଜମାନଙ୍କୁ ଭାରତରୁ ତଡ଼ି ପୂର୍ଣ୍ଣ ସ୍ୱାଧୀନତା ପାଇଁ କର ବା ମର ନାରା ସମ୍ପର୍କରେ ଆଲୋଚନା କରିଥିଲେ। ସେତେବେଳେ ଭାରତବର୍ଷରେ ଧଳା ଇଂରେଜମାନେ ଲୁଟତରାଜ କରୁଥିଲେ, ବର୍ତ୍ତମାନ କଳା ଇଂରେଜ ଲୁଟୁଛନ୍ତି। ଏବେ ସୁଦ୍ଧା ଆମେ ଆର୍ଥିକ ସ୍ୱାଧୀନତା ପାଇନାହୁଁ ବୋଲି ଜିଲ୍ଲା ସଭାପତି ପଙ୍କଜ ନାୟକ କହିଥିଲେ। ଏବେ ସମୟ ଆସିଛି ଗାଁ ଠାରୁ ସହର ପର୍ଯ୍ୟନ୍ତ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ବୋଲି ସେ କହିଥିଲେ। ଉପସଭାପତି ପ୍ରସନ୍ନ ବରାଳ, ଜୟଦେବ ବେହେରା, ହିରଣ୍ୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



# ବନ୍ଦ ପଡ଼ିଛି ସାଆନ୍ଦା ବିଟ୍ କାର୍ଯ୍ୟାଳୟ

**ପରଜଙ୍ଗ, ୯ ।୮ (ସମିସ):** ଢେଙ୍କାନାଳ ବନଖଣ୍ଡ ମହାବିରୋଡ ବନାଞ୍ଚଳ ଡିହଡୋଳ ସେକ୍ସନ ସାଆନ୍ଦା ବିଟ୍ କାର୍ଯ୍ୟାଳୟ ଦୀର୍ଘଦିନ ବନ୍ଦ ରହି ଭୂତକୋଠିରେ ପରିଣତ ହୋଇଛି। ରାଜ୍ୟ ରାଜକୋଷରୁ ଦରମା ନେଇ ଏଠାରେ ବନ ସୁରକ୍ଷା କର୍ମୀ ନିଯୁକ୍ତ ହୋଇଥିଲେ ମଧ୍ୟ ଦିନକ ପାଇଁ ସେମାନଙ୍କ ଦେଖା ମିଳୁନାହିଁ। ଉକ୍ତ ବିଟ୍ କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ଅନାବନା ଗଛଲଟା ଉଠି ଜଙ୍ଗଲ ହୋଇଗଲାଣି। ଆଖପାଖରେ ହାତୀ ଉପଦ୍ରବ, ବନ ସୁରକ୍ଷା ସମ୍ପର୍କିତ ସୂଚନା ହେଉ ବା ଚାରା ବଣ୍ଟନ ନିମନ୍ତେ ସ୍ଥାନୀୟ ବାସିନ୍ଦା ବିଟ୍ ଉପରେ ନିର୍ଭରଶୀଳ ଥିବା ବେଳେ ଦୀର୍ଘଦିନ ଧରି କାର୍ଯ୍ୟାଳୟ ବନ୍ଦ ରହିଥିବା ଅଭିଯୋଗ ହୋଇଛି। ଉକ୍ତ ବିଟ୍‌ରେ ନିଯୁକ୍ତ ବନ ସୁରକ୍ଷାକର୍ମୀ ଏଠାକୁ କେବେ ଆସୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ସଂକ୍ରାନ୍ତରେ ଡିହଡୋଳ ସେକ୍ସନ ବନପାଳ କୁହନ୍ତି, ଉକ୍ତ କାର୍ଯ୍ୟାଳୟ ନିର୍ମାଣ କରିଥିବା ଠିକାଦାର ଏପର୍ଯ୍ୟନ୍ତ ଆମକୁ ହସ୍ତାନ୍ତର କରିନାହାନ୍ତି। ଏଥିପ୍ରତି ବନଖଣ୍ଡ ଅଧିକାରୀ ଦୃଷ୍ଟିଦେଇ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**କର୍ମଚାରୀଙ୍କ ଦେଖା ମିଳୁନି**

# ୧୧ କେଭି ତାର ସଂସ୍ପର୍ଶରେ ଜଳିଗଲା ହାଇୱା

**ପରଜଙ୍ଗ, ୯ ।୮ (ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ କୁଆଳୋ ପଞ୍ଚାୟତ ସୁବର୍ଣ୍ଣପୁର ଗାଁ ନିକଟସ୍ଥିତ ରେଙ୍ଗାଳୀ ବାମପାର୍ଶ୍ୱ କେନାଲ ପାଖରେ ଥିବା ସାମଲ କ୍ରସରରେ ଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏକ ଚିପ୍ସ ବୋଝେଇ ହାଇୱା ଟ୍ରକରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ହାଇୱାଟି ସଂପୂର୍ଣ୍ଣ ଜଳି ଯାଇଥିଲା। ଏହି ଦୁର୍ଘଟଣା ସମୟରେ ହାଇୱା ଚାଳକ ଅଳ୍ପକେ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି। ଖବର ପାଇ ପରଜଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ହାଇୱାରେ ଲାଗିଥିବା ନିଆଁକୁ ଆୟତ କରିଥିଲା। ତେବେ ବିଦ୍ୟୁତ ତାର ତଳକୁ ଓହଳି ରହିଥିବାରୁ ଏଭଳି ଅଘଟଣ ଘଟିଥିବା ନେଇ ପ୍ରଶ୍ନ ଉଠିଛି।



## ଛ'ଦେଶ ଅଞ୍ଚଳରେ ବିଭିନ୍ନ ସମସ୍ୟା

# ୧୦ଦଫା ଦାବିକୁ ନେଇ ଅହୋରାତ୍ର ଧାରଣା



**ଢେଙ୍କାନାଳ, ୯ ।୮ (ସମିସ):** ଢେଙ୍କାନାଳ ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଛଦେଶ ଅଞ୍ଚଳରେ ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟା ଲାଗିରହିଛି। ଛଦେଶ ଅଞ୍ଚଳକୁ ନୂତନ ବ୍ଲକ ଗଠନ କରିବା ଦାବୀ ଠାରୁ ଆରମ୍ଭ କରି ସାପୁଆ ନଦୀର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବୀ ସହିତ ରାସ୍ତାରୋକ, ଭାପୁର ବନ୍ଦ ଧାରଣା ଦିଆଗଲେ ମଧ୍ୟ ସରକାର କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ବାରମ୍ବାର ଦାବୀ ପୂରଣରେ ବିଫଳ ହେବା ପରେ ଛଦେଶ ବିକାଶ ପରିଷଦ, ତରଫରୁ ୧୦ ଦଫା ଦାବୀ ନେଇ ଭାପୁର ଛକ ଠାରେ ଅହୋରାତ୍ର ଧାରଣା ଦିଆଯାଇଛି।ଏହି ଧାରଣା ଆଜି ଠାରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଚାଲୁରହିବ ବୋଲି ଜଣାପଡିଛି। ଏହି ଦାବୀ ଗୁଡିକ ମଧ୍ୟରେ ଛଦେଶ ବ୍ଲକ ଗଠନ, ବିଜୁଳି ସମସ୍ୟା ସ୍ଥାୟୀ ସାମାଧାନ, ଭାପୁର ତଥା ଅନ୍ୟ ମେଡିକାଲ ଗୁଡିକରେ ଡାକ୍ତର ଷ୍ଟାଫ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା, ଭାପୁର ଫାଣ୍ଡିକୁ ଥାନାରେ ପରିଣତ କରିବା, ସାପୁଆ ନଦୀକୁ ସମ୍ପୂର୍ଣ୍ଣ ଭାବରେ ପୁନରୁଦ୍ଧାର କରିବା, ଶଙ୍କରପୁର କୋତମ ରାସ୍ତା ମରାମତି, ଭତା ଧାରୀଙ୍କ ଭତା ଟଙ୍କା ତୁରନ୍ତ ପ୍ରଦାନ. ଉପଯୁକ୍ତ ହିତାଧିକାରିକୁ ଆବାସ ଯୋଜନାରେ ଗୃହ ପ୍ରଦାନ, ଭାପୁରରେ ଦମକଳ କେନ୍ଦ୍ର ସ୍ଥାପନ, ଭାପୁର ଠାରେ ଏକ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଦାବୀ କରାଯାଇ ଏହି ଧାରଣା ଚାଲୁରହିବ।ଛଦେଶ ଅଞ୍ଚଳରେ ୧୨ଟି ପଞ୍ଚାୟତ ରହିଥିବା ବେଳେ ଦାବି ଗୁଡିକୁ ପୂରଣ ପାଇଁ ଦାବୀ କରାଯାଇଛି। ଏହି ଧାରଣା ଛଦେଶ ବିକାଶ ପରିଷଦର ସଭାପତିଙ୍କ ଆହ୍ୱାନରେ ଅନୁଷ୍ଠିତ ହେଉଛି।

## କପିଳାସ ପୀଠ ଅଭିମୁଖେ କାଉଡ଼ିଆଙ୍କ ଯାତ୍ରା

# ଦ୍ୱିତୀୟ ପାଳିରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଆଶଙ୍କା

**ଗଁଦିଆ, ୯ ।୮ (ସମିସ):** ଶ୍ରାବଣ ମାସର ଦ୍ୱତୀୟ ସୋମବାର ପଡୁଥିବାରୁ ଜଳ ଲାଗି ପାଇଁ କପିଳାସ ଶୈବପୀଠ ଅଭିମୁଖେ ଶତାଧିକ କାଉଡ଼ିଆମାନେ ଯାତ୍ରା ଆରମ୍ଭ କରିଛନ୍ତି। ହଜାର ହଜାର ସଂଖ୍ୟାରେ କାଉଡ଼ିଆ ରବିବାର ବିଭିନ୍ନ ଗ୍ରାମର ବ୍ରାହ୍ମଣୀ ନଦୀ କୁଳରେ ପୂଜାର୍ଚ୍ଚନା କରି ପାଣିଭାର ଉଠାଇ କପିଳାସର ବାବା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ, କରମୁଳ ,ଦୌଡ଼େଶ୍ୱର, ନାଗନାଥେଶ୍ୱର, ଭୋଳେଶ୍ୱର ,ଉର୍ନ୍ନକୋଟିଶ୍ୱର ଆଦି ଶୈବପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ବିଶେଷ କରି ଶହ ଶହ ସଂଖ୍ୟାରେ କାଉଡ଼ିଆ କପିଳାସ ମୁହାଁ ହୋଇଛନ୍ତି। ଢେଙ୍କାନାଳ କପିଳାସ ରାସ୍ତାରେ ଏହି କାଉଡ଼ିଆମାନେ ପାଦରେ ଚାଲି ଚାଲି ଯାଉଥିବା ବେଳେ ଅପରପାଶ୍ୱ ମନ୍ଦାର ଯାଜପୁର, ଚଣ୍ଡିଖୋଲରୁ ନିହଲପ୍ରସାଦ ଦେଇ ହଜାର ହଜାର ଶ୍ରଦ୍ଧାଳୁ କପିଳାସ ପୀଠକୁ ଆସୁଥିବା ଜଣାପଡ଼ିଛି। ସଂଧ୍ୟା ସୁଦ୍ଧା କପିଳାସ ପୀଠ ଉପରେ ଓ ପାହାଚ ତଳେ ପ୍ରାୟ ୮୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇସାରିଲାଣି। ରାତରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବାରସମ୍ଭାବନା ରହିଛି କ୍ଷଭିଡ଼କୁ ଦୃଷ୍ଟିରେ ରଖି ଦେବୋତର ବିଭାଗ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା ହୋଇଛି। ଆଇନୀସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।



# ସିଦ୍ଧ ବଳରାମଜୀଉଙ୍କ କାମଦା ଏକାଦଶୀ ନୀତି



**ଢେଙ୍କାନାଳ, ୯ ।୮ (ସମିସ):** ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ଶ୍ରାବଣ ମାସର କାମଦା ଏକାଦଶୀ ନୀତି ପାଳନ କରାଯାଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ସକାଳ ଦଶଟା ସମୟରେ ଖେଚୁଡ଼ି ଭୋଗ , ମଧ୍ୟାହ୍ନରେ ଅର୍ଣ୍ଣଧୁପ ,ସନ୍ଧ୍ୟା ବେଳେ ଆଳତୀ ରାତ୍ର ଧୂପ ପରେ ଏକାଦଶୀ ବେଢା ମହାଦୀପ ମନ୍ଦିର ଉପରକୁ ଉଠିବାର କାର୍ଯ୍ୟକ୍ରମ ରହିଛି। ରାତ୍ରରେ ପହଡ ନୀତି ଅନୁଷ୍ଠିତ। ଏହି ସମସ୍ତ କାର୍ଯ୍ୟକୁ ପୂଜକ ସିବସ୍ନ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜ ମୋହନ ମହାପାତ୍ର, କାହାଳିଆ ଟିକନ ବେହେରା , ଓ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ଏହି ଆଷାଢ଼ ମାସର କାମଦା ଏକାଦଶୀ ପାଳିତ ହୋଇଥଲା।

# ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



**ଖଜୁରିଆକଟା, ୯ ।୮ (ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଧଳପୁର ଠାରେ ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଅଛି। ଏହି ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ର ଉଦ୍‌ଘାଟନ ପର୍ବରେ ମୁଖ୍ୟ ଅତିଥି ଭାବରେ ଓଡ଼ାପଡ଼ା ବ୍ଲକ ର ଅଧ୍ୟକ୍ଷା ସସ୍ମିତା ମହାନ୍ତି, ସମ୍ମାନିତ ଅତିଥି ଭାବରେ ଜିଲ୍ଲାର ସହ ଜିଲ୍ଲା ପ୍ରମୁଖ ମନମୋହନ ତ୍ରିପାଠୀ ଓଡ଼ାପଡ଼ା ସଙ୍କୁଳ ର ସଙ୍କୁଳ ପ୍ରମୁଖ ଅଶୋକ ମହାରଣା , ଓଡ଼ାପଡ଼ା ସଙ୍କୁଳ ର ସଙ୍କୁଳ ସଂଯୋଜକ ବସନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ସମାରୋପ ପର୍ବରେ ମୁଖ୍ୟ ଅତିଥି ଭାବେ ନୟାଭାଗୀରଥୀପୁର ର ବବିତା ପରିଡ଼ା ଉପସ୍ଥିତ ଥିଲେ। ଏଥିରେ ୨୧୦ ଜଣ ଶିଶୁ ଭାଗ ନେଇଥିଲେ। ସେଥି ମଧ୍ୟରୁ ୬୫ ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡ଼ାପଡ଼ା ସଙ୍କୁଳ ର ସଙ୍କୁଳ ସଂଯୋଜକ ବସନ୍ତ କୁମାର ସ୍ୱାଇଁ ମହୋଦୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଘନଶ୍ୟାମ ସାମଲ, ସମ୍ପାଦକ ସର୍ବେଶ୍ୱର ସାହୁ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟା ନର୍ମଦା ସାହୁ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ସର୍ବେଶ୍ୱର ସାହୁ ମହୋଦୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

# ପୋଖରୀରେ ବୁଡ଼ି ଯୁବକ ମୃତ

**ଢେଙ୍କାନାଳ, ୯ ।୮ (ସମିସ):** ସଦର ଥାନାର ଭାପୁର ଫାଣ୍ଡି ଅନ୍ତର୍ଗତ ଭାପୁର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ରଞ୍ଜନ ଖଟୁଆ (୩୮)। ପ୍ରତିଦିନ ପରି ରବିବାର ରଞ୍ଜନ ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ପୋଖରୀରେ ରଞ୍ଜନଙ୍କ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରି ଭାପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ବନ୍ଧୁତ୍ୱ ପ୍ରକଳ୍ପ ଅନ୍ତର୍ଗତ କର୍ମଚାରୀ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ଢେଙ୍କାନାଳ, ୯ ।୮ (ସମିସ)




ନ୍ୟାସନାଲ୍ ଫାଉଣ୍ଡେସନ୍ ଫର୍ ଇଣ୍ଡିଆ ସହଯୋଗରେ ବନ୍ଧୁତ୍ୱ ପ୍ରକଳ୍ପ ଅନ୍ତର୍ଗତ ଲୋକ ବିକାଶ ପକ୍ଷରୁ ଶିମିଳିପାଟଣାଠାରେ ଏକ କର୍ମଚାରୀ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମକୁ ଲୋକ ବିକାଶର ସମ୍ପାଦକ ଶେଖ୍ ଅବଦୁଲ୍ ସଫିକ୍, ସଭାପତି ନୀହାର ରଞ୍ଜନ ଦାସ ପଟ୍ଟନାୟକ, କୁସିଦା ବେଗମ୍ ଏବଂ ଲୋକ ବିକାଶର କାର୍ଯ୍ୟକାରୀ ସଦସ୍ୟ ନାରାୟଣ ଖଟୁଆ ପରିଚାଳନା କରିଥିଲେ। ପ୍ରାରମ୍ଭରେ ନାରାୟଣ ଖଟୁଆ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇବା ସହ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଜଣାଇଥିଲେ। ସେ ନବନିଯୁକ୍ତ ଆନିମେଟରମାନଙ୍କୁ ବନ୍ଧୁତ୍ୱ ପ୍ରକଳ୍ପକୁ ତୃଣମୂଳ ସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଏହି ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ଲୋକ ବିକାଶର ସଭାପତି ନୀହାର ରଞ୍ଜନ ଦାସ ପଟ୍ଟନାୟକ ବନ୍ଧୁତ୍ୱ ପ୍ରକଳ୍ପର ଦୃଷ୍ଟିକୋଣ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ଆନିମେଟରଙ୍କ ସକ୍ରିୟ ଅଂଶଗ୍ରହଣ, ପ୍ରତିବଦ୍ଧତା ଏବଂ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି କହିଥିଲେ। ଲୋକ ବିକାଶର ସମ୍ପାଦକ ଶେଖ୍ ଅବଦୁଲ୍ ସଫିକ୍ ବ୍ୟକ୍ତିତ୍ୱ ବିକାଶ ଓ ନେତୃତ୍ୱ ବିଷୟରେ ଏକ ଜ୍ଞାନବର୍ଦ୍ଧକ ଅଧିବେଶନ ପରିଚାଳନା କରିଥିଲେ। ଏଥିରେ ପ୍ରଭାବଶାଳୀ ଯୋଗାଯୋଗ, ଦଳଗତ କାର୍ଯ୍ୟ ଏବଂ ଜଣେ ଉତମ ସମୁଦାୟ ନେତାଙ୍କର ଆବଶ୍ୟକ ଗୁଣଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। କୁସିଦା ବେଗମ୍ ମହିଳା ସଶକ୍ତିକରଣ ବିଷୟରେ ଆଲୋଚନା କରିଥିଲେ। ସେ ଆନିମେଟରମାନେ କିପରି ଗ୍ରାମସ୍ତରୀୟ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବେ, ସମୁଦାୟର ଅଂଶଗ୍ରହଣକୁ ଉତ୍ସାହିତ କରିବେ ଏବଂ ସାମାଜିକ ଓ ଆର୍ଥିକ ଚ୍ୟାଲେଞ୍ଜର ସମାଧାନ ପାଇଁ ମହିଳାମାନଙ୍କୁ କିପରି ସହଯୋଗ କରିପାରିବେ, ସେ ସମ୍ପର୍କରେ ବୁଝାଇଥିଲେ। ନାରାୟଣ ଖଟୁଆ ବନ୍ଧୁତ୍ୱ ପ୍ରକଳ୍ପ ଅନ୍ତର୍ଗତ ଆନିମେଟରମାନଙ୍କର ଭୂମିକା ଓ ଦାୟିତ୍ୱ ଉପରେ ଏକ ବିସ୍ତୃତ ଅଧିବେଶନ ପରିଚାଳନା କରିଥିଲେ। ସେ ସମୁଦାୟ ସଚେତନତା ଓ ଅଂଶଗ୍ରହଣ, ଗ୍ରାମସ୍ତରୀୟ ଯୋଜନା ପ୍ରସ୍ତୁତି, ବିଭିନ୍ନ ଅଂଶୀଦାରଙ୍କ ସହ ସମନ୍ୱୟ, ଦଲିଲ ପ୍ରସ୍ତୁତି, ରିପୋର୍ଟିଂ ଏବଂ ପ୍ରକଳ୍ପର କାର୍ଯ୍ୟକଳାପର ସଫଳ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବା ଆଦି ବିଷୟରେ ଆନିମେଟରମାନଙ୍କର ପ୍ରମୁଖ ଦାୟିତ୍ୱଗୁଡ଼ିକ ବୁଝାଇଥିଲେ। ବୈଷୟିକ ଅଧିବେଶନଗୁଡ଼ିକ ପରେ, ଲୋକ ବିକାଶର ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ସମସ୍ତ ନବନିଯୁକ୍ତ ଆନିମେଟରମାନଙ୍କୁ ଔପଚାରିକ ଭାବେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶ୍ରୀମତୀ ସ୍ନେହଲତା ପଟ୍ଟନାୟକ ସମସ୍ତ କର୍ମଚାରୀଙ୍କୁ ଭେଟି ଆନନ୍ଦ ପ୍ରକାଶ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଫଳ ଓରିଏଂଟେସନ୍ କାର୍ଯ୍ୟକ୍ରମ ପାଇଁ ସେ ସଭାପତି, ସମ୍ପାଦକ, ସମସ୍ତ ପ୍ରଶିକ୍ଷକ, ଅଂଶଗ୍ରହଣକାରୀ ଏବଂ ଆୟୋଜକ ଦଳକୁ ଧନ୍ୟବାଦ ଜଣାଇଥିଲେ। ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଏକ ସକାରାତ୍ମକ ପରିବେଶରେ ସମାପ୍ତ ହୋଇଥିଲା। ବନ୍ଧୁତ୍ୱ ପ୍ରକଳ୍ପର ଲକ୍ଷ୍ୟ ହାସଲ କରିବା ସହ ସମୁଦାୟ ସ୍ତରରେ ମହିଳା ସଶକ୍ତିକରଣକୁ ସୁଦୃଢ଼ କରିବା ପାଇଁ ସମସ୍ତ ଆନିମେଟର ସାମୂହିକ ଭାବେ କାର୍ଯ୍ୟ କରିବାକୁ ନବୀକୃତ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବଡ଼ ସ୍ୱପ୍ନ, କଠିନ ପରିଶ୍ରମ, ବିନୟୀ, ସକାରାତ୍ମକ ଲୋକଙ୍କ ଗହଣ ହିଁ ସଫଳତାର ମନ୍ତ୍ର।
-ସୁନିତା ୱିଲିୟମସ୍

## ସାମ୍ବାଦିକଙ୍କୁ ପ୍ରତାରଣା!

ଓଡ଼ିଶାରେ କାର୍ଯ୍ୟରତ ପେସାଦାର ସାମ୍ବାଦିକଙ୍କ ପାଇଁ ପ୍ରଚଳିତ 'ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା'କୁ 'ଆୟୁଷ୍ମାନ ଭାରତ' ଯୋଜନାରେ ବିଲୟ କରିବା ପାଇଁ ମସୁଧା ଚାଲିଥିବା ଜଣାପଡ଼ିବା ପରେ ସାମ୍ବାଦିକ ସଂଘମାନେ ଏହାର ତୀବ୍ର ବିରୋଧ କରି ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ପୂର୍ବ ସରକାର ଅମଳରେ ୨ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଥିବା ଏହି ବୀମା ଯୋଜନା ୨୦୨୩ରେ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ଏମିତି କ'ଣ ଅସୁବିଧା ହେଲା ଯେ ଏହାକୁ ଏବେ କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଯୋଜନା' ସହିତ ସାମିଲ୍ କରିବାକୁ ପଡ଼ିବ - ଏହି ପ୍ରଶ୍ନ ସାମ୍ବାଦିକ ମହଲରେ ଉଠିଛି।

୨୦୨୪ରେ ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ବିଭିନ୍ନ ଯୋଜନାର ନାମ ପରିବର୍ତ୍ତନର ଧାରା ଆରମ୍ଭ ହୋଇଛି। ଏହିକ୍ରମରେ ଯଦି କେବଳ ଉପରୋକ୍ତ ଯୋଜନାର ନାମ ବଦଳି ଯାଇଥା'ନ୍ତା ତେବେ ଆପତ୍ତି ନ ଥା'ନ୍ତା। କିନ୍ତୁ ଏହି ବହୁଳ ଆଦୃତ ଯୋଜନାକୁ 'ଆୟୁଷ୍ମାନ ଭାରତ'ରେ ବିଲୟ କରାଯିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇସାରିଥିବା ସୂଚନା ମିଳିବା ପରେ ବିବାଦ ଉଠିଛି। ବିବାଦ ପଛର ଯଥାର୍ଥତା ଓ ଯୌକ୍ତିକତା ମଧ୍ୟ ସୁସ୍ପଷ୍ଟ। 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ଭଳି 'ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା'ରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାଧାରହିତ ଓ ସର୍ତ୍ତରହିତ ଚିକିତ୍ସା ସୁବିଧା ମିଳୁଥିଲା। ଆପତ୍‌କାଳୀନ ଚିକିତ୍ସା କ୍ଷେତ୍ରରେ ଟଙ୍କା ଦେଇ ଚିକିତ୍ସିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାର ଭରଣା ହୋଇପାରୁଥିଲା। ଅଧିକନ୍ତୁ ଯେକୌଣସି ଜଟିଳ ରୋଗର ଉନ୍ନତ ମାନର ଚିକିତ୍ସା ସମ୍ଭବ ହୋଇପାରୁଥିଲା। କିନ୍ତୁ 'ଆୟୁଷ୍ମାନ ଭାରତ' ଯୋଜନାରେ ତାହା ଆଉ ଉପଲବ୍ଧ ହେବ ନାହିଁ।

'ଆୟୁଷ୍ମାନ ଭାରତ' ଯୋଜନା ଏତେ ସର୍ତ୍ତ ସମ୍ବଳିତ ଯେ ଆଶୁ ଚିକିତ୍ସା ସୁବିଧା ସବୁବେଳେ ମିଳିବା ତ ଦୂରର କଥା ଅନେକ ରୋଗର ଚିକିତ୍ସା ଏହି ଯୋଜନା ଅଧୀନରେ ଆସୁନାହିଁ। ଯେଉଁଗୁଡ଼ିକ ଆସୁଛି ତାହାର ଚିକିତ୍ସା ମଧ୍ୟ ନିମ୍ନମାନର। କ୍ୟାସ୍ ବା ଅନ୍ୟ ବୀମାଧାରୀ ରୋଗୀଙ୍କୁ ଯେଉଁମାନର ଚିକିତ୍ସା ସୁବିଧା, ଔଷଧ, କ୍ୟାବିନ୍, ଆଇସିୟୁ ଆଦି ଉପଲବ୍ଧ ତାହା 'ଆୟୁଷ୍ମାନ ଭାରତ' ଯୋଜନାରେ କ୍ୱଚିତ ସମ୍ଭବ। ଚିକିତ୍ସା ପ୍ରକ୍ରିୟା ମଧ୍ୟ ଜଟିଳ। ଏଣୁ 'ଆୟୁଷ୍ମାନ ଭାରତ' ଯୋଜନାରେ ସାମିଲ୍ ହେଲେ ସାମ୍ବାଦିକମାନେ କ୍ଷତିଗ୍ରସ୍ତ ହେବେ; ଅପରପକ୍ଷରେ ସରକାର ଲାଭରେ ରହିବେ। ତେଣୁ ବିରୋଧାଭାସ ଉଠିବା ସ୍ୱାଭାବିକ।

ସରକାର ଶ୍ରୀମନ୍ଦିର ସେବାୟତଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଣୟନ କରିଥିବା ବେଳେ ଆଇନଜୀବୀମାନଙ୍କ ପାଇଁ ୫ ଲକ୍ଷ ଟଙ୍କାର 'ମଧୁବାବୁ ସ୍ୱାସ୍ଥ୍ୟ ବୀମା' ଯୋଜନା କାର୍ଯ୍ୟକାରୀ କରିବାକୁ ସବୁଜ ସଙ୍କେତ ଦେଇଛନ୍ତି। ଆଇନଜୀବୀମାନଙ୍କୁ ବ୍ୟକ୍ତିଗତ ଅବସର ଓ ଅନୁକମ୍ପାମୂଳକ କ୍ଷତିଭରଣା ରାଶି ୯ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ତେବେ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ, ଯୋଜନା ଓ ନୀତିଗତ ନିଷ୍ପତ୍ତିକୁ ଲୋକମାନଙ୍କ ପାଖରେ ପହଞ୍ଚାଉଥିବା କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ସରକାରଙ୍କ ଏହି ପ୍ରତାରଣା କ'ଣ ପାଇଁ ବୋଲି ପ୍ରଶ୍ନ ଉଠୁଛି। ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ସାମ୍ବାଦିକମାନେ କରୁଥିବା ଦାବିକୁ ଗ୍ରହଣ କରିବା ବଦଳରେ 'ଆୟୁଷ୍ମାନ ଭାରତ' ଯୋଜନାରେ ସାମିଲ୍ କରି ସଂକୁଚିତ କରିବାରେ ସରକାରଙ୍କ ବୈମାତୃକ ମନୋଭାବ କେବଳ ଯାହା ପ୍ରତିଫଳିତ ହେଉଛି।

## ସଶକ୍ତୀକରଣ ପ୍ରହସନ

ରାଜ୍ୟରେ ଧାନସଂଗ୍ରହ ଦାୟିତ୍ୱରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ରାଜ୍ୟ ସରକାର ମୁକ୍ତ କରିଛନ୍ତି। ଏହାବଦଳରେ ଚାଷୀମାନଙ୍କଠାରୁ ପ୍ୟାକ୍ସ, ଲ୍ୟାମ୍ପସ ଓ ପାଣି ପଞ୍ଚାୟତ ଧାନ ସଂଗ୍ରହ କରିବେ। ଆସନ୍ତା ଖରିଫ୍ ଧାନ ସଂଗ୍ରହ ଋତୁରୁ ଏହା କାର୍ଯ୍ୟକାରୀ ହେବ। ଏଥିସହିତ ପଞ୍ଜିକରଣ ପ୍ରକ୍ରିୟାରେ ମଧ୍ୟ ସରକାର କେତେକ ପରିବର୍ତ୍ତନ କରିଛନ୍ତି। କିନ୍ତୁ ଏହି ନିଷ୍ପତ୍ତି ପରିବର୍ତ୍ତନ ପଛରେ କୌଣସି ଦୃଢ଼ ଯୁକ୍ତି ବା ପୂର୍ବ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ସରକାର ଦର୍ଶାଇ ନାହାନ୍ତି। ତେଣୁ ଏହି ନିଷ୍ପତ୍ତି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିଯୋଗ ହେଉଛି।

ମହିଳମାନଙ୍କୁ ସ୍ୱାବଲମ୍ବୀ ଓ ଆର୍ଥିକ ଦୃଷ୍ଟିରୁ ଅଧିକ ସଶକ୍ତ କରିବା ପାଇଁ ପୂର୍ବ ସରକାର ଅମଳରେ 'ମିଶନ୍ ଶକ୍ତି' ଗଠନ କରାଯାଇ ତା' ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ମାନଙ୍କୁ ବିଭିନ୍ନ ଦାୟିତ୍ୱ ଆବଣ୍ଟନ କରାଯାଇଥିଲା। ଏଥିମଧ୍ୟରୁ ଅନ୍ୟତମ ଥିଲା ଜଞ୍ଜାଳବହୁଳ ଧାନ ସଂଗ୍ରହ କାର୍ଯ୍ୟ। ରାଜ୍ୟରେ କୃଷି କ୍ଷେତ୍ରରେ ମହିଳାମାନଙ୍କର ଯୋଗଦାନ ଉଲ୍ଲେଖନୀୟ ହେଲେ ମଧ୍ୟ ବାସ୍ତବକ୍ଷେତ୍ରରେ ସେମାନେ ଶ୍ରେୟର ହକ୍‌ରୁ ବଞ୍ଚିତ। ତେଣୁ କୃଷିରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ଓ ସମ୍ମାନ ଦେବା ସହିତ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାର ନେଇଥିବା ଉକ୍ତ ପଦକ୍ଷେପକୁ ସବୁମହଲରୁ ସ୍ୱାଗତ କରାଯାଇଥିଲା। ଏଥିସହିତ ଆନୁଷଙ୍ଗିକ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣରେ ସେମାନଙ୍କ ଅଂଶଦାନକୁ ପ୍ରୋତ୍ସାହିତ କରାଯାଉଥିଲା। ମହିଳା ଏସ୍‌ଏଚ୍‌ଜିମାନେ ଧାନ ସଂଗ୍ରହ ଦାୟିତ୍ୱ ନେବା ପରେ କଟ୍‌ନିଛଟ୍‌ନି ଅଭିଯୋଗ ପ୍ରାୟତଃ ହ୍ରାସ ପାଇଥିଲା ଏବଂ ମିଲରମାନଙ୍କର ମନମୁଖି କାରବାର ମଧ୍ୟ କମିଥିଲା। କିନ୍ତୁ ୨୦୨୪ରେ ରାଜ୍ୟରେ ସରକାର ବଦଳିବା ପରେ ମହିଳା ସଶକ୍ତୀକରଣର ଚିତ୍ର ଧୀରେ ଧୀରେ ନିଷ୍ପ୍ରଭ ହୋଇଆସୁଛି। ଏହାର ସଦ୍ୟତମ ଉଦାହରଣ ଭାବେ ଧାନ ସଂଗ୍ରହ ପ୍ରକ୍ରିୟାରୁ ମହିଳା ଏସ୍‌ଏଚ୍‌ଜିକୁ ବାଦ୍ ଦିଆଯାଇଛି।

କେବଳ ଟଙ୍କା କିମ୍ବା ଲକ୍ଷ୍ମୀ ପୁରାଣ ବାଣ୍ଟି ମହିଳା ସଶକ୍ତୀକରଣ ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ଏଥିପାଇଁ ଲୋଡ଼ା ଦୂରଦୃଷ୍ଟି ସମ୍ପନ୍ନ ଦୀର୍ଘମିଆଦୀ ଉତ୍ପାଦଭିତ୍ତିକ ଯୋଜନା। ଗତ ଦୁଇବର୍ଷରେ ମହିଳା ସଶକ୍ତୀକରଣକୁ ତ୍ୱରାନ୍ୱିତ କଲା ଭଳି ସରକାରୀ କାର୍ଯ୍ୟକ୍ରମ ଦୃଷ୍ଟିଗୋଚର ହେଉନାହିଁ। ଅଧିକନ୍ତୁ ରାଜନୈତିକ ପଶପାଲିରେ ମହିଳା ସଶକ୍ତୀକରଣ ଦୁର୍ବଳ ହେଉଥିବା ଅଭିଯୋଗ ଓ ଅନୁଭବ ହେଉଛି। ତେଣୁ ସରକାର ସ୍ଲୋଗାନ୍ ପ୍ରସହନ ବନ୍ଦ କରି ବାସ୍ତବବାଦୀ ହୁଅନ୍ତୁ।

## ଖାଦ୍ୟ ସୁରକ୍ଷାର ବଦଳୁଥିବା ସ୍ଥିତି

ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ

ଓଡ଼ିଶାରେ ଖାଦ୍ୟ ସୁରକ୍ଷା କହିଲେ ଆମେ ସାଧାରଣତଃ ଭଲ ବର୍ଷା, ଭଲ ମାଟି ଓ ସ୍ଥାନୀୟ ଚାଷକାର୍ଯ୍ୟକୁ ବୁଝୁଥିଲୁ। କିନ୍ତୁ ଏହି ପୁରୁଣା ଚିନ୍ତାଧାରା ଏବେ ସମ୍ପୂର୍ଣ୍ଣ ବଦଳି ଯାଇଛି। ଆଜିର ଚାଷକାର୍ଯ୍ୟ ବିଶ୍ୱର ରାଜନୀତି ଓ ବିଶ୍ୱବଜାର ସହିତ ସିଧାସଳଖ ଯୋଡ଼ି ହୋଇରହିଛି। ସେଥିପାଇଁ ବିଦେଶରେ ଘଟୁଥିବା ଘଟଣା ଆମ ଓଡ଼ିଶାର ଗାଁ ଗହଳିର ଚାଷୀ ଉପରେ ସିଧାସଳଖ ପ୍ରଭାବ ପକାଉଛି। ଉଦାହରଣ ସ୍ୱରୂପ, ପଶ୍ଚିମ ଏସିଆ ଅଞ୍ଚଳରେ ଯୁଦ୍ଧର ପ୍ରଭାବ ଯୋଗୁଁ ଆମ ଓଡ଼ିଶାର ଗାଁରେ ସାର ବସ୍ତାର ଦାମ ବଢ଼ିଯାଉଛି। ସେହିପରି ପ୍ରଶାନ୍ତ ମହାସାଗରରେ ପାଣିପାଗର ପରିବର୍ତ୍ତନ ଯୋଗୁଁ ଆମ ରାଜ୍ୟରେ ଖରା ଓ ବର୍ଷା ଅନିୟମିତ ହେଉଛି। ଏହିପରି ଭାବେ ଓଡ଼ିଶାର ଚାଷ କାର୍ଯ୍ୟ ଏବେ ବିଶ୍ୱର ଯୁଦ୍ଧ ଏବଂ ଜଳବାୟୁ ପରିବର୍ତ୍ତନ ଭିତରେ ଫସି ରହିଛି। ଏହି ସମସ୍ୟାରୁ ଓଡ଼ିଶାକୁ ରକ୍ଷା କରିବା ପାଇଁ ଆମକୁ ଏକ ସ୍ଥାୟୀ ଓ ସ୍ୱାଧୀନ ଯୋଜନା ପ୍ରସ୍ତୁତ କରିବାକୁ ହେବ।

ଆମର ଆଧୁନିକ ଚାଷ ସମ୍ପୂର୍ଣ୍ଣ ଭାବେ ରାସାୟନିକ ସାର, ବିଶେଷକରି ୟୁରିଆ, ଉପରେ ନିର୍ଭର କରେ। ୟୁରିଆ ତିଆରି କରିବା ପାଇଁ ପ୍ରାକୃତିକ ଗ୍ୟାସର ପ୍ରମୁଖ ଆବଶ୍ୟକତା ରହିଥାଏ। ସାର ତିଆରି ଖର୍ଚ୍ଚର ପ୍ରାୟ ୮୦% ରୁ ୯୦% ଭାଗ କେବଳ ଏହି ଗ୍ୟାସ ଓ ଶକ୍ତି ପାଇଁ ଖର୍ଚ୍ଚ ହୋଇଥାଏ। ସେଥିପାଇଁ ବିଶ୍ୱ ବଜାରରେ ଗ୍ୟାସର ଦାମ ବଢ଼ିଲେ ସାରର ଦାମ ମଧ୍ୟ ବଢ଼ିଯାଏ। ବିଶ୍ୱର ପ୍ରାୟ ୩୫% ଗ୍ୟାସ ଏବଂ ଏକ-ତୃତୀୟାଂଶ ସାର ପଶ୍ଚିମ ଏସିଆର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ସାମୁଦ୍ରିକ ରାସ୍ତା ଦେଇ ଯାତାୟାତ କରିଥାଏ। ଯଦି ସେହି ଅଞ୍ଚଳରେ ଯାତାୟାତ ବନ୍ଦ ହୁଏ, ବିଶ୍ୱ ବଜାରରେ ୟୁରିଆ ଦାମ ହଠାତ ୪୬% ପର୍ଯ୍ୟନ୍ତ ବଢ଼ିଯାଏ। ବିଶ୍ୱବ୍ୟାଙ୍କର ତଥ୍ୟ ଅନୁସାରେ ଚଳିତ ବର୍ଷ ସାରର ଦାମ ଟନ୍ ପିଛା ୮୩,୫୦୦ଟଙ୍କା ରୁ ୯୭,୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଯାଇପାରେ। ଓଡ଼ିଶାର ପ୍ରାୟ ୪୫% ଲୋକ ଚାଷ ଉପରେ ନିର୍ଭର କରନ୍ତି ଏବଂ ରାଜ୍ୟ ଆୟର ୧୮% ଭାଗ ଚାଷରୁ ଆସେ। ତେଣୁ ଅନ୍ତର୍ଜାତୀୟ ବଜାରରେ ସାର ଦାମ ବଢ଼ିଲେ ଆମ ରାଜ୍ୟର ଗରିବ ଚାଷୀମାନେ ଅଧିକ ଟଙ୍କା ଖର୍ଚ୍ଚ କରି ସାର କିଣିପାରନ୍ତି ନାହିଁ। ଏହାଦ୍ୱାରା ଆମର ଖରିଫ ଓ ରବି ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ଓଡ଼ିଶାର ପ୍ରାୟ ୭୦% ରୁ ୮୦% ଚାଷୀ ହେଉଛନ୍ତି ନାମମାତ୍ର ବା କ୍ଷୁଦ୍ର ଚାଷୀ। ସେମାନଙ୍କ ପାଖରେ ୨ ହେକ୍ଟରରୁ କମ୍ ଜମି ଥାଏ। ସେମାନଙ୍କର ଆର୍ଥିକ ସ୍ଥିତି ବହୁତ ଦୁର୍ବଳ। ସେଥିପାଇଁ ସାରର ଦାମ ବଢ଼ିଲେ ସେମାନେ କମ୍ ସାର ବ୍ୟବହାର କରନ୍ତି କିମ୍ବା ଚାଷ ଜମିର ପରିମାଣ କମାଇ ଦିଅନ୍ତି। କେତେକ ଚାଷୀ ଭଲ ବିହନ ବଦଳରେ କମ୍ ଅମଳ ଦେଉଥିବା ପୁରୁଣା ବିହନ ବ୍ୟବହାର କରନ୍ତି। ଏହାଦ୍ୱାରା ରାଜ୍ୟରେ ମୋଟ ଖାଦ୍ୟ ଉତ୍ପାଦନ କମିଯାଏ।

ଅନ୍ୟପଟେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆମ ପାଣିପାଗରେ ବଡ଼ ସମସ୍ୟା ଦେଉଛି। ଆଜିକାଲି କେବଳ ବର୍ଷାର ପରିମାଣ କମିବା ବଡ଼ କଥା ନୁହେଁ, ବରଂ ବାୟୁମଣ୍ଡଳରେ ଜଳୀୟବାଷ୍ପର ଅଭାବ ଆଉ ଏକ ପ୍ରମୁଖ ସମସ୍ୟା। ଏହାକୁ ଆମେ ବାୟୁମଣ୍ଡଳର 'ଶୋଷ' ବୋଲି କହିପାରିବା। ପୃଥିବୀର ତାପମାତ୍ରା ବଢ଼ିବା ଯୋଗୁଁ ବାୟୁମଣ୍ଡଳ ମାଟି ଓ ଫସଲରୁ ଅତିଶୀଘ୍ର ପାଣି ଶୋଷିନେଉଛି। ଏହାଦ୍ୱାରା ବର୍ଷା ଠିକ୍ ହେଲେ ମଧ୍ୟ ମାଟି ଖୁବ୍ ଶୀଘ୍ର ଶୁଖିଯାଉଛି। ଓଡ଼ିଶାର ପ୍ରଧାନ ଖାଦ୍ୟ ଚାଉଳ। କିନ୍ତୁ ଧାନ ଦାନା ଧୋକିବା ସମୟରେ ଯଦି ଦିନର ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ହୁଏ, ତେବେ ଧାନ ଫସଲର ପରାଗସଙ୍ଗମ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଏହାକୁ ବୈଜ୍ଞାନିକ ଭାଷାରେ 'ସ୍ପାଇକଲେଟ୍ ଷ୍ଟେରିଲିଟି'(ଅଗାଡ଼ି) କୁହାଯାଏ। ବାହାରକୁ ବିଲ ସବୁଜ ଦେଖାଗଲେ ମଧ୍ୟ ଭିତରେ ଧାନଗୁଡ଼ିକ ଅଗାଡ଼ି ହୋଇଯାଏ। ପାଣିପାଗର ଏହି ନୂଆ ସମସ୍ୟା ଏବେ ଓଡ଼ିଶା ଭଳି ଉପକୂଳ ଅଞ୍ଚଳରେ ଅଧିକ ଦେଖିବାକୁ ମିଳୁଛି। ଏହାଛଡ଼ା ଓଡ଼ିଶା ବଙ୍ଗୋପସାଗର କୂଳରେ ଥିବାରୁ ଏଠାରେ ସମୁଦ୍ରର ତାପମାତ୍ରା ବଢ଼ିବାରେ ଲାଗିଛି। ଏଥିଯୋଗୁଁ ଧାନ ପାକଳ ହେବା ସମୟରେ ବଡ଼ ବଡ଼ ବାତ୍ୟା ମାଡ଼ି ଆସୁଛି। ଏହି ବାତ୍ୟା ଯୋଗୁଁ ବିଲରେ ଧାନ ଫସଲ ଶୋଇପଡ଼େ, ଲୁଣାପାଣି ମାଡ଼ିଯାଏ ଏବଂ ଅମଳ ହେବାକୁ ଥିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ଏହା ଗାଁର ବଜାର ଓ ଗମନାଗମନ ବ୍ୟବସ୍ଥାକୁ ମଧ୍ୟ ସମ୍ପୂର୍ଣ୍ଣ ଉଜାଡ଼ି ଦିଏ।

ଯେତେବେଳେ ବଜାରରେ ଖାଦ୍ୟ ପଦାର୍ଥର ଦାମ ବଢ଼ିଯାଏ, ସେତେବେଳେ ଗରିବ ପରିବାରଗୁଡ଼ିକ ପେଟ ଭରିବା ପାଇଁ କେବଳ ସରକାରୀ ଚାଉଳ ଉପରେ ନିର୍ଭର କରନ୍ତି। ମହଙ୍ଗା ମାଡ଼ ଯୋଗୁଁ ସେମାନେ ଡାଲି, କ୍ଷୀର, ପନିପରିବା ଏବଂ ଫଳ ଖାଇବା ବନ୍ଦ କିମ୍ବା କମ କରିଦିଅନ୍ତି। ଏହାଦ୍ୱାରା ଶରୀରକୁ କ୍ୟାଲୋରୀ ମିଳିଯାଏ, କିନ୍ତୁ ଜୀବସାର ଓ ପୁଷ୍ଟିସାର ମିଳେନାହିଁ। ଏହାକୁ 'ହିଡେନ୍ ହଙ୍ଗର' କୁହାଯାଏ। ଏହାର ପ୍ରଭାବରେ ଗାଁର ମହିଳା ଓ ପିଲାମାନେ ପୁଷ୍ଟିହୀନତାର ଶିକାର ହୁଅନ୍ତି ଏବଂ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହୁଏ। ଅନ୍ୟପଟେ ଚାଷରେ କ୍ଷତି ହେବା ଯୋଗୁଁ ଗାଁର ପୁରୁଷମାନେ କାମ ସନ୍ଧାନରେ ବାହାର ରାଜ୍ୟକୁ ପଳାଉଛନ୍ତି। ଏଥିଯୋଗୁଁ ଗାଁରେ ମହିଳାମାନେ ହିଁ ସମସ୍ତ ଚାଷ କାର୍ଯ୍ୟ ବୁଝୁଛନ୍ତି। କିନ୍ତୁ ଓଡ଼ିଶାରେ ୧୫% ରୁ କମ୍ ମହିଳାଙ୍କ ନାମରେ ଜମିର ପଟ୍ଟା ରହିଛି। ଜମି ପଟ୍ଟା ନଥିବାରୁ ଏହି ମହିଳା ଚାଷୀମାନଙ୍କୁ ବ୍ୟାଙ୍କରୁ ସହଜରେ ଋଣ ମିଳେନାହିଁ କିମ୍ବା ସେମାନେ ସରକାରୀ ସାହାଯ୍ୟ ଓ ଫସଲ ବୀମା ପାଇପାରନ୍ତି ନାହିଁ। ଶେଷରେ ସେମାନେ ଗାଁର ମହାଜନମାନଙ୍କଠାରୁ ଚଢ଼ା ସୁଧରେ ଋଣ ଆଣି ଋଣଯନ୍ତା ଭିତରେ ଫସିଯାଆନ୍ତି।

ଏହିସବୁ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ସମସ୍ୟାରୁ ଓଡ଼ିଶାର ଖାଦ୍ୟ ସୁରକ୍ଷାକୁ ରକ୍ଷା କରିବା ପାଇଁ ଆମକୁ କେତେକ ଦୀର୍ଘସ୍ଥାୟୀ ଓ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ହେବ। ପ୍ରଥମେ, ସାର ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ନିଜସ୍ୱ 'ସାର ବ୍ୟାଙ୍କ' ବା ଗୋଦାମ ପ୍ରତିଷ୍ଠା କରିବା ଆବଶ୍ୟକ। ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ବରଗଡ଼ ଓ ବାଲେଶ୍ୱର ଭଳି ପ୍ରମୁଖ ଚାଷ ଅଞ୍ଚଳରେ ୬ ମାସ ପାଇଁ ଆଗୁଆ ୟୁରିଆ ଓ ଡି.ଏ.ପି. ସାର ମହଜୁଦ ରଖିବାକୁ ହେବ। ଯଦି ବିଦେଶରେ ଯୁଦ୍ଧ ହେତୁ ବଜାରରେ ସାର ଦାମ ଅଧିକ ହୋଇଯାଏ, ସରକାର ନିଜ ମହଜୁଦ ପାଣ୍ଠିରୁ ଚାଷୀଙ୍କୁ ନିଶ୍ଚିତ ଭାବେ ବସ୍ତା ପ୍ରତି ୩୦୦ଟଙ୍କା ଭଳି ଏକ ସ୍ଥିର ଦାମରେ ସାର ଯୋଗାଇ ଦେବେ। ଏହାଦ୍ୱାରା ବିଶ୍ୱ ବଜାରର ପ୍ରଭାବ ଆମ ଚାଷୀ ଉପରେ ପଡ଼ିବ ନାହିଁ। ଦ୍ୱିତୀୟରେ, ଓଡ଼ିଶାର କୃଷି ବିଶ୍ୱବିଦ୍ୟାଳୟ ଏବଂ କଟକର ଜାତୀୟ ଧାନ ଗବେଷଣା କେନ୍ଦ୍ର ମିଶି କମ୍ ଦିନରେ ଅମଳ ହେଉଥିବା ଏବଂ ଜଳବାୟୁ ସହନଶୀଳ ବିହନ ପ୍ରସ୍ତୁତ କରିବା ଉଚିତ୍। ଉଦାହରଣ ସ୍ୱରୂପ, 'ସ୍ୱର୍ଣ୍ଣ ସବ୍-୧' ଏବଂ 'ସି.ଆର୍ ଧାନ ୮୦୧' ଭଳି ବିହନ ବ୍ୟବହାର କରାଯିବା ଦରକାର। ଏହି ବିହନରୁ ଉତ୍ପନ୍ନ ଫସଲ ୧୪ ଦିନ ପର୍ଯ୍ୟନ୍ତ ପାଣି ଭିତରେ ବୁଡ଼ି ରହିଲେ ନଷ୍ଟ ହୁଏନାହିଁ ଏବଂ ଏହା ମରୁଡ଼ି ମଧ୍ୟ ସହ୍ୟ କରିପାରେ। ଏହା ସହିତ ଏପରି ବିହନ ପ୍ରସ୍ତୁତ କରିବାକୁ ହେବ, ଯାହାର ଫୁଲ ଆସିବା ପ୍ରକ୍ରିୟା ସକାଳୁ ସକାଳୁ ଶେଷ ହୋଇଯାଉଥିବ, ଯାହାଦ୍ୱାରା ଦିନର ଖରା ଓ ୩୫ଡିଗ୍ରୀରୁ ଅଧିକ ତାପମାତ୍ରା ଯୋଗୁଁ ଧାନ ଅଗାଡ଼ି ହେବାର ଆଶଙ୍କା ରହିବ ନାହିଁ।

ତୃତୀୟରେ, ଡିଜେଲ ପମ୍ପ ବଦଳରେ ସରକାର ସୌରଶକ୍ତି ଚାଳିତ ଜଳସେଚନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। 'କୃଷକ ପୋଖରୀ' ଯୋଜନା ମାଧ୍ୟମରେ ଗଞ୍ଜାମ ଭଳି ଜିଲ୍ଲାରେ ପୋଖରୀ ଖୋଳାଯାଇ ସେଥିରେ ସୋଲାର ପମ୍ପ ଲଗାଯାଇପାରିବ। ଯୁଦ୍ଧ ହେତୁ ଯଦି ବିଶ୍ୱରେ ଅଶୋଧିତ ତୈଳ ଦାମ ବଢ଼େ ଆମ ଚାଷୀର ଜଳସେଚନ ଖର୍ଚ୍ଚ ବଢ଼ିବ ନାହିଁ। ଚତୁର୍ଥରେ, ବ୍ଲକ ସ୍ତରରେ ଆଧୁନିକ ପାଣିପାଗ କେନ୍ଦ୍ର ସ୍ଥାପନ କରି ଚାଷୀଙ୍କୁ ୭୨ ଘଣ୍ଟା ଆଗରୁ ମୋବାଇଲ୍ ମାଧ୍ୟମରେ ସୂଚନା ଦେବାକୁ ହେବ। ଯଦି ଧାନ ଦାନା ଧୋକିବା ସମୟରେ ଅନୁଗୁଳ ଭଳି ଅଞ୍ଚଳରେ ୩୫ଡିଗ୍ରୀରୁ ଅଧିକ ଖରା ହେବାର ସମ୍ଭାବନା ଥାଏ, ତାହା ଚାଷୀଙ୍କୁ ଆଗୁଆ ଜଣାଇ ଦିଆଯିବ। ସୂଚନା ପାଇ ଚାଷୀ ବିଲରେ ସାମାନ୍ୟ ପାଣି ଜମେଇ ରଖିବେ, ଯାହାଦ୍ୱାରା ଫସଲ ଚାରିପାଖ ଥଣ୍ଡା ରହିବ ଏବଂ ନଷ୍ଟ ହେବନାହିଁ। ପଞ୍ଚମରେ, ମହିଳା ଚାଷୀମାନଙ୍କୁ ସରକାରୀ ସ୍ୱୀକୃତି ଦେବା ପାଇଁ 'କୃଷକ ସହାୟତା କାର୍ଡ' ପ୍ରଦାନ କରାଯିବା ଉଚିତ୍। ଜମି ପଟ୍ଟା ନଥିଲେ ମଧ୍ୟ ସେମାନଙ୍କର ଚାଷ ଚୁକ୍ତିପତ୍ରକୁ ଗ୍ରହଣ କରି ବ୍ୟାଙ୍କଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଯୌଥ ଦାୟିତ୍ୱ ଗୋଷ୍ଠୀ ମାଧ୍ୟମରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ କେବଳ ୪% ସୁଧରେ ଦେବା ଆବଶ୍ୟକ। ଏହାଦ୍ୱାରା ମହିଳାଚାଷୀମାନେ ସାହୁକାରଙ୍କ କବଳରୁ ରକ୍ଷା ପାଇବେ। ଷଷ୍ଠରେ, ପରିବାରକୁ ପୁଷ୍ଟିହୀନତାରୁ ରକ୍ଷା କରିବା ପାଇଁ ସରକାରୀ ରାସନ ବ୍ୟବସ୍ଥାରେ ଚାଉଳ ସହିତ ୨୦% ମାଣ୍ଡିଆ ଏବଂ ଶସ୍ତାରେ ହରଡ଼ ଡାଲି (କିଲୋ ପିଛା ୪୦ଟଙ୍କା) ଯୋଗାଇ ଦେବା ଆବଶ୍ୟକ। ଓଡ଼ିଶା ମାଣ୍ଡିଆ ମିଶନର ସଫଳତାକୁ ଏଥିରେ ବ୍ୟବହାର କରାଯାଇପାରିବ। ମାଣ୍ଡିଆ ଚାଷ ପାଇଁ କମ୍ ପାଣି ଓ ଶୂନ ରାସାୟନିକ ସାର ଆବଶ୍ୟକ ହେଉଥିବାରୁ ଏହା ଉପରେ ବିଶ୍ୱ ବଜାରର କୌଣସି ପ୍ରଭାବ ପଡ଼େନାହିଁ। ଏହାଦ୍ୱାରା ଗରିବ ଲୋକଙ୍କୁ ସହଜରେ ପୁଷ୍ଟିସାର ମିଳିପାରିବ ଏବଂ ଓଡ଼ିଶାରୁ ପୁଷ୍ଟିହୀନତା ସମ୍ପୂର୍ଣ୍ଣ ଦୂର ହେବ।

ଭୁବନେଶ୍ୱର, ମୋ:୭୭୩୫୩୭୪୯୭

## ପରିତ୍ୟକ୍ତ ପିତାମାତା

ବୈଷ୍ଣବ ମେହେର

ନିକଟରେ ଖବରକାଗଜରେ ଆମ ରାଜ୍ୟର ଏପରି କିଛି ଅବାଞ୍ଛିତ ଓ ଅମାନବୀୟ ଘଟଣା ଦେଖିବାକୁ/ପଢ଼ିବାକୁ ମିଳିଛି। ଗୋଟିଏ ଖବରରେ ଜଣେ ବୃଦ୍ଧଙ୍କୁ ତାଙ୍କ ପୁଅମାନେ ଖାଇବାକୁ ନଦେବାରୁ ସେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହି ଘଟଣାର ଦୁଇଦିନ ପରେ ଚଳପ୍ରଚଳ କରିପାରୁ ନ ଥିବା ଜନୈକା ପକ୍ଷାଘାତ ମହିଳାଙ୍କୁ ତାଙ୍କ ପରିବାର ବୋଧେ ପୁଅବୋହୂମାନେ ଆଣି ବାଲେଶ୍ୱର ଜିଲ୍ଲାର ସୋର ଅଞ୍ଚଳର ଏକ ପୋଲ ତଳେ ଫିଙ୍ଗି ଦେଇ ଚାଲିଯାଇଥିଲେ। ପୋଲ ତଳେ ନଖାଇ ନପିଇ ପଡ଼ି ରହିଥିବା ମହିଳାଙ୍କୁ କିଛି ବୁଲା କୁକୁର ଆକ୍ରମଣ କରୁଥିବା ବେଳେ ସ୍ଥାନୀୟ କିଛି ସ୍ୱେଚ୍ଛାସେବୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ। ଏହି ଘଟଣାର ପ୍ରାୟ ଗୋଟିଏ ସପ୍ତାହ ପରେ କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନରେ ଘଟିଥିବା ଆଉ ଏକ ଅମାନବୀୟ ଘଟଣାରେ ପୁଅ ପ୍ରତି ବାପାର ଆଶା ଓ ବିଶ୍ୱାସକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ପଡ଼ୋଶୀ ଛତିଶଗଡ଼ ବିଳାସପୁରରୁ ଚିକିତ୍ସା ପାଇଁ ନିଜ ଦୁଇ ପୁଅଙ୍କ ସହିତ ଆସିଥିବା ବାପାଙ୍କ କର୍କଟ ରୋଗ ଚିହ୍ନଟ ପରେ ଉଭୟ ପୁଅ ତାଙ୍କୁ ଡାକ୍ତରଖାନାରେ ଛାଡ଼ିଦେଇ କୁଆଡ଼େ ଫେରାର ହୋଇଗଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଯେତେ ଚେଷ୍ଟା କଲେ ମଧ୍ୟ ପୁଅମାନଙ୍କ ସହିତ ଯୋଗାଯୋଗ ହୋଇପାରିଲା ନାହିଁ। ତେଣୁ ବାଧ ହୋଇ ଡାକ୍ତରଖାନା କର୍ତ୍ତୃପକ୍ଷ ବୃଦ୍ଧଙ୍କୁ 'ପରିତ୍ୟକ୍ତ' ଘୋଷଣା କରି 'ଡେଷ୍ଟିଚ୍ୟୁଟ ୱାର୍ଡ'ର ୮ ନମ୍ବର ଶଯ୍ୟାରେ ରଖି ଚିକିତ୍ସା କରୁଛନ୍ତି। ସମସ୍ତେ ଥାଇ କେହି ନଥିବା ବୁଢ଼ାବାପାର ପରବର୍ତ୍ତୀ ଅବସ୍ଥା କ'ଣ ହେବ, ଭଗବାନଙ୍କୁ ଜଣା।



ଆମ ଶାସ୍ତ୍ରରେ ଅଛି, 'ମାତୃ ଦେବୋ ଭବ, ପିତୃ ଦେବୋ ଭବ'। ବାପାମାଆ ତଥା ବରିଷ୍ଠଙ୍କ ଆଶୀର୍ବାଦ ଥିଲେ ପଥର ବି ପାଣି ହୁଏ। ଆଜି ଯିଏ ପୁଅ କାଲି ସେ ବି ବାପା ହେବ। ଆଜି ଆମେ ଯେମିତି କରିବା, କାଲି ଆମ ପିଲାମାନେ ସେମିତି ଶିଖିବେ, ସେପରି କରିବେ। ଏସବୁ ଭାବୁଭାବୁ ସାମାଜିକ ଗଣମାଧ୍ୟରେ ଏକ ଭିଡିଓ ଉପରେ ନଜର ପଡ଼ିଲା, ଯେଉଁଠି ଦୀର୍ଘଦିନ ପରେ ଗାଁରେ ରହୁଥିବା ବୁଢ଼ାବାପା ସହରରେ ଥିବା ପୁଅ ପାଖକୁ ଆସିଛି। ପ୍ରଥମେ ବୋହୂ ବୁଢ଼ାକୁ ଘରକୁ ଆସୁଥିବା ଦେଖି ମନେମନେ ପ୍ରମାଦ ଗଣୁଛି ଯେ ବୁଢ଼ା ନିହାତି କିଛି ଟଙ୍କା ମାଗିବାକୁ ଆସିଥିବ। ଅବଶ୍ୟ ସହରରେ ପୁଅବୋହୂର ଆର୍ଥିକ ଅବସ୍ଥା ଆଦୌ ଠିକ ନଥିଲା। ବାପା ଆସିଥିବା ଖବର ବୋହୂଟି ପୁଅକୁ ଦେବା ସହ ତାଗିଦ ବି କରିଦେଲା ଯେ, 'ଦେଖ ବୁଢ଼ା କିଛି ଟଙ୍କା ମାଗିପାରନ୍ତି, ତୁମେ କିନ୍ତୁ ସିଧା ମନା କରିଦେବ।'

ଏତିକି ବେଳେ ବାପା ଘରକୁ ଆସିଲେ, ଉଦାସ ପୁଅ ଏକ ଚୌକି ଦେଇ ବାପାଙ୍କୁ ବସିବାକୁ କହିଲା। ବୋହୂଟି ଘରକୋଣରେ ରହି ବାପପୁଅର କଥା ଶୁଣିବାକୁ ଚେଷ୍ଟା କରୁଥାଏ। ପୁଅର ଉଦାସପଣ ଓ ବୋହୂର ନିରୀହ ଚେହେରା ଏବଂ ଘରଦ୍ୱାରର ଅବସ୍ଥାକୁ ଦେଖି ପୁଅବୋହୂର ଆର୍ଥିକ ସମସ୍ୟାକୁ ନେଇ ଅଭିଜ୍ଞ ବୁଢ଼ାବାପାଙ୍କର କୌଣସି ସନ୍ଦେହ ରହିଲା ନାହିଁ। ସେ ଏକଥା ମଧ୍ୟ ଜାଣିପାରିଲେ ଯେ, ସେ ଏଠାକୁ କିଛି ଅର୍ଥ ମାଗିବାକୁ ଆସିଥିବା ଭାବି ପୁଅବୋହୂ ଭୟଭୀତ ଅଛନ୍ତି। ସବୁକଥା ଠଉରାଇଲା ପରେ ଗାଁରେ ଭଲ ଫସଲ ହୋଇଥିବା ଏବଂ ସେ ଓ ତାଙ୍କ ପତ୍ନୀ ଖୁସିରେ ଥିବା କହି ପୁଅର ହାତକୁ ଦୁଇ ବିଡ଼ା ନୋଟ ବଢ଼ାଇ ଦେଇ କହିଲେ ଯେ, 'ତୁମେ ଦୁହେଁ ଚାହିଁଲେ ଯେତେବେଳେ ବି ଗାଁକୁ ଫେରିଆସିପାର। ଆମେ ଉଭୟ ବୁଢ଼ାବୁଢ଼ି ତୁମ ସ୍ୱାଗତ ଅପେକ୍ଷାରେ ଅଛୁ।' ଏକଥା ଶୁଣି ଉଭୟ ପୁଅବୋହୂ କାନ୍ଦି ପକାଉଛନ୍ତି।

ଏ ଘଟଣାରୁ ସ୍ପଷ୍ଟ ହୁଏ ଯେ, ପୁଅବୋହୂଙ୍କ ପ୍ରତି ବାପାମାଆଙ୍କ ଉଦାରତା ବାସ୍ତବରେ ଅପରିସୀମ। ତାଙ୍କ ହୃଦୟ ସଦା ବିସ୍ତାରିତ। ସେମାନେ ପୁଅବୋହୂର ମୁହଁକୁ ଦେଖି ସେମାନଙ୍କ ମନର କଥା ଅଚିରେ ବୁଝିଯାଆନ୍ତି। ଅପରପକ୍ଷେ ପୁଅବୋହୂମାନେ ବାପାମାଆଙ୍କ ସବୁ କଥା ଜାଣିବୁଝି ନଜାଣିପାରିବା, ନବୁଝିପାରିବା ଭଳି ହେବା ସମ୍ପ୍ରତି ଆମ ସମାଜର ବଡ଼ ବିଡ଼ମ୍ବନା। ଏବେ ଅନେକ ବାପାମାଆ ସନ୍ଦୀହାନ ହୋଇପଡ଼ିଛନ୍ତି ଯେ, ଶେଷ ସମୟରେ ପୁଅବୋହୂ ତାଙ୍କ ନିକଟରେ ଉପସ୍ଥିତ ରହିବେ କି ନାହିଁ। ସେଥିପାଇଁ ତ ଗତ କିଛିବର୍ଷ ତଳେ ଆମ ଗଞ୍ଜାମ ଜିଲ୍ଲାରେ ନିଜ ପୁଅବୋହୂଙ୍କୁ ନେଇ ବିମୁଖ ପିତାମାତା ଜୀବିତ ଅବସ୍ଥାରେ ନିଜ ପାଇଁ ନିଜର କବର ତିଆରି କରିବା ବେଶ ଚର୍ଚ୍ଚାର ବିଷୟ ହୋଇଥିଲା।

ବାସ୍ତବରେ ବାପାମାଆଙ୍କୁ କୌଣସି ଧନସମ୍ପତ୍ତି ଦରକାର ନଥାଏ। ସେମାନଙ୍କୁ କିଛି ସମୟ ଓ ପୁଅବୋହୂଙ୍କ ଶ୍ରଦ୍ଧାର ଆବଶ୍ୟକ ଥାଏ। ସେମାନେ ଅଣଦେଖାକୁ ସହିପାରନ୍ତି ନାହିଁ। କିନ୍ତୁ କାହାକୁ କିଛି କହି ବି ପାରନ୍ତି ନାହିଁ ଏଥିପାଇଁ ଯେ ଅଣଦେଖା କରୁଥିବା ମଣିଷମାନେ ତାଙ୍କ ଜୀବନ ଠାରୁ ବି ବଡ଼। ଖାସ ସେଥିପାଇଁ ତ ଯେତେ କଷ୍ଟ ହେଲେ ବି କେବେ ଅଭିଶାପ ଦିଅନ୍ତି ନାହିଁ। କିନ୍ତୁ ତାଙ୍କ ଆଖିରୁ ଝରୁଥିବା ନିରବ ଲୁହକୁ ଭଗବାନ ନିଶ୍ଚୟ ଦେଖନ୍ତି। ଏକଥାକୁ କୌଣସି ପୁଅବୋହୂ ଭୁଲିଯିବା ଉଚିତ ନୁହେଁ।

ସିନାପାଲି(ନୂଆପଡ଼ା), ମୋ: ୯୭୭୭୭୫୩୯୩୫

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

**ମାଣ୍ଡିଆ**
Finger Millet or Ragi-Eleusine coracana
ପ୍ରକୃତି-ପରିବେଶ

*ପୂର୍ବ ପ୍ରକାଶିତ ଉତ୍ତାରୁ...*

ଅନେକ ଅତ୍ୟାବଶ୍ୟକୀୟ ପୁଷ୍ଟିକାରକ ଦ୍ରବ୍ୟ, ଖାଦ୍ୟ ଫାଇବର ବା ତନ୍ତୁ ଏବଂ ମିଥିଓନାଇନ୍ ଭଳି ଆମିନୋ ଏସିଡ୍ ସହିତ ମାଣ୍ଡିଆକୁ ଏକ ପୁଷ୍ଟିକର ଶକ୍ତିଗୃହ ଭାବରେ ବିବେଚନା କରାଯାଏ। ଏଥିରେ ପ୍ରାୟ ୬୫-୭୫% କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର, ୫-୮% ପ୍ରୋଟିନ୍, ୧-୨% ଚର୍ବି, ୧୫-୨୦% ଖାଦ୍ୟ ତନ୍ତୁ ଏବଂ ୨.୫-୩.୫ % ଖଣିଜ ପଦାର୍ଥ ବା ପୁଷ୍ଟିକର ଉପାଦାନ ରହିଛି। ଏଥିରେ ମୋଟ ଶକ୍ତି ପରିମାଣ ୩୦୦-୩୫୦ କିଲୋ କ୍ୟାଲେରି ରହିଛି। ଏହା ଫାଇଟୋକେମିକାଲ୍ସ, ପଲିଫେନୋଲ୍ସ, ଫ୍ଲାଭୋନଏଡ୍ସ, ଟାନିନ୍ସ, ରେଟିନୋଲ (ଭିଟାମିନ୍ ଏ), ଥିୟାମିନ୍ (ବି ୧), ରାଇବୋଫ୍ଲାଭିନ୍ (ବି ୨), ନିଆସିନ୍ (ବି ୩), ଓକୋଫେରଲ୍ (ଇ), କ୍ୟାଲସିୟମ୍, ପୋଟାସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍ ଓ ଲୌହ ଧାତୁରେ ଭରପୂର।

ଅନେକ ଲୋକଙ୍କ ପାଇଁ, ବିଶେଷକରି ଜନଜାତି ଏବଂ ଗରିବଙ୍କ ପାଇଁ, ମାଣ୍ଡିଆ ଏକ ମୁଖ୍ୟ ଖାଦ୍ୟ। ସାମ୍ପ୍ରତିକ ଦଶନ୍ଧିରେ 'ଗରିବ ବ୍ୟକ୍ତିଙ୍କ ମୁଖ୍ୟ ଖାଦ୍ୟ'ରୁ 'ପୁଷ୍ଟିକର ଶସ୍ୟ' ପର୍ଯ୍ୟନ୍ତ ଏହାର ଉଦୟ ଏହି ଫସଲକୁ ବ୍ୟାପକ ସ୍ତରରେ ଅନୁସନ୍ଧାନ କରିବାର ଆବଶ୍ୟକତାକୁ ଉତ୍ସାହିତ କରିଛି। ସୁସ୍ଥ ଶସ୍ୟ ପ୍ରତି ଖାଉଟିଙ୍କ ବର୍ଦ୍ଧିତ ଆଗ୍ରହ ଯୋଗୁଁ ବିଶ୍ୱରେ ମିଲେଟ ଚାହିଦା ବୃଦ୍ଧି ପାଉଛି। ବର୍ତ୍ତମାନ ବିଶ୍ୱ ମିଲେଟ ଉତ୍ପାଦନ ମୋଟ ୩୦.୭୩ ନିୟୁତ ଟନ୍, ଯେଉଁଥିରେ ଭାରତ ୧୧.୪୨ ନିୟୁତ ଟନ୍ (୩୭%) ଯୋଗଦାନ ଦେଇ ବିଶ୍ୱବ୍ୟାପୀ ଅଗ୍ରଣୀ ଉତ୍ପାଦକ ଭାବରେ ନିଜର ସ୍ଥାନ ସୁରକ୍ଷିତ କରୁଛି।

ମିଲେଟ କହିଲେ ମାଣ୍ଡିଆ, ଜହ୍ନା, ବାଜରା, ସୁଆଁ, ଇତ୍ୟାଦି ଛୋଟ ଦାନାକୁ ବୁଝାଏ। ମାଣ୍ଡିଆର ବଂଶବିସ୍ତାର ମୁଖ୍ୟତଃ ବିହନ ଦ୍ୱାରା କରାଯାଏ। ଭାରତରେ ମାଣ୍ଡିଆ ଏକ ସାଧାରଣ ରବି (ଶୁଷ୍କ, ଶୀତକାଳୀନ) ଫସଲ। ଏହା ବିଭିନ୍ନ ମାଟିରେ ବଢ଼ିପାରେ, ଯେଉଁଥିରେ ଅତ୍ୟଧିକ ପାଗ ପ୍ରଭାବିତ ଉଷ୍ମମଣ୍ଡଳୀୟ ଲାଟେରିଟିକ୍ ମାଟି ଅନ୍ତର୍ଭୁକ୍ତ। ଏହା ସ୍ଥିର ଆର୍ଦ୍ରତା ସ୍ତର ସହିତ ମୁକ୍ତ-ନିଷ୍କାସନକାରୀ ମାଟିରେ ବଢ଼ିଥାଏ। ଏହା ଅଧିକ ପରିମାଣ ପର୍ଯ୍ୟନ୍ତ ମାଟିର ଲବଣାକ୍ତତା ସହ୍ୟ କରିପାରେ। ଜଳବନ୍ଦୀ ସହ୍ୟ କରିବାର ଏହାର କ୍ଷମତା ସୀମିତ। ତେଣୁ ମାଟିର ଭଲ ଜଳ ନିଷ୍କାସନ ଏବଂ ମଧ୍ୟମ ଜଳଧାରଣ କ୍ଷମତା ସର୍ବୋତ୍ତମ। ମାଣ୍ଡିଆ ମଧ୍ୟମ ଅମ୍ଳୀୟ ମାଟି (ପିଏଚ୍ ୫) ଆବଶ୍ୟକ କରେ। କିନ୍ତୁ ମଧ୍ୟମ କ୍ଷାରୀୟ ମାଟି (ପିଏଚ୍ ୮.୨) ମଧ୍ୟ ସହ୍ୟ କରିପାରେ।

ବର୍ଷାକାଳୀନ ଫସଲରେ ଚାରୋଟି ବିହନ ପଦ୍ଧତି ବ୍ୟବହାର କରାଯାଏ ଯେପରିକି ପ୍ରସାରଣ, ଧାଡ଼ି ବୁଣା, ଧାଡ଼ିରେ ଖୋଳା ଏବଂ ଚାରା ରୋପଣ। ମାଣ୍ଡିଆକୁ ହରଡ଼ ଡାଲି, ଶିମ୍ବ, ଫାଇଲ, ଜହ୍ନା, ସୁଆଁ, ବାଜରା, ମକା, ମୁଗ, ଷୋରିଷ ଭଳି ଉଦ୍ଭିଦ ସହିତ ଅନ୍ତଃଫସଲ କରାଯାଇପାରିବ। ଫସଲ ସମାନ ଭାବରେ ପରିପକ୍ୱ ହୁଏ ନାହିଁ। ତେଣୁ ଫସଲ ଦୁଇଟି ପର୍ଯ୍ୟାୟରେ ଗ୍ରହଣ କରାଯାଏ। ଯେତେବେଳେ ମୁଖ୍ୟ ଡାଳରେ ବିହନ ୫୦% ବାଦାମୀ ରଙ୍ଗର ହୋଇଯାଏ, ଫସଲ ପ୍ରଥମ ଅମଳ ପାଇଁ ପ୍ରସ୍ତୁତ ହୁଏ। ପ୍ରାୟ ସାତ ଦିନ ପରେ ଦ୍ୱିତୀୟ ଅମଳ କରାଯାଏ। ଏହାକୁ ଶୁଖାଇ ଝଡ଼ା କରି ଶସ୍ୟ ସଫା କରାଯାଏ। ଆକାରରେ ଛୋଟ ହୋଇଥିବାରୁ ବିହନର ଅମଳ ଓ ଝଡ଼ା ପ୍ରାୟତଃ ହାତରେ କରାଯାଏ।

ଅମଳ ହେବା ପରେ ବିହନ ପ୍ରାୟତଃ ସୁସ୍ଥ ରହେ ଏବଂ କୀଟପତଙ୍ଗ ଦ୍ୱାରା କ୍ୱଚିତ୍ ଆକ୍ରମଣ ହୁଏ। ଏହାକୁ ଅମଳ କରି ୧୦ ବର୍ଷ ପର୍ଯ୍ୟନ୍ତ ଗଚ୍ଛିତ ରଖାଯାଇପାରିବ। ଦୀର୍ଘ ସଂରକ୍ଷଣ କ୍ଷମତା ଚାଷୀ ସମ୍ପ୍ରଦାୟ ପାଇଁ ଦୁର୍ଭିକ୍ଷ ଫସଲ ଭାବରେ ବିପଦ-ନିବାରଣ ରଣନୀତିରେ ମାଣ୍ଡିଆ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ବିଭିନ୍ନ ମିଲେଟ ମଧ୍ୟରୁ ମାଣ୍ଡିଆ ସର୍ବାଧିକ ଉତ୍ପାଦନକ୍ଷମତା (୧୫୯୧ କିଲୋଗ୍ରାମ/ହେକ୍ଟର)। ଘାଣ୍ଟିଆ ବା ବାଜରା (୧୧୩୦ କିଲୋଗ୍ରାମ/ହେକ୍ଟର)। ଭାରତରେ ଜାତୀୟ ଉଦ୍ଭିଦ ଜେନେଟିକ୍ ରିସୋର୍ସେସ୍ ବ୍ୟୁରୋ ଦ୍ୱାରା ସର୍ବାଧିକ ସଂଖ୍ୟକ ମାଣ୍ଡିଆ ଆସେସନ୍ (୧୦, ୦୦୦) ରେକର୍ଡ ହୋଇଛି। ଏହା ପରେ ଅର୍ଦ୍ଧ-ଶୁଷ୍କ ଟ୍ରପିକ୍ସ ବା କ୍ରାନ୍ତୀୟ ଶସ୍ୟ ପାଇଁ ଅନ୍ତର୍ଜାତୀୟ ଫସଲ ଗବେଷଣା ପ୍ରତିଷ୍ଠାନ (୭, ୫୧୯ ଆସେସନ୍) ରିପୋର୍ଟ କରିଛି।

ଜାତିସଂଘ ସାଧାରଣ ପରିଷଦ ୨୦୨୩ କୁ 'ଅନ୍ତର୍ଜାତୀୟ ମାଣ୍ଡିଆ ବର୍ଷ' ଘୋଷଣା କରିଛି। ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାରମାନେ 'ମିଲେଟ ମିଶନ' ଜରିଆରେ ଅନେକ ସୁଯୋଗ ସୃଷ୍ଟି କରୁଛନ୍ତି। ମିଲେଟ ହେଉଛି ଭବିଷ୍ୟତ ପାଇଁ ସୁରକ୍ଷିତ ଖାଦ୍ୟଶସ୍ୟ। (ସମାପ୍ତ)

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ

# ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡ଼ିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୮ (ସମିସ): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ୱଭାବ କବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, "ଓଡିଆ ସାହିତ୍ୟ ଜଗତର ଅମର ସାଧକ ସ୍ୱଭାବ କବି ଗଙ୍ଗାଧର ମେହରଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ। ତାଙ୍କର ପ୍ରକୃତିପ୍ରେମୀ ଓ ମାନବବାଦୀ ସାହିତ୍ୟ ଆଜି ବି ପ୍ରତ୍ୟେକ ଓଡିଆଙ୍କ ହୃଦୟକୁ ସ୍ପର୍ଶ କରେ। ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଛନ୍ତି।



ଲଗାଣ ବର୍ଷାରେ ଦବିଗଲା ଘର ମୂଳଦୁଆ

# କାନ୍ଥ ପଡ଼ି ସାମ୍ବାଦିକଙ୍କ ମୃତ୍ୟୁ

■ ବାରିପଦା, ୯।୮ (ସମିସ): ମୃତ୍ୟୁର ପାଞ୍ଚଦିନ ପୂର୍ବରୁ ନିଜ ଭଙ୍ଗାଘର ଛପର ତଳେ ନିଜେ ଖବର ପାଲଟିଯିବା ଆକଳନ କରିଥିବା ଜଣେ ବରିଷ୍ଠ ସାମ୍ବାଦିକ ଶେଷରେ ସମସ୍ତ ଗଣମାଧ୍ୟମର ଶିରୋନାମା ସାଜିଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକର ସାମ୍ବାଦିକ କୈଳାସ ଚନ୍ଦ୍ର କରଙ୍କ ଶନିବାର ରାତିରେ ନିଜ ଘରେ ଶୋଇଥିବାବେଳେ ଘର କାନ୍ଥ ସହ ଛପର ତାଙ୍କ ଉପରେ ପଡ଼ିଯିବାରୁ ଶ୍ୱାସରୁଦ୍ଧ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ବିଳମ୍ବିତ ରାତିରେ ଏହା ଘଟିଥିବାବେଳେ ପରିବାରବର୍ଗ ସକାଳେ ଜାଣିଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀଙ୍କୁ ଖବର ଦେବାରୁ ସେମାନେ ପହଞ୍ଚି ମୃତଦେହ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଶବ ବ୍ୟବଚ୍ଛେଦ କରାଇବା ପରେ ମୃତଦେହ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବାଙ୍ଗିରିପୋଷିରେ ଲଗାଣ ବର୍ଷା ପାଇଁ ଘର କାନ୍ଥ ମୂଳଦୁଆ ଦବି ଏଭଳି ଅଘଟଣ ଘଟିଥିବା ଜଣାପଡିଛି।

ନିଜ ଘରର ଏପରି ଅବସ୍ଥା ପାଇଁ ସେ ବାରମ୍ବାର ବ୍ଲକ ପ୍ରଶାସନ ଓ ରାଜନେତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଁ ନେହୁରା ହୋଇ ନିରାଶ ହୋଇଥିଲେ। ୫ଦିନ ପୂର୍ବେ ଲଗାଣ ବର୍ଷା ଆରମ୍ଭ ଦେଖି ସେ ନିଜ ଫେସବୁକରେ ଏକ ବାର୍ତ୍ତା ପୋଷ୍ଟ କରିଥିଲେ। ଏବେ ଏହି ପୋଷ୍ଟ ପ୍ରଶାସନିକ କଳର ମୁଖା ଖୋଲିଦେଇଛି। ତାଙ୍କ ପୋଷ୍ଟରେ ସେ ଲେଖିଥିଲେ 'ଜଣେ ସାମ୍ବାଦିକ ସମ୍ବାଦ ପରିବେଷଣ କରି ଜନସାଧାରଣରେ ଆତ୍ମସନ୍ତୋଷ ପାଇଥାଏ। କିନ୍ତୁ ଯେତେବେଳେ ସେ ନିଜେ ଏକ ସମ୍ବାଦ ପାଲଟିଯାଏ, ସେତେବେଳେ ସେ କ'ଣ ପାଏ ? କେବଳ କିଛି ଓ ଓ, ଚୁ ଚୁ, ଇସ୍ କ'ଣ ହେଲାରେ ! ନୁହେଁ ତ ଆଉ କ'ଣ!?' ଯାହା ଆଜି ତାଙ୍କର ମୃତ୍ୟୁ ଖବର ସହିତ ଭାଇରାଲ ହେବାରେ ଲାଗିଛି। ତାଙ୍କୁ ଆବାସ ଗୃହଟିଏ ମିଳିଥିଲେ, ବୋଧହୁଏ ଏଭଳି ମୃତ୍ୟୁ ଘଟି ନ ଥା'ନ୍ତା। ଶ୍ରୀ କର ଆଜକୁ ପ୍ରାୟ ୪୦ ବର୍ଷ ଧରି ପ୍ରଜାତନ୍ତ୍ର, ସମାଜ, ଧରିତ୍ରୀ, ପ୍ରଗତିବାଦୀ, ପ୍ରମେୟ ଆଦିର ସମ୍ବାଦଦାତା ଥିବାବେଳେ ବର୍ତ୍ତମାନ ସେ ଦୈନିକ 'ପ୍ରବାହ'ର ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟରତ ଥିଲେ।



ଖବର ପାଲଟିଗଲେ ଖବରଦାତା କୈଳାସ ନନା

■ ବାରାମତୀ ବିମାନବନ୍ଦରରେ ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ

# ଅଳ୍ପକେ ବର୍ତ୍ତିଲେ ଦୁଇ ପାଇଲଟ୍

ବାରାମତୀ, ୯।୮ (ଏଜେନ୍ସି): ମହାରାଷ୍ଟ୍ରର ପୁଣେସ୍ଥିତ ବାରାମତୀ ବିମାନବନ୍ଦରରେ ଏକ ଘରୋଇ ସଂସ୍ଥାର ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏହି ଦୁର୍ଘଟଣାରେ ବିମାନରେ ଥିବା ଦୁଇ ଜଣ ପାଇଲଟ୍ ସୁରକ୍ଷିତ ଥିବା ଜଣାପଡ଼ିଛି। 'କାର୍ଭର ଏଭିଏସନ୍' ସଂସ୍ଥାର 'ସେସନା-୧୭୨' (ଭିଟି-ଏସଇଏକ୍ସ) ତାଲିମ ବିମାନଟି ଅପରାହ୍ନ ପ୍ରାୟ ୧୨.୩୫ ସମୟରେ ବିମାନବନ୍ଦର ପରିସରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଧାବନପଥରେ ତାଲିମ କାର୍ଯ୍ୟକ୍ରମ ସମୟରେ ଜରୁରୀକାଳୀନ ଅବତରଣ ପ୍ରକ୍ରିୟା ଚାଲିଥିବା ବେଳେ ବିମାନଟି ନିୟନ୍ତ୍ରଣ ହରାଇ ଧାବନପଥରୁ ଓଲଟି ପଡ଼ିଥିଲା। ବିମାନରେ ଥିବା କ୍ୟାପଟେନ୍ ଚିରାଗ ଶଶିକାନ୍ତ ଦୋଇଫୋଡେ ଏବଂ କ୍ୟାଡେଟ୍ ଅଭିଜିତ୍ ଜୁନ୍ଦ୍‌ରେ ସୁରକ୍ଷିତ ଭାବେ ବାହାରି ଆସିଥିବା ବେଳେ ବିମାନର ସାମାନ୍ୟ କ୍ଷତି ହୋଇଛି। ପୁଲିସ ଏବଂ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ମାସରେ ଏହି ବିମାନବନ୍ଦର ନିକଟରେ ଏକ ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ରର ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ଘଟିଥିଲା। ବାରାମତୀ ବିମାନବନ୍ଦରରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ଏହାର ସୁରକ୍ଷା ବ୍ୟବସ୍ଥା, ଧାବନପଥର ସମ୍ପ୍ରସାରଣ ଏବଂ ନୂତନ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏଟିସି) ଟାୱାର ନିର୍ମାଣ ନେଇ ପଦକ୍ଷେପ ଗ୍ରହଣ କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ସହ...

ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ହର୍ମୁଜ ପ୍ରଣାଳୀରେ ପରିବହନ ବାଧାପ୍ରାପ୍ତ ହୋଇଛି। ଏହା ବିଶ୍ୱର ୨୫ ପ୍ରତିଶତ ତୈଳ ବ୍ୟବସାୟକୁ ପ୍ରଭାବିତ କରିଛି। ଏହି ସ୍ଥିତିରେ ରୁଷିଆ ଓ ଭାରତ ମଧ୍ୟରେ ସିଧାସଳଖ ସ୍ଥଳ ପରିବହନ ପାଇଁ ଏହି ରେଳ ଯୋଜନା ସହାୟକ ହେବ ବୋଲି ସେ କହିଛନ୍ତି। ସାମ୍ପ୍ରତିକ ବିଶ୍ୱ କୂଟନୈତିକ ଓ ସାମରିକ ଉତ୍ତେଜନା ମଧ୍ୟରେ ଭାରତ ଓ ରୁଷିଆ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ସୁଦୃଢ଼ ରଖିବା ପାଇଁ ଏହି ସ୍ଥଳ ରେଳପଥ ନିର୍ମାଣ ପ୍ରସ୍ତାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି।

### ଉତ୍ତର ୨୪ ପ୍ରଗଣାରେ...

"ଗାଡ଼ି ଉପରେ ଯେପରି ଭାବେ କାଚକୁ ଆକ୍ରମଣ ହୋଇଥିଲା, ଯଦି କାଚ ଖୋଲାଥାନ୍ତା, ତେବେ ମୋ ମୁଣ୍ଡ ଫାଟିଯାଇଥାନ୍ତା। ମାତେ ହତ୍ୟା କରିବା ଲାଗି ସେମାନେ ଷଡ଼ଯନ୍ତ୍ର କରିଥିଲେ। ଏହାପଛରେ ବିଜେପି କର୍ମୀଙ୍କ ହାତ ଥିବା ସେ ଅଭିଯୋଗ କରିବା ସହିତ ପୋଲିସର ନିଷ୍କ୍ରିୟତାକୁ ନିନ୍ଦା କରିଛନ୍ତି। ପୋଲିସ ବିଜେପିକୁ ସୁରକ୍ଷା ଯୋଗାଉଥିବା ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଆହୁରି ବୃଦ୍ଧି ପାଇଛି । ପୋଲିସ ସମ୍ମୁଖରେ ଏପରି ଘଟଣା ଘଟିବାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ରାଜ୍ୟ ବିଜେପି ସଭାପତି ଏହି ଆକ୍ରମଣ ଘଟଣାର ନିନ୍ଦା କରିବା ସହିତ କହିଛନ୍ତି ଯେ ତାଙ୍କ ଦଳ ଏଭଳି କାଣ୍ଡକୁ ପସନ୍ଦ କରେନାହିଁ।

### ଓଡ଼ିଶା ଭାଗରେ...

ଓ କୌଣସି ଅନୁଦାନ ମିଳିନାହିଁ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ସକ୍ଷମତା ଓ ବଜାର ବିସ୍ତାର ପାଇଁ ଚାଲିଥିବା ଯୋଜନାରେ ୨୦୨୨ରୁ ଜୁଲାଇ ୨୦୨୬ ମଧ୍ୟରେ ଓଡ଼ିଶାର ୨,୦୭୪ଟି କ୍ଷୁଦ୍ର ଓ ଲଘୁ ଉଦ୍ୟୋଗ ପଞ୍ଜୀକୃତ ହୋଇଛି। କିନ୍ତୁ ସେଥିରୁ ମାତ୍ର ୫୨୦ଟି ଉଦ୍ୟୋଗକୁ ବାଣିଜ୍ୟ ନେଟ୍‌ୱର୍କରେ ସାମିଲ କରାଯାଇଛି । ଅର୍ଥାତ୍ ପଞ୍ଜିକରଣ ପରେ ମଧ୍ୟ ଅଧିକାଂଶ କ୍ଷୁଦ୍ର ଉଦ୍ୟୋଗ ବଜାର ପ୍ରବେଶ ବା କାରବାର କରିପାରୁ ନାହାନ୍ତି ।

ଆତ୍ମନିର୍ଭର ଭାରତ ଗଠନ ପାଇଁ କେନ୍ଦ୍ର ସରକାର ଉଦ୍ୟୋଗୀ ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ କହିଛନ୍ତି। ସେମାନଙ୍କ ପାଇଁ ଋଣ ଗ୍ୟାରେଣ୍ଟି, ବଜାର ସଂଯୋଗ ଓ ବିଳମ୍ବିତ ଦେୟ ସମାଧାନ ପାଇଁ ଏକାଧିକ ଯୋଜନା କରାଯାଉଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ଏହା ସତ୍ତ୍ୱେ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କାହିଁକି ଅବହେଳିତ ରହିଛି ଓ କାହିଁକି ଓଡ଼ିଶାକୁ ଏ ସଂକ୍ରାନ୍ତ ସହାୟତା ମିଳୁନାହିଁ; ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଖଣିଜ ସମ୍ପଦ ଓ ଶିଳ୍ପରେ ଦେଶକୁ ବଡ଼ ଅବଦାନ ଦେଉଥିବା ଓଡ଼ିଶାର କ୍ଷୁଦ୍ର ଉଦ୍ୟୋଗ ଯଦି ପୁଞ୍ଜି, ପ୍ରଯୁକ୍ତି ଓ ବଜାର ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ରହିବ, ତେବେ 'ଆତ୍ମନିର୍ଭର ଭାରତ'ର ଲକ୍ଷ୍ୟ ସଫଳ ହେବା ଆଦୌ ସମ୍ଭବ ନୁହେଁ। ସେହିପରି କେନ୍ଦ୍ରୀୟ ଯୋଜନାରେ ଯଦି ରାଜ୍ୟର ୩୦ଟି ଜିଲ୍ଲାକୁ ସମାନ ସୁଯୋଗ ନମିଳେ, ତେବେ ଓଡ଼ିଶାର ଆଞ୍ଚଳିକ ଶିଳ୍ପ ବିକାଶ କେବଳ ଘୋଷଣା ଓ ପ୍ରଚାରରେ ସୀମିତ ରହିଯିବ ବୋଲି ତଥ୍ୟାଭିଜ୍ଞ ମହଲରେ ମତପ୍ରକାଶ ପାଇଛି।

### 'ଘରେ ଘରେ ତ୍ରିରଙ୍ଗା'...

ସବୁଜ ରଙ୍ଗ ସମୃଦ୍ଧି ଏବଂ ମଝିରେ ଥିବା ଅଶୋକ ଚକ୍ର ନିରନ୍ତର କର୍ତ୍ତବ୍ୟପଥରେ ଆଗେଇ ଚାଲିବାର ଶିକ୍ଷା ଦିଏ। ଏହି ପବିତ୍ର ଜାତୀୟ ଉତ୍ସବକୁ ସମ୍ପୂର୍ଣ୍ଣ ପରିବେଶ-ଅନୁକୂଳ କରିବା ପାଇଁ ପ୍ଲାଷ୍ଟିକ୍ ପତାକାକୁ ସମ୍ପୂର୍ଣ୍ଣ ବର୍ଜନ କରି କେବଳ କପଡ଼ା ପତାକା ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଏକ ବର୍ଣ୍ଣାଢ୍ୟ ପଦଯାତ୍ରା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନ୍‌ସିସି ଏବଂ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ହାତରେ ତ୍ରିରଙ୍ଗା ଧରି ପଦଯାତ୍ରା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଦଳ ନିଜର ପାରମ୍ପରିକ ଲୋକନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ। ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ବିଭୂତି ଭୂଷଣ ଜେନା, ନିତ୍ୟାନନ୍ଦ ଗଣ୍ଡ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବିଧାୟକ ଏବଂ ନିମନ୍ତ୍ରିତ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

### କେବିସି ମଞ୍ଚରେ...

ଗାଁରେ ତାଙ୍କ ପିଲାଦିନ କଟିଥିଲା। ଛୋଟବେଳେ ସେ ମା'ଙ୍କ ସହ ଜଙ୍ଗଲକୁ ଯାଇ ଜାଳେଣି କାଠ ସଂଗ୍ରହ କରୁଥିଲେ, ଗୋରୁ ଚରାଉଥିଲେ ଓ ମହୁଲ ଫୁଲ ସଂଗ୍ରହ କରୁଥିଲେ। ଗାଁର ଏକମାତ୍ର ସ୍କୁଲରେ ପଢ଼ିବା ସମୟରେ ଦୁଇଜଣ ଶିକ୍ଷକ ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲେ। ଦଶମ ଶ୍ରେଣୀ ପରୀକ୍ଷାରେ ନିଜ ଶ୍ରେଣୀର ୧୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏକମାତ୍ର ଝିଅ ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ ଜୟନ୍ତୀ। ପରେ ସେ ସାମ୍ବାଦିକତା କ୍ଷେତ୍ରକୁ ଆସି ମାଲକାନଗିରିର ଆଦିବାସୀ ସମାଜର ଅନେକ ଅକୁହା କାହାଣୀକୁ ସାମ୍ନାକୁ ଆଣିଥିଲେ। ତାଙ୍କ କାର୍ଯ୍ୟ ଓ ସାମାଜିକ ପ୍ରୟାସ ତାଙ୍କୁ 'ଜଙ୍ଗଲ ରାଣୀ' ଭାବେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।

କେବିସିର ହଟ୍ ସିଟ୍‌ରେ ବସିବା ଜୟନ୍ତୀଙ୍କ ଦୀର୍ଘଦିନର ସ୍ୱପ୍ନ ଥିଲା। ଏଥିପାଇଁ ସେ ଏକାଧିକଥର ଚେଷ୍ଟା କରିଥିଲେ। ଶେଷରେ ଦେଶର ଶ୍ରେଷ୍ଠ ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇବା ସହ ଅମିତାଭ ବଚ୍ଚନ ସହ ସାକ୍ଷାତ ଓ ଆଲୋଚନାର ସୁଯୋଗ ପାଇଛନ୍ତି। ଶେଷ ପର୍ଯ୍ୟାୟରେ ହଟ୍ ସିଟ୍ ପାଇଁ ଯୋଗ୍ୟତା ହାସଲ କରିପାରିନଥିଲେ ହେଁ ସେ ନିରାଶ ହୋଇ ନାହାନ୍ତି। ଜୟନ୍ତୀ କହିଛନ୍ତି ଯେ ଦେଶର ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ମଧ୍ୟ ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି। ଭବିଷ୍ୟତରେ ପୁଣିଥରେ ସୁଯୋଗ ପାଇଲେ ନି ସ୍ୱପ୍ନ ପୂରଣ କରିବେ।

### ଆଦିବାସୀ ଭାଇଭଉଣୀଙ୍କ...

ବର୍ଗର ବିକାଶ ପାଇଁ ଅନେକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଉଚ୍ଚଶିକ୍ଷା ଠାରୁ ଆରମ୍ଭ କରି ସେମାନଙ୍କ ଜୀବନ ଜୀବିକା ଆଦି ବିଭିନ୍ନ କ୍ଷେତ୍ରର ବିକାଶ କରି ସେମାନଙ୍କୁ ସଶକ୍ତ କରିବାକୁ ବିଜେଡି ସରକାର ପଦକ୍ଷେପ ନେଇଥିଲା। ଆଦିବାସୀ ଭାଇ ଭଉଣୀଙ୍କ ଶ୍ରେଷ୍ଠ ବନ୍ଧୁ ବିଜୁ ଜନତା ଦଳ। ଆଦିବାସୀ ସଶକ୍ତିକରଣ ବିଜୁ ଜନତା ଦଳର ଲକ୍ଷ୍ୟ। ଆଦିବାସୀ ମାନଙ୍କ ବିକାଶ ପାଇଁ ବିଜୁ ଜନତା ଦଳ ସର୍ବଦା ବଦ୍ଧ ପରିକର ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଜଣାଇ ଅନୁଷ୍ଠିତ ବିଶ୍ୱ ଆଦିବାସୀ ଦିବସ ଓ ମହାନ କ୍ରାନ୍ତି ଦିବସ ଶଙ୍ଖ ଭବନରେ ଦଳର ଆଦିବାସୀ ସେଲର ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ସ୍ଥାନରେ ଥିବା ଆଦିବାସୀ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଶଙ୍ଖ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗଣମାଧ୍ୟମ ସଂଯୋଜକ ତଥା ଆଦିବାସୀ ନେତା ଡ. ପ୍ରିୟବ୍ରତ ମାଝୀ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଆଦିବାସୀ ସେଲର ଅଧ୍ୟକ୍ଷ ମଙ୍ଗଳା କିଷାନ, ମୟୂରଭଞ୍ଜ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ପୂର୍ବତନ ବିଧାୟକ ତଥା କୋରାପୁଟ ଜିଲ୍ଲା ସଭାପତି ମାନସ ମାଡକାମୀ ପ୍ରମୁଖ ନିଜ ବକ୍ତବ୍ୟରେ ଆଦିବାସୀ ମାନଙ୍କ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଅଦମ୍ୟ ନେତୃତ୍ୱରେ ଜନଜାତିଙ୍କ ବିକାଶକୁ ନୂଆ ପରିଭାଷା ଦେବାକୁ ବିଜୁ ଜନତା ଦଳ ସଦା ସଂକଳ୍ପବଦ୍ଧ ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମିଳା ମଲ୍ଲିକ, ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ସୁଜାତା ରାଉତ, ଟୁକୁନି ସାହୁ, ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ମଞ୍ଜୁଲତା କହଁର, ଡା. ଦେବାଶିଷ ମାରାଣ୍ଡି, ମନ୍ମଥ ରାଉତରାୟ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ଲେନିନ ମହାନ୍ତି, ବିଜୟ ନାୟକ, ପ୍ରୀତି ରଞ୍ଜନ ଘଡେଇ, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ସାରଦା ଜେନା, ଶର୍ମିଷ୍ଠା ସେଠୀ, ରଞ୍ଜିତା ସାହୁ, ଦମୟନ୍ତୀ ମାଝୀ, ରମାରଞ୍ଜନ ବଳିଆରସିଂହ, ମାଧବ ସର୍ଦ୍ଦାର, ବାସନ୍ତୀ ସିଂ, ନନ୍ଦଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଭାରତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ଉତ୍ତର ଓଡ଼ିଶାକୁ...

ବଢ଼ିବାରେ ଲାଗିଛି। ଆଗାମୀ ବର୍ଷା ସ୍ଥିତିକୁ ଦେଖି ଏବେ ହୀରାକୁଦରୁ ୧୨ଟି ଗେଟ୍ ଖୋଲା ଯାଇଛି। ଏବେ ଜଳଭଣ୍ଡାରକୁ ୨ ଲକ୍ଷ ୨୦ ହଜାର ୭୭୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୧ ଲକ୍ଷ ୬୪ ହଜାର ୬୦୬ କ୍ୟୁସେକ୍ ଜଳ ଛଡା ଯାଉଛି। ବୈତରଣୀ ସମେତ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଆଦି ନଦୀରେ ଜଳସ୍ତର ଅଧିକ ରହିଥିବା ବେଳେ ସମ୍ଭାବ୍ୟ ଲଘୁଚାପ ଜନିତ ବର୍ଷା ଯୋଗୁଁ ପୁଣି ବନ୍ୟା ଆଶଙ୍କା ବୃଦ୍ଧି ପାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟା ମଧ୍ୟରେ ଗୋଟିଏ ଷ୍ଟେସନରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ ୨୧ଟି ଷ୍ଟେସନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ବଲାଙ୍ଗିରର ଆଗଲପୁରରେ ସର୍ବାଧିକ ୧୩୨ ମିମି ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ସ୍ୱାଭାବିକ ବର୍ଷାର ପରିମାଣ ୧୦.୦ ମିମି ଥିବା ବେଳେ ୨୦.୨ ମିମି ଅର୍ଥାତ ସ୍ୱାଭାବିକ ତୁଳନାରେ ୧୦୨ ପ୍ରତିଶତ ଅଧିକ ବର୍ଷା ଅନୁଭୂତ ହୋଇଛି।

# ଆମେରିକୀୟ ବାନ୍ଧବୀଙ୍କୁ ହତ୍ୟା କରି ଜର୍ମାନୀରେ ଭାରତୀୟ ଯୁବକ ଗିରଫ

ବର୍ଲିନ, ୯।୮ (ଏଜେନ୍ସି): ଆମେରିକାର ଆରିଜୋନାଠାରେ ନିଜର ୧୯ ବର୍ଷୀୟା ଆମେରିକୀୟ ବାନ୍ଧବୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ଜର୍ମାନୀକୁ ଫେରାର ହୋଇଯାଇଥିବା ଭାରତୀୟ ଯୁବକ ବରୁଣ ବାଚିଗାରୀଙ୍କୁ ପୁଲିସ ଗିରଫ କରିଛି। କୋଡ଼ିଏ ବର୍ଷୀୟ ବରୁଣ ଆରିଜୋନା ବିଶ୍ୱବିଦ୍ୟାଳୟର ଛାତ୍ରୀ ଜୁଲିସା ରୁବି ସାଲାଜାରଙ୍କ ସହ ସମ୍ପର୍କରେ ଥିଲେ। ପୂର୍ବରୁ ହିଂସାତ୍ମକ ଆଚରଣ ଯୋଗୁଁ ଜୁଲିସା ତାଙ୍କ ସହ ସମ୍ପର୍କ ଭାଙ୍ଗିବାକୁ ନିଷ୍ପତ୍ତି ନେଇଥିଲେ। ଗତ ଅଗଷ୍ଟ ୬ ତାରିଖରେ ଜୁଲିସାଙ୍କ ଘରୁ ତାଙ୍କ ମୃତଦେହ ମିଳିଥିଲା, ଯାହାଙ୍କ ବେକରେ ଆଘାତର ଚିହ୍ନ ରହିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ବରୁଣ ଜୁଲିସାଙ୍କ ବ୍ୟାଙ୍କ କାର୍ଡ ବ୍ୟବହାର କରି ବିମାନବନ୍ଦର ପହଞ୍ଚିବା ସହ ହ୍ୟୁଷ୍ଟନ୍ ଦେଇ ଜର୍ମାନୀର ବର୍ଲିନ୍ ପଳାଇଥିଲେ। ସେଠାରୁ ସେ ଭାରତ ଆସିବାକୁ ଯୋଜନା କରୁଥିବା ବେଳେ ଆମେରିକୀୟ ସଂସ୍ଥା ଏବଂ ଜର୍ମାନୀ ପୋଲିସର ମିଳିତ ସହଯୋଗରେ ତାଙ୍କୁ ଧରାଯାଇଛି। ତାଙ୍କୁ ପ୍ରତ୍ୟର୍ପଣ ପ୍ରକ୍ରିୟା ମାଧ୍ୟମରେ ଆରିଜୋନା ଆଣି ପ୍ରଥମ ଶ୍ରେଣୀ ହତ୍ୟାକାଣ୍ଡ ମାମଲାରେ ବିଚାର କରାଯିବ। ଅଭିଯୁକ୍ତ ବରୁଣଙ୍କ ବିରୋଧରେ ପୂର୍ବରୁ ମଧ୍ୟ ମାଡ଼ପିଟ୍ ଓ ହିଂସା ଅଭିଯୋଗ ରହିଥିବା ବେଳେ ଏହି ନୃଶଂସ ହତ୍ୟାକାଣ୍ଡ ପରେ ଅନ୍ତର୍ଜାତୀୟ ପୁଲିସ ସହଯୋଗରେ ତାଙ୍କୁ ଗିରଫ କରାଯାଇଛି।

# ପାକିସ୍ତାନରେ ଲସ୍କର କମାଣ୍ଡର ଅବଦୁଲ ଅଜିଜଙ୍କ ସନ୍ଦେହଜନକ ମୃତ୍ୟୁ

ଇସଲାମାବାଦ, ୯।୮ (ଏଜେନ୍ସି): ପାକିସ୍ତାନର ରାଜଧାନୀ ଇସଲାମାବାଦସ୍ଥିତ ଏକ ମସଜିଦରେ ଆତଙ୍କବାଦୀ ସଂଗଠନ 'ଲସ୍କର-ଏ-ତୋଇବା'ର ବରିଷ୍ଠ କମାଣ୍ଡର କାରୀ ସୟୀଦ ଅବଦୁଲ ଅଜିଜଙ୍କ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ, ଲସ୍କର କମାଣ୍ଡର କାରୀ ସୟୀଦ ଅବଦୁଲ ଅଜିଜ ନମାଜ ପାଠ ପାଇଁ କୁବା ମସଜିଦକୁ ଯିବା ପୂର୍ବରୁ ଏକ ଅଜଣା ରେଷ୍ଟୋରାଁରେ ଭୋଜନ କରିଥିଲେ। ଏହାପରେ ସେ ମସଜିଦର ପ୍ରବେଶ ଦ୍ୱାର ନିକଟରେ ହଠାତ୍ ଅସୁସ୍ଥ ହୋଇ ଟଳି ପଡ଼ିଥିଲେ ଏବଂ ତାଙ୍କର ମୃତ୍ୟୁ ଘଟିଥିଲା। ସୟୀଦ ଜମ୍ମୁ-କାଶ୍ମୀରରେ ନିହତ ହେଉଥିବା ଆତଙ୍କବାଦୀଙ୍କ ପରିବାରବର୍ଗଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଯୋଗାଇବାର ପ୍ରମୁଖ ଦାୟିତ୍ୱ ସମ୍ଭାଳୁଥିଲେ। ନିକଟରେ ଲସ୍କରର ଅନ୍ୟ ଜଣେ କ୍ୟାଡର ରିଜୱାନ୍ ହନିଫ୍ ଗୋଟିଏ ଭିଡିଓ ମାଧ୍ୟମରେ ଦାବି କରିଥିଲେ ଯେ ପାକିସ୍ତାନ ଓ ପାକ୍-ଅଧିକୃତ କାଶ୍ମୀର(ପିଓକେ)ର ବିଭିନ୍ନ ସ୍ଥାନରେ ଗତ କିଛି ବର୍ଷ ମଧ୍ୟରେ 'ଅଜଣା ଆତତାୟୀ'ଙ୍କ ଆକ୍ରମଣରେ ସେମାନଙ୍କ ସଂଗଠନର ୩୦ରୁ ଅଧିକ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସୟୀଦଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ସନ୍ଦେହ ଆହୁରି ବୃଦ୍ଧି ପାଇଛି। ସୟୀଦଙ୍କ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପାକିସ୍ତାନ ମାଟିରେ ଜଣକ ପରେ ଜଣେ କୁଖ୍ୟାତ ଆତଙ୍କବାଦୀଙ୍କ ସନ୍ଦେହଜନକ ମୃତ୍ୟୁ ହେବା ସଂଗଠନର ସଦସ୍ୟଙ୍କ ମଧ୍ୟରେ ଗଭୀର ଭୟ ସୃଷ୍ଟି କରିଛି।

■ କାନାଡ଼ାରେ ଭାରତୀୟ ବଂଶୋଦ୍ଭବ ହିମାଂଶୀ ଖୁରାନା ହତ୍ୟାକାଣ୍ଡ:

# ଅଭିଯୁକ୍ତ ଅବଦୁଲ ଗଫୁରୀ ଗିରଫ

ଟରୋଣ୍ଟୋ, ୯।୮ (ଏଜେନ୍ସି): କାନାଡ଼ାର ଟରୋଣ୍ଟୋରେ ଗତବର୍ଷ ଡିସେମ୍ବର ମାସରେ ଘଟିଥିବା ଭାରତୀୟ ବଂଶୋଦ୍ଭବ ଯୁବତୀ ହିମାଂଶୀ ଖୁରାନାଙ୍କ ହତ୍ୟା ମାମଲାରେ ପୋଲିସ ତାଙ୍କ ସହଯୋଗୀ ଅବଦୁଲ ଗଫୁରୀଙ୍କୁ ଗିରଫ କରିଛି। ଟରୋଣ୍ଟୋ ପୋଲିସର ହତ୍ୟାକାଣ୍ଡ ବିଭାଗ ଓ ଅନ୍ତର୍ଜାତୀୟ ଆରକ୍ଷୀ ସଂସ୍ଥାର ମିଳିତ ସହଯୋଗରେ ୩୨ ବର୍ଷୀୟ ଅଭିଯୁକ୍ତ ଗଫୁରୀଙ୍କୁ ବିଦେଶରୁ ଧରି କାନାଡ଼ା ଅଣାଯିବା ପରେ ଶୁକ୍ରବାର ବିମାନବନ୍ଦରରୁ ଗିରଫ କରାଯାଇଛି। ୩୦ ବର୍ଷୀୟା ହିମାଂଶୀ ଗଫୁରୀଙ୍କ ସହ ସମ୍ପର୍କରେ ଥିଲେ। ଗତବର୍ଷ ଡିସେମ୍ବର ୧୯ ତାରିଖରେ ନିଖୋଜ ସୂଚନା ମିଳିବା ପରେ ପରଦିନ ଟରୋଣ୍ଟୋର ଏକ ଆବାସରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଗଫୁରୀଙ୍କ ବିରୋଧରେ ପ୍ରଥମ ଶ୍ରେଣୀ ହତ୍ୟାକାଣ୍ଡ ମାମଲା ରୁଜୁ କରାଯାଇ କୋର୍ଟରେ ହାଜର କରାଯାଇଛି। ଅପରପକ୍ଷରେ, ଟରୋଣ୍ଟୋସ୍ଥିତ ଭାରତୀୟ ଦୂତାବାସ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ଆଇନଗତ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଉଥିବା ସୂଚନା ଦେଇଛି। ଦୀର୍ଘ ମାସର ତଦନ୍ତ ଓ ଆନ୍ତର୍ଜାତୀୟ ପୁଲିସ ସହଯୋଗ ପରେ ଅଭିଯୁକ୍ତକୁ ଗିରଫ କରାଯାଇପାରିଥିବାରୁ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ମିଳିବା ନେଇ ଆଶା ସଞ୍ଚାର ହୋଇଛି।

ମଧ୍ୟପ୍ରଦେଶରେ ଭୟଙ୍କର ସଡ଼କ ଦୁର୍ଘଟଣା

# କଣ୍ଟେନର-କାର୍ ମୁହାଁମୁହିଁ ଧକ୍କାରେ ୬ ମୃତ

ଭୋପାଳ, ୯।୮ (ଏଜେନ୍ସି): ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି କଣ୍ଟେନର ଟ୍ରକ୍ ଏବଂ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୬ ଜଣଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ, ବଦନାବର ସହରଠାରୁ ପ୍ରାୟ ୪ କିଲୋମିଟର ଦୂର ପଞ୍ଚକ ଭାସା ନିକଟରେ ଅପରାହ୍ନ ପ୍ରାୟ ୧.୩୦ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଉଜ୍ଜୟିନୀ ପଟୁ ଆସୁଥିବା ଏକ କଣ୍ଟେନର ଟ୍ରକ୍ ସାମ୍ନାରୁ ଆସୁଥିବା କାର୍‌କୁ ସଜୋରରେ ଧକ୍କା ଦେଇଥିଲା। ଏହି ଆକସ୍ମିକ ଧକ୍କା ଯୋଗୁଁ କାର୍‌ରେ ଯାତ୍ରା କରୁଥିବା ସମସ୍ତ ୬ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୃତକମାନେ ଗୁଜରାଟର ବାସିନ୍ଦା ବୋଲି ଜଣାପଡ଼ିଛି। ଆରକ୍ଷୀ ବାହିନୀ କଣ୍ଟେନର ଚାଳକଙ୍କୁ ଗିରଫ କରି ନିଜ ହାଜତକୁ ନେଇଛି। ଘଟଣାସ୍ଥଳରେ ଆରକ୍ଷୀ ବାହିନୀ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏହି ଦୁର୍ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଏଚ୍-୧ବି କର୍ମଚାରୀଙ୍କ ୬୦ ଦିନର ସୁଯୋଗ ହଟାଇପାରେ ଆମେରିକା

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଚାକିରି ହରାଇଥିବା କିଛି ବିଦେଶୀ କର୍ମଚାରୀଙ୍କୁ ନୂଆ ଚାକିରି ଖୋଜିବା ପାଇଁ ମିଳୁଥିବା ୬୦ ଦିନର ସୁବିଧା ହଟାଇବା ନେଇ ଆମେରିକା ବିଚାର କରୁଥିବା ଜଣାପଡ଼ିଛି। ପ୍ରସ୍ତାବିତ ପରିବର୍ତ୍ତନ ଏବେ ଆମେରିକାର ପରିଚାଳନା ଓ ବଜେଟ କାର୍ଯ୍ୟାଳୟର ସମୀକ୍ଷାରେ ରହିଛି। ଏହା ଏପର୍ଯ୍ୟନ୍ତ ନିୟମରେ ପରିଣତ ହୋଇନାହିଁ। ବର୍ତ୍ତମାନର ନିୟମ ଅନୁଯାୟୀ, ଚାକିରି ହରାଇଥିବା ନିର୍ଦ୍ଦିଷ୍ଟ ବିଦେଶୀ କର୍ମଚାରୀ ଓ ସେମାନଙ୍କ ନିର୍ଭରଶୀଳମାନେ ସର୍ବାଧିକ ୬୦ ଦିନ ପର୍ଯ୍ୟନ୍ତ ଆମେରିକାରେ ରହି ନୂଆ ଚାକିରି କିମ୍ବା ଅନ୍ୟ ବୈଧ ବିକଳ୍ପ ଖୋଜିପାରନ୍ତି। ନୂଆ ପ୍ରସ୍ତାବ ଲାଗୁ ହେଲେ ଏହି ସୁଯୋଗ ଶେଷ ହୋଇପାରେ। ଏହାର ପ୍ରଭାବ ଭାରତୀୟଙ୍କ ଉପରେ ବିଶେଷ ଭାବେ ପଡ଼ିପାରେ। ୨୦୨୪ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ଏଚ୍-୧ବି ଆବେଦନର ପ୍ରାୟ ୭୧ ପ୍ରତିଶତ ଭାରତରେ ଜନ୍ମିତ ଆବେଦନକାରୀଙ୍କ ପାଇଁ ଥିଲା। ନୂଆ ନିୟମ ଲାଗୁ ହେଲେ ଚାକିରି ହରାଇଥିବା ବିଦେଶୀ କର୍ମଚାରୀଙ୍କ ପାଇଁ ଆମେରିକାରେ ରହି ନୂଆ ନିଯୁକ୍ତି ଖୋଜିବା କଷ୍ଟକର ହୋଇପାରେ। ଏଚ୍-୧ବି ସହ ଅନ୍ୟ କେତେକ ଶ୍ରେଣୀର ପ୍ରବାସୀ କର୍ମଚାରୀ ମଧ୍ୟ ଏହାର ପ୍ରଭାବରେ ଆସିପାରନ୍ତି।

■ ସ୍ୱାଧୀନତା ଦିବସ

# ଲାଲକିଲ୍ଲାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କଲା ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଆଗାମୀ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ସମାରୋହ ପାଇଁ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ପରିସରରେ ଦିଲ୍ଲୀ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଉଛି। ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରାୟ ୧୫,୦୦୦ ରୁ ୨୦,୦୦୦ ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀର ଯବାନଙ୍କୁ ମୁତୟନ କରାଯିବ। ପ୍ରଥମ ଥର ପାଇଁ ସନ୍ଦିଗ୍ଧ ଓ ଅପରାଧୀମାନଙ୍କୁ ଚିହ୍ନଟ କରିବା ପାଇଁ 'ଅଭିଜ୍ଞାନ' ଆପ୍ ସହ 'ଫେସିଅଲ୍ ରେକଗ୍ନିସନ୍ ସିଷ୍ଟମ୍' (ଏଫ୍‌ଆର୍‌ଏସ୍) ଏବଂ ଆଧୁନିକ ସିସିଟିଭି କ୍ୟାମେରାର ବ୍ୟବହାର କରାଯିବ। ଏହି ବ୍ୟବସ୍ଥା ଦ୍ୱାରା ଜନଗହଳିପୂର୍ଣ୍ଣ ସ୍ଥାନରୁ ବହୁ ଦୂରରୁ ହିଁ ଅପରାଧୀଙ୍କ ଚେହେରାକୁ ପୁଲିସ ତଥ୍ୟାବଳୀ ସହ ମିଳାଇ ଚିହ୍ନଟ କରାଯାଇପାରିବ। ଏଥିସହିତ, ପୁଲିସ କର୍ମଚାରୀମାନେ ହାତପାପୁଲି ସ୍କାନର ଏବଂ 'ଅଭିଜ୍ଞାନ' ଆପ୍ ମାଧ୍ୟମରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଆଙ୍ଗୁଠି ଛାପ ନେଇ ତୁରନ୍ତ ସେମାନଙ୍କ ଅପରାଧିକ ପୃଷ୍ଠଭୂମି ଯାଞ୍ଚ କରିପାରିବେ। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ବାୟୋମେଟ୍ରିକ୍ ଯାଞ୍ଚ, ସିସିଟିଭି ନଜର ଏବଂ ବିପୁଳ ସଂଖ୍ୟକ ସୁରକ୍ଷା କର୍ମୀଙ୍କ ମୁତୟନ ଦ୍ୱାରା ସ୍ୱାଧୀନତା ଦିବସ ସମାରୋହକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବାକୁ ଲକ୍ଷ୍ୟ ରଖାଯାଇଛି।

■ ରୁଷ-ୟୁକ୍ରେନ ଆକ୍ରମଣ

# ବେଲଗୋରୋଡ, ଖାର୍କିଭ, ଓଡେସାରେ ବ୍ୟାପକ କ୍ଷତି, ଅନେକ ମୃତାହତ

ମସ୍କୋ/କିଭ୍, ୯।୮ (ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ରାତ୍ରିପାଳିରେ ହୋଇଥିବା ପ୍ରତ୍ୟାକ୍ରମଣ ଓ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ଉଭୟ ପାର୍ଶ୍ୱରେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ରୁଷର ସୀମାନ୍ତ ବେଲଗୋରୋଡ ଅଞ୍ଚଳରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ଜଣେ ଚାରି ବର୍ଷର ଶିଶୁ ସମେତ ୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୪ ଜଣ ଆହତ ହୋଇଛନ୍ତି। ଅପରପକ୍ଷରେ, ୟୁକ୍ରେନର ଖାର୍କିଭ୍‌ରେ ରୁଷର କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ଏକ ବହୁତଳ ଆବାସିକ ଭବନ କ୍ଷତିଗ୍ରସ୍ତ ହୋଇ ୨ ଜଣଙ୍କର ପ୍ରାଣହାନି ଘଟିଛି ଓ ୧୩ ଜଣ ଆହତ ହୋଇଛନ୍ତି। ସେହିପରି ଓଡେସା ସହର ଉପରେ ରୁଷର ଅନେକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ରେ ୮ ଜଣ ଆହତ ହୋଇଛନ୍ତି। ୟୁକ୍ରେନ ନିକଟରେ ଆକାଶ ସୁରକ୍ଷା ପାଇଁ ପାଟ୍ରିଅଟ୍ କ୍ଷେପଣାସ୍ତ୍ରର ଅଭାବ ରହିଥିବାରୁ ରୁଷିଆ ଏହାର ସୁଯୋଗ ନେଇ କ୍ରମାଗତ ଆକ୍ରମଣ କରୁଥିବା କୁହାଯାଉଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଆମେରିକା ଏବଂ ଅନ୍ୟ ସହଯୋଗୀ ଦେଶଗୁଡ଼ିକୁ ଅଧିକ ପାଟ୍ରିଅଟ୍ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇଦେବାକୁ ନିବେଦନ କରିଛନ୍ତି। ସୀମାପାର ସଂଘର୍ଷ ଏବଂ ଡ୍ରୋନ-କ୍ଷେପଣାସ୍ତ୍ର ଆକ୍ରମଣ ବୃଦ୍ଧି ପାଉଥିବାରୁ ଉଭୟ ଦେଶରେ ସାଧାରଣ ନାଗରିକଙ୍କ ନିରାପତ୍ତା ଓ ଜୀବନଜୀବିକା ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡ଼ିଛି।

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. ETELCONBBST-384E
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ତାଳଚେର-ବିମଳଗଡ଼ ନୂତନ BG ଲାଇନ ସମ୍ବନ୍ଧୀୟ ଖୋର୍ଦ୍ଧା-ମହୁଲଡିହ HT/LT ପାୱାର ଲାଇନ କ୍ରସିଙ୍ଗର ରୂପାନ୍ତରଣ / ସ୍ଥାନାନ୍ତରଣ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 4,79,51,717.58, EMD(ଟଙ୍କାରେ): 9,59,000/-, ଶେଷ ହେବା ଅବଧି : 9 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.20.08.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.09.2026 ରିଖ 1200 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର
PR-167/CJ/26-27

ସାର୍ବଜନିକ ସୂଚନା
ସର୍ବସାଧାରଣଙ୍କୁ ସୂଚିତ କରାଯାଉଅଛି କି, 04/08/2026 ତାରିଖ ରେ ପ୍ରସ୍ତାବ ସଂଖ୍ୟା: 578928/621-MINB2/05-2026, ମାଧ୍ୟମ ରେ ପର୍ଯ୍ୟାବରଣ ଏବଂ ପରିବେଶ ମଞ୍ଜୁରୀ ପ୍ରସ୍ତାବ ଉପରେ ବିଚାର କରି ମୂଲ୍ୟାଙ୍କନ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଶ୍ରୀ ଆନନ୍ଦ ଭାରତୀ, S/o - ରାଧେ ଶ୍ୟାମ ଅଗ୍ରୱାଲ, 14-1-14 / 1, ନୋରୋଜି ରୋଡ୍, ଓପ କଷ୍ଟମ୍ସ କ୍ୱାର୍ଟର୍ସ, ମହାରାଣୀ ପେଟା, ବିଶାଖାପାଟନମ୍ (Urban), ଆନ୍ଧ୍ରପ୍ରଦେଶ -530002, ବେନିପୋଖରୀ ପଥର ଖଣି-୪ ରୁ ୧୦.୩୦ ଏକର କିମ୍ବା ୪.୧୬ ହେକ୍ଟର (କ୍ଲଷ୍ଟର ପଦ୍ଧତି ଅଧୀନରେ ମୋଟ କ୍ଲଷ୍ଟର କ୍ଷେତ୍ରଫଳ - ୫୭.୩୬ ଏକର କିମ୍ବା ୨୩.୧୮ ହେକ୍ଟର) ଗ୍ରାମ - ବେନିପୋଖରୀ, ତହସିଲ - ଲାଞ୍ଜିଗଡ଼, ଜିଲ୍ଲା - କଳାହାଣ୍ଡି, । EC Identification No.: EC26C108OR5118060N ଅନୁଯାୟୀ ରାଜ୍ୟ ପରିବେଶ ମୂଲ୍ୟାଙ୍କନ ପ୍ରାଧିକରଣ (SEIAA), ଓଡ଼ିଶାଙ୍କ ଦ୍ୱାରା ପର୍ଯ୍ୟାବରଣ ଜନିତ ପ୍ରାକ୍ ମଞ୍ଜୁରୀ ପ୍ରଦାନ କରାଯାଇଛି। ସମ୍ପୃକ୍ତ ମଞ୍ଜୁରୀ ପତ୍ର SPCB, ଓଡ଼ିଶା, MoEF & CC ଏବଂ SEIAA, ଓଡ଼ିଶାଙ୍କ ନିକଟରେ ଉପଲବ୍ଧ।
ଆନନ୍ଦ ଭାରତୀ
ଖଣିଜ ମାଲିକ / ପଟ୍ଟାଧାରୀ

# ବନ୍ଦର ଜିପିଏମ୍ ଶ୍ରମିକଙ୍କ ମଜୁରୀ ବୃଦ୍ଧି

ପାରାଦୀପ, ୯।୮ (ସମିସ)



ପାରାଦୀପ ପୋର୍ଟ ୱାର୍କର୍ସ ୟୁନିୟନ ଏବଂ ପାରାଦୀପ ଷ୍ଟିଭେଡୋରସ ଆସୋସିଏସନ ମଧ୍ୟରେ ଆଜି ଜିପିଏମ ଶ୍ରମିକମାନଙ୍କର ବର୍ଦ୍ଧିତ ମଜୁରୀ ସମ୍ବନ୍ଧୀୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଜିପିଏମ ଶ୍ରମିକ ମାନଙ୍କର ମଜୁରି ମୂଳ ମଜୁରୀ ସହିତ ୪ ହଜାର ୮ ଶହ ଟଙ୍କାରୁ ଊର୍ଦ୍ଧ୍ୱ ବୃଦ୍ଧି କରାଯାଇଛି। ଆଗରୁ ସମସ୍ତ ଶ୍ରମିକ ପାଉନଥିବା ଘରଭଡ଼ା ଭତ୍ତା ବାବଦକୁ ୨ ହଜାର ଟଙ୍କା ସମସ୍ତ ଶ୍ରମିକ ମାନଙ୍କୁ ପ୍ରଦାନ କରିବା, ଅବସରପ୍ରାପ୍ତ ଶ୍ରମିକମାନଙ୍କୁ ଗ୍ରାଚୁଇଟି ପ୍ରଦାନ କରିବା, କାର୍ଯ୍ୟ କ୍ଷେତ୍ରରେ ଆହତ ଶ୍ରମିକଙ୍କର ମଜୁରି ସହିତ ଚିକିତ୍ସା ଖର୍ଚ୍ଚ ବହନ କରିବା ଏବଂ ଏହା ସହିତ ଅନ୍ୟାନ୍ୟ ଦାବି ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ଶିଳ୍ପ ସମନ୍ୱୟ ରକ୍ଷା କରିବା ଏବଂ ଶ୍ରମିକମାନଙ୍କୁ ଉଚିତ ଏବଂ ଠିକ ସମୟରେ କ୍ଷତିପୂରଣ ପ୍ରଦାନ କରିବା ସହିତ ପାରାଦୀପ ବନ୍ଦରର ସୁଗମ ତଥା ଦକ୍ଷ କାର୍ଯ୍ୟକୁ ସୁରକ୍ଷିତ ରଖିବା ପାଇଁ ଉଭୟ ୟୁନିୟନ ଏବଂ ଆସୋସିଏସନ୍ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ପାରାଦୀପ ବନ୍ଦର ୱାର୍କର୍ସ ୟୁନିୟନର ସଭାପତି ତଥା ସାଂସଦ ଡ. ବିଭୂ ପ୍ରସାଦ ତରାଇ କହିଛନ୍ତି, "ଜିପିଏମ୍ କର୍ମଚାରୀଙ୍କ ଅବଦାନ ହେଉଛି ବନ୍ଦର କାର୍ଯ୍ୟର ମେରୁଦଣ୍ଡ। ଆମେ ଆଶା କରୁଛୁ ଯେ ଏହି ଆଲୋଚନା ଏକ ମଜୁରି ସମାଧାନର କାରଣ ହେବ। ଯାହା ସେମାନଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠାକୁ ସମ୍ମାନ କରେ। ଉକ୍ତ ବୈଠକରେ ଶ୍ରମିକ ସଙ୍ଘର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥି, କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ଦାସ, ଉପସଭାପତି ଗୁଣନିଧି ଚୌଧୁରୀ, ସହସାଧାରଣ ସମ୍ପାଦକ ବିପ୍ଲବ କୁମାର ଜେନା, କୋଷାଧ୍ୟକ୍ଷ ବ୍ରିଜେଶ କୁମାର ଲେଙ୍କାଙ୍କ ସହିତ ଜିପିଏମ ଶ୍ରମିକ ବିରଞ୍ଚି ନାରାୟଣ ସୁନ୍ଦରାୟ, ଲିଙ୍ଗରାଜ ନାୟକ, ଭରତ ମଲ୍ଲିକ, ବ୍ରହ୍ମାନନ୍ଦ ରାଉତ, ତାପସ ମଲ୍ଲିକ, ସୁଶାନ୍ତ ନାୟକ ଓ ନୃସିଂହ ନାୟକ ଏହି ବୈଠକରେ ଉପସ୍ଥିତ ଥିଲେ। ପାରାଦୀପ ଷ୍ଟିଭେଡୋରସ ଆସୋସିଏସନର ସଭାପତି ମହିମାନନ୍ଦ ମିଶ୍ର କହିଛନ୍ତି ଯେ ଆମେ ଆମର ଶ୍ରମିକମାନଙ୍କୁ ଗୁରୁତ୍ୱ ଦେଉଛୁ ଏବଂ ପାରସ୍ପରିକ ଗ୍ରହଣୀୟ ସମାଧାନରେ ପହଞ୍ଚିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସଭାପତିଙ୍କ ବ୍ୟତିତ ସଚିବ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଏବଂ ଅନ୍ୟ ଷ୍ଟିଭେଡୋରସ୍‌ମାନଙ୍କ ମଧ୍ୟରେ ଅକ୍ଷୟ କୁମାର ସୂତାର, ପ୍ରଭାତ ନନ୍ଦୀ, ପ୍ରଦୀପ ବୋଷ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

## ପ୍ରଫୁଲ୍ଲ ପାଠାଗାରରେ କ୍ରାନ୍ତି ଦିବସ



ଜଗତସିଂହପୁର, ୯।୮ (ସମିସ): ଭାରତୀୟ ସ୍ୱାଧୀନତା ସଂଗ୍ରାମର ସ୍ମାରକ ଅଗଷ୍ଟ କ୍ରାନ୍ତି ଦିବସ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଓଡିଶାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସରରେ ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ତଥା ଉତ୍କଳ ସମ୍ମିଳନୀ ଜଗତସିଂହପୁର ଜିଲ୍ଲା ଶାଖା ସଭାପତି ଶିବ ପ୍ରସାଦ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରାନ୍ତି ଦିବସର ଗୁରୁତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବିଜୟ କୁମାର ପତି, ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ ଯୋଗଦେଇ ସତତ ଜାଗୃତି ସ୍ୱାଧୀନତାର ରକ୍ଷା କବଚ ବୋଲି କହିଥିଲେ। ଏହି ଅବସରରେ ଚଳିତ ବର୍ଷ ଯୁକ୍ତ ୨ ଆର୍ଟସ କାଉନସିଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ଥାନୀୟ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ନିହାରିକା ମୁଦୁଲିଙ୍କୁ ନଟବର ପ୍ରଧାନ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିରଙ୍ଗା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଜଗତସିଂହପୁର, ୯।୮ (ସମିସ): ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ବିଧାୟକଙ୍କ ଆବାସିକ ବାସଭବନରେ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ ୧୩ ତାରିଖ ଗୁରୁବାର ଏହି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ଏହା ଜଗତସିଂହପୁର କଲେଜ ଛକ ନିକଟରୁ ପୂର୍ବାହ୍ନ ୯ ଘଟିକା ସମୟରେ ଆରମ୍ଭ ହୋଇ ଜଗତସିଂହପୁର ସଦର ମହକୁମା ଦେଇ ସିପି ସ୍ଥିତ ସୁବର୍ଣ୍ଣ ବରାହୀ ମନ୍ଦିରରେ ସମାପ୍ତ ହେବ। ଏହି ଅବସରରେ ଜଗତସିଂହପୁର ବିଧାୟକ ତାଙ୍କ ବକ୍ତବ୍ୟରେ ଗର୍ବ ଗୌରବ ଧ୍ୱଜା ହେଉଛି ତ୍ରିରଙ୍ଗା। ଆମ ଶକ୍ତି, ସାହସ ଓ ସାମର୍ଥ୍ୟର ପ୍ରତିକ ହେଉଛି ତ୍ରିରଙ୍ଗା। ଏହି ଜାତୀୟତାବୋଧର ପର୍ବକୁ ଉତ୍ସାହର ସହ ପାଳନ କରିବାକୁ ଏବଂ ଜଗତସିଂହପୁର, ନାଉଗାଁର ଜନସାଧାରଣ, ବୁଦ୍ଧିଜୀବୀ, ଜଗତସିଂହପୁର ସମସ୍ତ ସାମ୍ବାଦିକ ବନ୍ଧୁ, ଯୁବପିଢ଼ି, କ୍ରୀଡ଼ାବିତ, ସାଂସ୍କୃତିକ ଅନୁଷ୍ଠାନ ଏବଂ ଭାରତୀୟ ଜନତା ପାର୍ଟିର ସମସ୍ତ କର୍ମକର୍ତ୍ତା ଯୋଗଦେବା ପାଇଁ ନିବେଦନ କରିଛନ୍ତି। ଏହି ବୈଠକ ଭାରତୀୟ ଜନତା ପାର୍ଟିର ପୂର୍ବତନ ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ବିଧାୟକଙ୍କ ନଗର ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ଅକ୍ଷୟ ପାତ୍ର, ବିଜେପି ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ସ୍ୱାଇଁ, ପଳାଶୋଳ ସଂଯୋଜକ ସମୀର ପଟ୍ଟନାୟକ, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ବରୋଦା ପ୍ରସାଦ ରାୟ, ଦେବୀ ପ୍ରସାଦ ପାଢ଼ୀ, ଯୁଧିଷ୍ଠିର ସ୍ୱାଇଁ, ଦେବୀପ୍ରସାଦ ସାହାଣୀ, ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ, କାଉନସିଲର ଗୋଲାମ ଅଲ୍ଲୀ ଖାଁ, ଦେବାଶିଷ ସ୍ୱାଇଁ, ଅଶୋକ ଭୋଇ, ଲିଙ୍ଗରାଜ ଲେଙ୍କା, ସୌମ୍ୟ ରଞ୍ଜନ ସାହୁ, ଏସ୍‌କେ ନାସିର ଉଦ୍ଦିନ, ଏସ୍‌କେ ଇମତିଆଜ, ଅଶ୍ୱିନୀ ବାରିକ, ତାପସ ମହାପାତ୍ର, ଅତିଶ ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା, ପୌର ପରିଷଦର ୨୧ ୱାର୍ଡର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଜିଲ୍ଲା କିଷାନ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଜଗତସିଂହପୁର, ୯।୮ (ସମିସ): ଜଗତସିଂହପୁର ଜିଲ୍ଲା କିଷାନ କଂଗ୍ରେସର ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଓ ଆଲୋଚନାଚକ୍ର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ କିଷାନ ବିଭାଗର ଜିଲ୍ଲା ଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତ ସାଙ୍ଗଠନିକ ପଦବୀ ପୂରଣ କରିବା ସହ ଜିଲ୍ଲାରେ ଚାଷୀ ମାନଙ୍କର ଧାନମଣ୍ଡି ସମସ୍ୟା, ବନ୍ୟା ପ୍ରଭାବିତ କ୍ଷୟକ୍ଷତି, ଖରିଫ ଋତୁରେ ସାରର ଅଭାବ ଏବଂ ଅହେତୁକ ଦର ବୃଦ୍ଧି, ଚାଷ ଜମିକୁ ଜଳସେଚନ ଓ ନିଷ୍କାସନ ଆଦି ସମସ୍ୟା ଉପରେ ଆଗାମୀ ଦିନରେ ସରକାର ଏବଂ ପ୍ରଶାସନକୁ ଜବାବ ମଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଜିଲ୍ଲା କିଷାନ ବିଭାଗ ଅଧ୍ୟକ୍ଷ ବିଭୂତି ଭୂଷଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ, ରାଜ୍ୟ କିଷାନ କଂଗ୍ରେସ ଭାଇସ ଚେୟାରମ୍ୟାନ କାର୍ତ୍ତିକ ଚନ୍ଦ୍ର ବରାଳ, ଶିତିକାନ୍ତ ମହାନ୍ତି, ରାଜ୍ୟ ସଂଗଠନ ସମ୍ପାଦକ କାଶୀନାଥ ସ୍ୱାଇଁ, ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବିଭୂତି ଭୂଷଣ ଲେଙ୍କା, ନାଉଗାଁ ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ବିଭୁ ପ୍ରସାଦ ନାୟକ, ବାଲିକୁଦା ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ବାବାଜୀ ଚରଣ ଜେନା, କୁଜଙ୍ଗ ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ସ୍ୱରୂପ କୁମାର ବିଶ୍ୱାଳ, ଜଗତସିଂହପୁର ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ଭଗବାନ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ବିଜୟ କୁମାର ପୃଷ୍ଟି, ବିରିଡ଼ି ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ଆଲୋକ ସ୍ୱାଇଁ, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟିଙ୍କ ସମତେ ଜ୍ୟୋତି ରଞ୍ଜନ ରାୟ, ପ୍ୟାରେସ ପାତ୍ର, ସୁଶୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## କେଳୁଚରଣଙ୍କ ସ୍ମୃତିଚାରଣ ସଭା



କୁଜଙ୍ଗ/ପାରାଦୀପ, ୯।୮ (ସମିସ): କେଳୁଚରଣ ସାମଲଙ୍କ ଏକାଦଶ ଅବସରରେ ବିଶ୍ୱାଳି ପଞ୍ଚାୟତ ଅନ୍ତର୍ଗତ କୋଲଡ଼ିଆ ଗ୍ରାମସ୍ଥିତ ତାଙ୍କ ବାସଭବନରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବନ୍ଧୁ, ପରିଜନ ଓ ଗ୍ରାମବାସୀ ଯୋଗଦେଇ କେଳୁଚରଣଙ୍କ ସ୍ମୃତିଚାରଣ କରିଥିଲେ। ମତ୍ସ୍ୟ ବିଭାଗରେ ସୁପରଭାଇଜର ଭାବେ କାର୍ଯ୍ୟ କରି ୧୯୯୩ ମସିହାରେ ଅବସର ନେଇଥିଲେ କେଳୁଚରଣ। ୯୨ ବର୍ଷ ବୟସରେ ବି ସାଇକଲ୍ ଥିଲା କେଳୁଚରଣଙ୍କ ଜୀବନର ଅବିଚ୍ଛେଦ୍ୟ ସାଥୀ। ପ୍ରତିଦିନ ପ୍ରାୟ ୧୦ କିଲୋମିଟର ସାଇକଲ୍ ଚଳାଇ ବିଭିନ୍ନ ଅଞ୍ଚଳକୁ ଯାଉଥିବା କେଳୁଚରଣଙ୍କ ସରଳ ଓ ଶୃଙ୍ଖଳିତ ଜୀବନଶୈଳୀ ଅନେକଙ୍କ ପାଇଁ ପ୍ରେରଣା ଥିଲା। ଏଥିରେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ପୂର୍ବତନ ମୃତ୍ତିକା ବିଜ୍ଞାନୀ ବାବାଜୀ ଚରଣ ସେଠୀ, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ସଞ୍ଜୟ ସାହୁ, ରବୀନ୍ଦ୍ରନାଥ ମହାପାତ୍ର, ଇଂ. ଧରଣୀଧର ବେହେରା, ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ସାହୁ, ମଥୁରାନନ୍ଦ ତରାଇ ଓ ଇଞ୍ଜିନିୟର ପ୍ରମୋଦ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ଅବସରପ୍ରାପ୍ତ ଖାଦ୍ୟ ଯୋଗାଣ ଅଧିକାରୀଙ୍କ ପରଲୋକ

ବାଲିକୁଦା, ୯।୮ (ସମିସ): ବାଲିକୁଦା ବ୍ଲକ ବାଲିକୁଦା ପଞ୍ଚାୟତ ବାଲିସାହି ଗ୍ରାମର ଅବସରପ୍ରାପ୍ତ ଖାଦ୍ୟ ଯୋଗାଣ ଅଧିକାରୀ ରଘୁନାଥ ପୁହାଣ (୭୯)ଙ୍କ ବିୟୋଗ ହୋଇଯାଇଛି।



ସେ କିଛିଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ସ୍ୱର୍ଗତ ପୁହାଣ ଅବସର ନେବା ପରେ ଗ୍ରାମର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ କରିବା ସହ ବାଲିକୁଦା ବଜାରରେ ବିଭିନ୍ନ ପ୍ରଜାତିର ପଶୁପକ୍ଷୀମାନଙ୍କୁ ପ୍ରତେକ ଦିନ ଖାଦ୍ୟ ଦେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଭୀଷ୍ମଦେବ ଦାସ, ପୂର୍ବତନ ସରପଞ୍ଚ ଗୌରାଙ୍ଗ ଚରଣ ଦାସ, ସମିତିସଭ୍ୟା ଯାଜ୍ଞସେନୀ ରାଉତ, ଯୁବ ବ୍ୟବସାୟୀ ଅମୀୟ ସାହୁ, ସାମ୍ବାଦିକ ପରେଶ ଦାସ, ବିଜୟ ପରିଡା, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ବାଲିସାହି ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ବାଲିକୁଦା ବଜାର ଓ ବାଲିସାହି ଗ୍ରାମ ପରୀକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ରାମକୃଷ୍ଣ ମୁଖାଗ୍ନି ଦେଇଥିଲେ।

## ଛାତ୍ରଛାତ୍ରୀଙ୍କ ମଧ୍ୟରେ ରନ୍ଧନ କଳା ପ୍ରତିଯୋଗିତା



ତିର୍ତ୍ତୋଲ, ୯।୮ (ସମିସ): ତିର୍ତ୍ତୋଲ ସ୍ଥିତ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରନ୍ଧନ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କ୍ଷୀରୋଦ କୁମାର ଓଝା ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଜୀବନ ବଲ୍ଲଭ ସାହୁ, ନିର୍ଦ୍ଦେଶକ ସରୋଜ କାନ୍ତ ମହାନ୍ତି, ଉଚ୍ଚ ବିଦ୍ୟାଳୟର ପ୍ରିନ୍ସିପାଲ ପ୍ରିୟଦର୍ଶିନୀ ମହାନ୍ତି ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଷଷ୍ଠ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୪୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅଗ୍ନି ସହିତ ରନ୍ଧନ କଳାରେ ଦହି ଭାତ, ଭଜା ଭାତ, ତରକାରୀ ଓ ଅଗ୍ନି ରହିତ କଳାରେ ସାଲାଡ଼, ସାଣ୍ଡୱିଚ, କାନାପି ଆଦି ଖାଦ୍ୟ ଛାତ୍ରଛାତ୍ରୀ ପ୍ରସ୍ତୁତ କରିଥିଲେ। ବିଚାରକ ଭାବେ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ସାହୁ ଓ ଏମ୍‌ସ ସିଦ୍ଧାର୍ଥ ଶଙ୍କର ମହାନ୍ତି ଯୋଗଦେଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାର ଅଗ୍ନି ସହିତ ରନ୍ଧନ କଳାରେ ସାଇ ପ୍ରସାଦ ମହାପାତ୍ର ପ୍ରଥମ, ଯୋୟା ଖାନ୍ ଦ୍ୱିତୀୟ, ଅର୍ଚ୍ଚିତା ବେଉରା ତୃତୀୟ ଓ ଅଗ୍ନି ରହିତ ରନ୍ଧନ କଳାରେ ଶ୍ରୁତି ସୁହାନି ପରିଡ଼ା ପ୍ରଥମ, ସତ୍ୟସାଇ ରାଉତ୍ ଦ୍ୱିତୀୟ ଓ ଜୀବନ ଜ୍ୟୋତି ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଡିଏଭି ପିପିଏଲ୍‌ରେ ଗଙ୍ଗାଧର ମେହେର ଜୟନ୍ତୀ

ପାରାଦୀପ, ୯।୮ (ସମିସ): ପାରାଦୀପସ୍ଥିତ ଡିଏଭି ପିପିଏଲ୍ ବିଦ୍ୟାଳୟ ପରିସରରେ ଓଡ଼ିଆ ସାହିତ୍ୟର



ଅମର ସାଧକ, ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଦୁଇ ମାଧ୍ୟମର ସଂଯୋଜକ ବୃନ୍ଦାବନ ରାଉତ ଏବଂ ମହେଶ୍ୱର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା। ଓଡ଼ିଆ ବିଭାଗର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ଯୌଥ ଉଦ୍ୟମରେ ବିଭିନ୍ନ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟକ୍ଷ କବି ଗଙ୍ଗାଧର ମେହେରଙ୍କ ପ୍ରକୃତିପ୍ରୀତି, ସାରସ୍ୱତ ସାଧନା ଏବଂ ମାତୃଭାଷା ଓ ମାତୃଭୂମି ପ୍ରତି ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଶେଷ ପର୍ଯ୍ୟାୟରେ ସଂଯୋଜକ ବୃନ୍ଦାବନ ରାଉତ ସମସ୍ତ ଗୁରୁଜନ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସମୁଦ୍ରରେ ବୁଡ଼ିଯାଉଥିବା ଯୁବକ ଉଦ୍ଧାର

ପାରାଦୀପ, ୯।୮ (ସମିସ): ନେହୁରବଙ୍ଗଳା ମହାନଦୀ ମୁହାଣ ପଥର ବନ୍ଧ ନିକଟରେ ଜଣେ ବ୍ୟକ୍ତି ବଡ଼ିଯାଉଥିବା ବେଳେ ପାରାଦୀପ ମେରାଇନ୍ ପୁଲିସ ସେହି ଯୁବକକୁ ଉଦ୍ଧାର କରିଛି। ତେବେ ପୁଲିସ ସୂଚନା ଅନୁଯାୟୀ ଥାନା ପକ୍ଷରୁ ସମୁଦ୍ରରେ ପାଟ୍ରୋଲିଂ କରାଯାଉଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ସମୁଦ୍ରରେ ବୁଡୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ତୁରନ୍ତ ଏହି ଘଟଣା ସମ୍ପର୍କରେ ମେରାଇନ ଥାନା ଆଇଆଇସି ସରୋଜକାନ୍ତ ସାମଲଙ୍କୁ ଅବଗତ କରାଯାଇଥିଲା। ତାଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବୁଡୁଥିବା ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଉଦ୍ଧାର ପରେ ବ୍ୟକ୍ତି ଜଣକ କଥା କହିବାକୁ ଅସମର୍ଥ ଥିଲେ ଏବଂ ତାଙ୍କ ପରିଚୟ ସମ୍ପର୍କରେ କୌଣସି ସୂଚନା ମିଳି ନଥିଲା। ତାଙ୍କର ଅଧିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଡକାଯାଇଥିଲା। ବର୍ତ୍ତମାନ ରୋଗୀ ଜଣକେ ପାରାଦୀପ ପୋର୍ଟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ନିଶାମୁକ୍ତି ପ୍ରତିଜ୍ଞା ମହା ଅଭିଯାନ




ପାରାଦୀପ, ୯।୮ (ସମିସ): ପାରାଦୀପ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାରାଦୀପ ମଧୁବନ ସେବାକେନ୍ଦ୍ର ପକ୍ଷରୁ ୧୦ଟି ନିଶାମୁକ୍ତି ଉପରେ ଏକ ପ୍ରତିଜ୍ଞା ମହା ଅଭିଯାନର ଆୟୋଜନ କରାଯାଇଥିଲା। ପ୍ରତିଜ୍ଞା ଗୁଡିକ ମଧ୍ୟରେ କୌଣସି ପ୍ରକାରର ନିଶା ଠାରୁ ନିଜକୁ ଦୂରେଇ ରଖିବା, ଜୀବନରେ ଶୁଦ୍ଧତା ସକରାତ୍ମକତା ଏବଂ ଆତ୍ମ ସମ୍ମାନର ମୂଲ୍ୟକୁ ଆପଣାଇବା, ନିଜର ପରିବାର, ମିତ୍ର ଏବଂ ସମାଜକୁ ନିଶାମୁକ୍ତ ଜୀବନ ବ୍ୟତୀତ କରିବା ପାଇଁ ପ୍ରେରଣା ଅନ୍ୟକୁ ଦେବା, ନିଜର ଶରୀର, ମନ, ସମୟ, ଏବଂ ଶକ୍ତିର ସଦୁପଯୋଗ କରିବା, ନିଶାମୁକ୍ତ ସୁସ୍ଥ ଏବଂ ଶ୍ରେଷ୍ଠ ଭାରତର ନିର୍ମାଣ ରେ ନିଜର ସକାରାଣକ ସହଯୋଗ ଦେବା ଇତ୍ୟାଦି ସ୍ଥାନ ପାଇଛି। ମଧୁବନ ସ୍ଥିତ କାର୍ଯ୍ୟାଳୟ ପରିସରରେ ଆଜି ୧୨ଟାରୁ ଏହି ନିଶାମୁକ୍ତ ପ୍ରତିଜ୍ଞା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ବିଶ୍ୱାଳଙ୍କ ସମେତ ସାମ୍ବାଦିକ ସୁରେନ୍ଦ୍ର ବିଶ୍ୱାଳ ଓ ପ୍ରଭାତ କୁମାର ମହାପାତ୍ର ଏବଂ ଉଲ୍ଲାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପ ସେବା କେନ୍ଦ୍ରର ମୁଖ୍ୟ ବିକେ ସୁମନ ଭଉଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ସେବା କେନ୍ଦ୍ରର ପ୍ରକାଶ ଚନ୍ଦ୍ର ଜେନା, ବିବେକାନନ୍ଦ ନାୟକ, କ୍ୟାପଟେନ ଅମୀତ କୁମାର, କାହ୍ନୁ ଚରଣ ନାୟକ, ସସ୍ମିତା ସ୍ୱାଇଁ, ବିକେ ଆରତୀଙ୍କ ସମେତ ସମସ୍ତ ଭାଇ ଓ ଭଉଣୀମାନେ ଉପସ୍ଥିତ ଥିଲେ। ପାରାଦୀପ ସେବା କେନ୍ଦ୍ରର ସଞ୍ଚାଳିକା ଭଉଣୀ ସୁମନ ଦିଦି ସମସ୍ତଙ୍କୁ ପ୍ରତିଜ୍ଞା କରାଇଥିଲେ।

## ବ୍ରହ୍ମଲୀନ ମାଗୁଣି ଦାସଙ୍କ ସ୍ମୃତିଚାରଣ ସଭା

ବାଲିକୁଦା, ୯।୮ (ସମିସ): ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତ ଅଧୀନ ନୂଆଗାଁସ୍ଥିତ ମହିମା ଆଶ୍ରମ ପରିସରରେ ବ୍ରହ୍ମଲୀନ ମାଗୁଣି ଚରଣ ଦାସଙ୍କ ଏକବିଂଶତିତମ ଦିବସ ଅବସରରେ ସ୍ମୃତିଚାରଣ ସଭା ଓ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ବ୍ରାହ୍ମମୁହୂର୍ତ୍ତରେ ବ୍ରହ୍ମଧ୍ୱନି ସ୍ଥାପନ କରାଯିବା ସହ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ କରାଯାଇଥିଲା। ସନ୍ଧ୍ୟା ବ୍ରାହ୍ମମୁହୂର୍ତ୍ତରେ ଯଜ୍ଞାହୁତି ପ୍ରଦାନ କରାଯିବା ସହ ମହିମା ଭଜନ ଗାନ



କରାଯାଇଥିଲା। ଏହି ଧର୍ମସଭାରେ ବ୍ରହ୍ମଲୀନ ମାଗୁଣି ଚରଣ ଦାସଙ୍କ ଧର୍ମୀୟ ଜୀବନ, ଆଧ୍ୟାତ୍ମିକ ଚିନ୍ତାଧାରା ଓ ସମାଜ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବାବା ସୂର୍ଯ୍ୟମଣି ଦାସ, ବାବା ନକୁଳ ଚରଣ ଦାସ, ବାବା ବାବୁଲି ଦାସ, ବାବା ଦୁଃଖବନ୍ଧୁ ଦାସ, ବାବା ଲମ୍ବୋଦର ଦାସ, ବାବା ଉଦ୍ଧବ ଦାସ, ବାବା ଅନନ୍ତ ଦାସ, ବାବା ଭରତ ଦାସ ଓ ବାବା ବେଣୁଧର ଦାସଙ୍କ ସମେତ ମହିମା ଧର୍ମଧାମର ବହୁ ସାଧୁସନ୍ଥ ଏବଂ ମହିମା ଧର୍ମାବଲମ୍ବୀ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ନିରଞ୍ଜନ ସ୍ୱାଇଁ, ବଳରାମ ବେହେରା, ବିଭୂତି ଜେନା ଓ ପ୍ରଭା ପରିଡ଼ାଙ୍କ ସମେତ ନୂଆଗାଁ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦିନତମାମ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆୟୋଜିତ ଏହି ସ୍ମୃତିଚାରଣ ଓ ଧର୍ମସଭାରେ ଶ୍ରଦ୍ଧାଳୁମାନେ ବ୍ରହ୍ମଲୀନ ମାଗୁଣି ଚରଣ ଦାସଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଗଭଡ଼ିରେ ସମାଜସେବୀଙ୍କ ପରଲୋକ



କୁଜଙ୍ଗ, ୯।୮ (ସମିସ): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପୋତାନଇ ଗ୍ରାମ ପଞ୍ଚାୟତ ଗଭଡ଼ି ଗ୍ରାମର ସମାଜସେବୀ ତଥା ସାର୍ବଜନୀନ ଦୁର୍ଗାପୂଜା କମିଟିର ସମ୍ପାଦକ ଦୁର୍ଗା ଚରଣ ମୁଦୁଲି (୭୨)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ନଗର ପରିକ୍ରମା କରାଇ ଅନ୍ତେଷ୍ଟିକ୍ରିୟା ସମାପନ କରାଯାଇଛି। ତାଙ୍କର ଏକମାତ୍ର ପୁତ୍ର ଜଗା ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମୟରେ ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟଙ୍କ ସହ ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ଶିକ୍ଷକ ନେତା ବିନୋଦ ବିହାରୀ ମୁଦୁଲି, ରମାକାନ୍ତ ମୁଦୁଲି, ଶୁଶାନ୍ତ କୁମାର ମୁଦୁଲି, ଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ଦିଲୀପ କୁମାର ବେହେରା, ଶରତ ଚନ୍ଦ୍ର ସ୍ୱାଇଁ, ହେମନ୍ତ କୁମାର ମୁଦୁଲି, ପ୍ରଦୀପ୍ତ କୁମାର ଦାସ, ବିଷ୍ଣୁ ଚରଣ ମୁଦୁଲି, ମାଗୁଚରଣ ଜେନା, ରାଜେନ୍ଦ୍ର ସାହୁଙ୍କ ସମେତ ଗ୍ରାମର ମୁରବୀ, ରାଜନୀତିକ ଉପସ୍ଥିତ ଥିଲେ।

## ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ଶ୍ରାଦ୍ଧବାର୍ଷିକୀ ଓ ପୁରସ୍କାର ବିତରଣ ଉତ୍ସବ

ଜଗତସିଂହପୁର, ୯।୮ (ସମିସ)



ଜଗତସିଂହପୁର ମାଟିର ଅନ୍ୟତମ ବରପୁତ୍ର ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ୬୮ତମ ଶ୍ରାଦ୍ଧବାର୍ଷିକୀ ଓ ପୁରସ୍କାର ବିତରଣ ଉତ୍ସବ ଚାଟ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଣକୃଷ୍ଣ ପଡିହାରୀ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ବିଜୟ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ତହସିଲଦାର ଅଜୟ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ସୁବକ୍ତା ସରୋଜିନୀ ରଥ, ସମ୍ମାନୀତ ଅତିଥି ଭାବେ ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା, ଶିକ୍ଷାବିତ ଦେବେନ୍ଦ୍ର ରାଉତ ଏବଂ ସାମାଜିକ କର୍ମୀ ବିନାୟକ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସଂଗ୍ରାମୀ ପ୍ରାଣକୃଷ୍ଣ ପଢ଼ିହାରୀ କେବଳ ସ୍ୱାଧୀନତା ସଂଗ୍ରାମ ନୁହେଁ, ଜଗତସିଂହପୁରର ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ସେହିପରି ଶିକ୍ଷାବ ସୁଭାଷ ଚନ୍ଦ୍ର ରାଉତ, ରବୀନ୍ଦ୍ର ନାଥ ନାୟକ ଏବଂ ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ପଢ଼ିହାରୀଙ୍କ କର୍ମମୟ ଜୀବନ ଓ ସମାଜକଲ୍ୟାଣ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ସ୍ୱାଧୀନତା ସଂଗ୍ରାମରେ ଜଗତସିଂହପୁର ମାଟିର ଅବଦାନ ଶୀର୍ଷକ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ସ୍ମୃତି ସଂସଦ ପକ୍ଷରୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଭାର ଆରମ୍ଭରେ ସାମ୍ବାଦିକ ଶୁଭକାନ୍ତ ପଢ଼ିହାରୀ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସ୍ମୃତି ସଂସଦ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭ ପୂର୍ବରୁ ଆଶ୍ରମ ପରିସରରେ ଥିବା ମହାତ୍ମା ଗାନ୍ଧୀ ଏବଂ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସାମ୍ବାଦିକ ଦୁର୍ଯ୍ୟୋଧନ ମହାରଣା, ଶିକ୍ଷାବିତ ପ୍ରତାପ କୁମାର ଲେଙ୍କା, ଭଗବାନ ଦାଶ, ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି, ଜ୍ୟୋତି ରଞ୍ଜନ ପ୍ରଧାନ, ଆଇନଜୀବୀ ଶିବ ପ୍ରସାଦ ମାଝୀ ଏବଂ ସେବାନିବୃତ୍ତ ସେନାନୀ ସୋମନାଥ ମହାରଣା ପ୍ରମୁଖ ସହାୟତା କରିଥିଲେ।

### ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା

# ଧୋୟାଞ୍ଚଳ ଲୋକେ ପୁଣି ବାହ୍ୟ ଜଗତରୁ ବିଚ୍ଛିନ୍ନ

ଗୋବିନ୍ଦପୁର, ୯।୮ (ସମିସ):

ଖରସ୍ରୋତା ଓ କାଣୀ ନଦୀରେ ପୁଣି ବନ୍ୟା ଆସିଛି। ଫଳରେ ଆଜି ଧୋୟାଞ୍ଚଳର ୧୦ଟି



ପଞ୍ଚାୟତର ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛନ୍ତି। ଲଗାଣ ବର୍ଷା ଯୋଗୁଁ ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଜଳ ବୃଦ୍ଧି ପାଇ ଧୋୟାଞ୍ଚଳର ମୁଖ୍ୟ ରାସ୍ତା ଗୋବିନ୍ଦପୁର-ମାନପୁର ରାସ୍ତାର ଘୋଷରାରେ ୩ ଫୁଟର ବନ୍ୟା ଜଳ ସ୍ରୋତ ଛୁଟିଛି। ଫଳରେ ଗୋବିନ୍ଦପୁର, କୁଆଣିଆ, ଡିମିରିପାଳ, ଅରଗଳ, ପେତପଡ଼ା, କେତୁଆପାଳ, ଦେସାହି, ଏରଡଙ୍ଗ, ପାଳିମି ପଞ୍ଚାୟତ ସମେତ ୧୦ଟି ପଞ୍ଚାୟତର ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛନ୍ତି। ୧୨ ଦିନ ତଳେ ବନ୍ୟାରେ ଏହି ଅଞ୍ଚଳ ଲୋକେ ସାତଦିନ ଜଳବନ୍ଦୀ ହୋଇଥିଲେ। ଏବେ ପୁଣି ବନ୍ୟା ଜଳ ବୃଦ୍ଧି ପାଉଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଗତ ବନ୍ୟାରେ ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ ଅବହେଳା କରିଥିବା ଲୋକେ ଅଭିଯୋଗ କରିଥିଲେ। ଚାଷଜମି ଦୀର୍ଘ ୧୨ ଦିନ ହେଲା ବୁଡ଼ି ରହିଥିବାରୁ ଧାନ ଫସଲ ଓ ପନିପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଗଲା। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି।

## ଗାଁ ରାସ୍ତାରେ କୁମ୍ଭୀର, ବାଜପୁରରେ ଆତଙ୍କ

ରାଜକନିକା, ୯।୮ (ସମିସ): ଖରସ୍ରୋତା ନଦୀକୂଳିଆ ଅଞ୍ଚଳରେ କୁମ୍ଭୀର ଆତଙ୍କ ଥମିବାର ନାଁ ନେଉନାହିଁ। ରାଜକନିକା ବ୍ଲକ କାଟଣାବଣିଆ ପଞ୍ଚାୟତ ଅନ୍ତର୍ଗତ ବାଜପୁର ଗାଁର ରାସ୍ତା ଉପରେ ରବିବାର ରାତି ପ୍ରାୟ ୮ଟା ସମୟରେ ଏକ କୁମ୍ଭୀର ଶୋଇଥିବା ଦେଖାଯିବା ପରେ ଗାଁରେ ଆତଙ୍କ ଖେଳିଯାଇଛି। ରାତିରେ ଗାଁ ରାସ୍ତାରେ କୁମ୍ଭୀର ଦେଖାଯିବା ଘଟଣାକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ପରେ ନଦୀକୂଳିଆ ଗାଁରେ କୁମ୍ଭୀର ଚଳପ୍ରଚଳ ବଢ଼ିଥିବା ଗ୍ରାମବାସୀ କହିଛନ୍ତି। ବନ୍ୟା ସମୟରେ ନଦୀରୁ କୁମ୍ଭୀର ଗାଁ ଭିତରକୁ ପଶିଆସିବା ସହ ଘର ନିକଟରେ ବିଚରଣ କରୁଥିବା ଘଟଣା ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି। ଏବେ ପୁଣି ଗାଁ ରାସ୍ତା ଉପରେ କୁମ୍ଭୀର ଦେଖାଯିବା ପରେ ଲୋକଙ୍କ ଚିନ୍ତା ଆହୁରି ବଢ଼ିଛି।



## ୭ ଦିନ ପରେ ପୁଣି ବନ୍ୟା, ପାଣି ଘେରରେ କନପୁର

ରାଜକନିକା, ୯।୮ (ସମିସ): ରାଜକନିକା ବ୍ଲକର ବୈତରଣୀ ନଦୀର ତଟରେ ଅବସ୍ଥିତ ବାରହାଦୋମଣ୍ଡା ପଞ୍ଚାୟତରେ ଗତ ୧୫ ଦିନ ମଧ୍ୟରେ ଦ୍ୱିତୀୟ ବନ୍ୟା ପ୍ରଭାବ ଦେଖାଦେଇଛି। ୭ ଦିନ ବନ୍ୟାରେ ବୁଡି ରହିଥିବା ବାରହା କନପୁର ଓ କାଏମା କନପୁରର ୪ଟି ୱାର୍ଡ ବନ୍ୟାରେ ୭ ଦିନ ବୁଡି ରହି କ୍ଷତିଗ୍ରସ୍ତ ହୋଇଥିବାବେଳେ ଆଜି ସକାଳେ ପୁଣି



ବନ୍ୟାର ପ୍ରଭାବ ଦେଖିବାକୁ ମିଳିଛି। ସମୁଦ୍ରର ଜୁଆର ଓ ଭଟାକୁ ନେଇ ବନ୍ୟା ସ୍ଥିତି ସୃଷ୍ଟି ହେଉଥିବାବେଳେ ଆଜି ସକାଳ ୧୦ଟା ବେଳେ କାଏମା କନପୁରର ସୁଧାନିଧି ନାୟକଙ୍କ ଘରଠାରୁ ସେଠୀ ସାହି ଯାଏ ପ୍ରାୟ ୭୫ ଘର ବନ୍ୟାରେ ପ୍ରଭାବିତ ହୋଇଛି। ବନ୍ୟାର ଦୁଃଖଦ ସ୍ଥିତିରୁ ୭ ଦିନ ହେବ ଧୀରେ ମୁକୁଳି ଆସୁଥିବା ଏହି ଗାଁର ଜନଜୀବନ ସ୍ୱାଭାବିକ ହେବାକୁ ଯାଉଥିବାବେଳେ ଆଜି ପୁଣି ବନ୍ୟା ପାଣି ଗାଁ ଭିତରେ ପଶିବାରୁ ପୁଣି ବନ୍ୟାର ଭୟବହତା ଦେଖାଦେଇଛି। ବୈତରଣୀ ନଦୀରେ ସୃଷ୍ଟି ହୋଇଥିବା ବନ୍ୟାରେ ବାରହା ଦୋମଣ୍ଡା ପଞ୍ଚାୟତର କଏମା କନପୁରରେ ମାଟି ଘରର କାନ୍ଥ ଭୁଶୁଡିବା, ଗୋରୁଗାଇ ଭୋକରେ ୬ ଦିନ ରହିବା ପରେ ୭ ଦିନ ରେ ଅଳ୍ପ ମୁଠାଏ ଗୋଖାଦ୍ୟ ପାଇଛନ୍ତି। ସେହିପରି ବନ୍ୟା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ଏହି ଗାଁକୁ ପରିଦର୍ଶନ ପରେ ଆଶା କରାଯାଉଥିବା ବନ୍ୟା ସହାୟତା ମିଳି ନ ଥିବାବେଳେ ପିଇବା ପାଣି ମଧ୍ୟ ମିଳି ନ ଥିଲା। ଏବେ କନପୁର ଗାଁ ଲୋକେ ଦ୍ୱିତୀୟ ବନ୍ୟାରେ ଭୟଭୀତ ହୋଇଛନ୍ତି।

## ବିଦ୍ୟୁତ ଖୁଣ୍ଟରେ ବାଇକ୍ ଧକ୍କା, ଜଣେ ମୃତ

ପଟ୍ଟାମୁଣ୍ଡାଇ, ୯।୮ (ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ତନୁପୁର ଗ୍ରାମର ମାନସ ମଲିକ, ଜିତୁଆ ମଲିକ ବାଇକ ଯୋଗେ ପଟ୍ଟାମୁଣ୍ଡାଇରୁ ବୁଲେଟ ଯୋଗେ ଗାଁକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ବନ୍ୟା ପାଣିରେ ପଡିଥିଲେ। ଉଭୟଙ୍କ ଉପରେ ବୁଲେଟ ଚାପି ହୋଇଯାଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ କେନ୍ଦ୍ରାପଡ଼ା ନେବା ବାଟରେ ମାନସଙ୍କ ମୃତ୍ୟୁ ହୋଇଥିଲା। ଜିତୁଆ ମଲିକ ସୁସ୍ଥ ଥିବା ଜଣାପଡ଼ିଛି।

## ବଜ୍ରପାତରେ ମହିଳା ମୃତ, ଜଣେ ଆହତ

ଗରଦପୁର, ୯।୮ (ସମିସ): ପାଟକୁରା ଥାନା ଅନ୍ତର୍ଗତ ଗରଦପୁର ଗ୍ରାମରେ ରବିବାର ମଧ୍ୟାହ୍ନ ସମୟରେ ବଜ୍ରପାତ ହେବା ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ମହିଳା ଆହତ ହୋଇ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ମୃତ ମହିଳା ଶୁକଦେବ ମଲ୍ଲିକଙ୍କ ପତ୍ନୀ ଟିକି ମଲ୍ଲିକ। ଟିକି ବିଲରେ ଧାନଚାରା ଓପାଡୁଥିବା ସମୟରେ ଏହି ବଜ୍ରପାତ ହୋଇଥିଲା। ଫଳରେ ସେଠାରେ ସେ ଟଳି ପଡ଼ିଥିଲେ। ପରିବାର ଲୋକ ତାଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ହୋଇଥିବା ମହିଳା ଜଣଙ୍କ ସୁଲୋଚନା ସେଠୀ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରଶାନ୍ତ କୁମାର ଜେନା ସୂଚନା ଦେଇଛନ୍ତି।

## ବିଦ୍ୟାଳୟରେ ଚାରାରୋପଣ

ଡେରାବିଶ, ୯।୮ (ସମିସ): ଡେରାବିଶ ଶିକ୍ଷା ସର୍କଲ ମୁକୁନ୍ଦପୁର ସାଧନ କେନ୍ଦ୍ର ଅଧୀନ ଅର୍ଡାମୂଳକ ଜେନାମଣି ପ୍ରାଥମିକ ବିଦ୍ୟାଳୟ



ପରିସରରେ ଫଳବୃକ୍ଷ ଚାରା ରୋପଣ କରାଯାଇଛି। ପ୍ରଧାନଶିକ୍ଷକ ଅଭିରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ପ୍ରମୋଦ କୁମାର ପ୍ରଧାନ, ସମାଜସେବୀ ପ୍ରମୋଦ କୁମାର ପ୍ରତାପ ଓ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ବିଦ୍ୟାଳୟ ପରିସରରେ ନଡ଼ିଆ ଗଛ ରୋପଣ କରିଥିଲେ।

## ଧନେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା



ରାଜନଗର, ୯।୮ (ସମିସ): ରାଜନଗରସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଧନେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ସମାଜସେବୀ ତଥା ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ବାପା ସ୍ୱର୍ଗତ ଧନେଶ୍ୱର ସାହୁଙ୍କ ଆଜି ସପ୍ତମ ଶ୍ରାଦ୍ଧବାର୍ଷିକୀ। ପ୍ରତିବର୍ଷ ଧନେଶ୍ୱର ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ନିଜ ଗାଁ ବେଲପାଳ ମହାକାଳୀ ହାଇସ୍କୁଲର ମାଟ୍ରିକ ପରୀକ୍ଷା ଟପ୍ପରଙ୍କୁ ୧୦ ହଜାର ଟଙ୍କାର ଚେକ ସହିତ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥାଏ। ଆଜି ଗତ ମାଟ୍ରିକ ପରୀକ୍ଷାରେ ମହାକାଳୀ ହାଇସ୍କୁଲରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ମଧୁସ୍ମିତା ରାଉତଙ୍କୁ ୧୦ ହଜାର ଟଙ୍କାର ଚେକ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ପତ୍ରକାର ଭାସ୍କର ଚନ୍ଦ୍ର ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ର, ମହାକାଳୀ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଅଧିକାରୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ପତିତପାବନ ପଣ୍ଡା, ଶିକ୍ଷାବିତ ସର୍ବେଶ୍ୱର ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, ଅଧ୍ୟାପିକା ତନୁଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାର୍ବତୀ ବେହୁରାଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ ସଦର, ୯।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ଗ୍ରାମର ଦିବଂଗତ ସମାଜସେବୀ ମଧୁସୂଦନ ବେହୁରାଙ୍କ ଧର୍ମପତ୍ନୀ ଧର୍ମପ୍ରାଣା, ପରୋପକାରୀ ସଂସ୍କୃତିପ୍ରେମୀ ପାର୍ବତୀ ବେହୁରାଙ୍କୁ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ବାଲିପାଟଣାଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ତରାଇ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ଶ୍ରୀମତୀ ବନ୍ଦନା ପାତ୍ର, ସାମ୍ବାଦିକ ହିମାଂଶୁ ଭୂଷଣ କର, ସମାଜସେବୀ ବରାହ ଚରଣ ସାମଲ, ଧିରେନ ସାହୁ, ସରପଞ୍ଚ ଅଜିତ ନାୟକ, ପ୍ରାକ୍ତନ ସରପଞ୍ଚ ବିଜୟାନନ୍ଦ ପରିଡା, କିଶୋର ଜେନା, ଯୁବନେତା ମଣ୍ଟୁ ସ୍ୱାଇଁ, ନିରଞ୍ଜନ ସୁନ୍ଦରାୟ, ସମ୍ବିତ ଶ୍ରୀଚନ୍ଦନ, ଗ୍ରାମ ଦେବତୀ ମୋହିନୀ ଦେବୀ ପରିଚାଳନା କମିଟି ସଭାପତି ବିଭୁତି ଭୂଷଣ ଜେନା, ଅବସରପ୍ରାପ୍ତ ଅଡିଟର ଦିନମଣି ମଲ୍ଲିକ, ରେଳବାଇ ଅଧିକାରୀ ବିଭୁଦତ୍ତ ନାୟକ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଧ୍ରୁବ ଅନ୍ନପୂର୍ଣ୍ଣା କଳାପରିଷଦ ପକ୍ଷରୁ ସଭାପତି ନଳିନୀକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ କଳାକାର ଭକ୍ତିସଙ୍ଗୀତ, ମନବୋଧ ଚଉତିଶା, କୀର୍ତ୍ତନ ଆଦି ପରିବେଷଣ କରିଥିଲେ। ସ୍ୱର୍ଗତ ପାର୍ବତୀ ବେହୁରାଙ୍କ ପୁତ୍ର ମନ୍ମଥ କୁମାର ବେହୁରା ଧନ୍ୟବାଦ ଦେଇଥିଲେ।



# ମରାମତି ହେଲା ଅଙ୍ଗୁଲାଇ-ଓରତ ରାସ୍ତା

ମହାକାଳପଡ଼ା, ୯।୮ (ସମିସ): ଅଙ୍ଗୁଲାଇ-ଓରତ ପୂର୍ତ୍ତ ବିଭାଗ ରାସ୍ତାର ଦୁରବସ୍ଥା ନେଇ "ସକାଳ"ରେ ଖବର ପ୍ରକାଶ ପାଇବା ପରେ ପୂର୍ତ୍ତ ବିଭାଗର ନିଦ ଭାଙ୍ଗିଛି। ରବିବାର ସକାଳେ ବିଭାଗୀୟ କର୍ମଚାରୀ ରାସ୍ତାରେ ପହଞ୍ଚି ବିଭିନ୍ନ ସ୍ଥାନରେ ଥିବା ବଡ଼ ବଡ଼ ଖାଲ ପୂରଣ କରି ମରାମତି କରିଛନ୍ତି। ଦୀର୍ଘଦିନ ଧରି ରାସ୍ତାର ଦୁରବସ୍ଥାକୁ ନେଇ ଯାତ୍ରୀ ଓ ଅଞ୍ଚଳବାସୀ ହନ୍ତସନ୍ତ ହେଉଥିଲେ। ରାସ୍ତାସାରା ଖାଲ ଯୋଗୁଁ

ସକାଳ ପ୍ରଭାବ



ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଥିଲା। ଏହି ରାସ୍ତା ଉପରେ ବସ୍, ମାଲବାହୀ ଗାଡ଼ି ସମେତ ହଜାର ହଜାର ଲୋକ ନିର୍ଭର କରୁଥିବାରୁ ଶୀଘ୍ର ମରାମତି ପାଇଁ ଦାବି ହୋଇଆସୁଥିଲା। 'ସକାଳ' ଖବରକାଗଜରେ ରାସ୍ତାର ଦୁରବସ୍ଥା ନେଇ ଖବର ପ୍ରକାଶ ପରେ ବିଭାଗୀୟ କର୍ମଚାରୀ ତତ୍ପର ହୋଇ ଖାଲ ପୂରଣ କରିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ ପାଇଛି। କେବଳ ଖାଲ ପୂରଣ ନୁହେଁ, ରାସ୍ତାର ସ୍ଥାୟୀ ଓ ଗୁଣାତ୍ମକ ମରାମତି କରାଯାଇ ଭବିଷ୍ୟତରେ ଏଭଳି ସମସ୍ୟା ନ ହେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। 'ସକାଳ' ଖବରକାଗଜକୁ ଅଞ୍ଚଳବାସୀ ଧନ୍ୟବାଦ ଦେଇଛନ୍ତି।

## କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



କେନ୍ଦ୍ରାପଡ଼ା, ୯।୮ (ସମିସ): କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ୩୮ତମ ପ୍ରତିଷ୍ଠା ଦିବସ ରବିବାର ମହାବିଦ୍ୟାଳୟ ପରିସରରେ +୩ ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏ ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରତିଷ୍ଠାତା ସଦସ୍ୟ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଶିକ୍ଷା ଓ ବିକାଶ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ଶରତ ଚନ୍ଦ୍ର ବେହୁରା, ଆକବର ଅଲ୍ଲୀ, ପ୍ରାକ୍ତନ ଅଧ୍ୟକ୍ଷ ଗଙ୍ଗାଧର ସାହୁ, ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ କୁମାର ଦାସ, ପୂର୍ବତନ ଅଧ୍ୟକ୍ଷ ମନୋଜ କୁମାର ଜେନା ଓ +୨ ଅଧ୍ୟକ୍ଷା ଦମୟନ୍ତୀ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ସୁଧାଂଶୁ ଭୂଷଣ ସାହୁ ଓ ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପିକା ରୁକ୍ମଣୀ ସାହୁଙ୍କୁ "ଶିକ୍ଷା ଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ +୨ ଓ +୩ରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ, ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଓ ଯୁବ ରେଡ୍‌କ୍ରସ୍‌ର ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। ୧୯୮୮ରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟ ବର୍ତ୍ତମାନ +୨ ଓ +୩ ସ୍ତରରେ ବିଭିନ୍ନ ବିଷୟରେ ପ୍ରାୟ ୧୫୦୦ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରୁଛି। କାର୍ଯ୍ୟକ୍ରମକୁ ଇତିହାସ ବିଭାଗର ଅଧ୍ୟାପକ ଶିଶିର କାନ୍ତ ମହାପାତ୍ର ପରିଚାଳନା କରିଥିବାବେଳେ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମହାକାଳପଡ଼ା ନିର୍ବାଚନମଣ୍ଡଳୀସ୍ତରୀୟ ତ୍ରିରଙ୍ଗା ଯାତ୍ରା

ମହାକାଳପଡ଼ା/ମାର୍ଶାଘାଇ, ୯।୮ (ସମିସ): ମହାକାଳପଡ଼ା ନିର୍ବାଚନମଣ୍ଡଳୀସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ବ୍ଲକ ଅଧୀନ ପସ୍ତା ମଠ ନିକଟରୁ ଆରମ୍ଭ ହୋଇଥିବା ଏହି ତ୍ରିରଙ୍ଗା ଶୋଭାଯାତ୍ରା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ନିୟାମତପୁର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟାର, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ମହାକାଳପଡ଼ା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ବିଦ୍ୟାଳୟର ଛାତ୍ରଛାତ୍ରୀ, ଯୁବକ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ହାତରେ ତ୍ରିରଙ୍ଗା ଧରି "ଭାରତ ମାତା କି ଜୟ' ଧ୍ୱନି ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରତାପ ଦାସ, ରଞ୍ଜନ ଚୌଧୁରୀ, ସରୋଜକାନ୍ତ ପରିଡ଼ା, ଚନ୍ଦ୍ରକାନ୍ତ ସ୍ୱାଇଁ, ପ୍ରଶାନ୍ତ ସେଠୀ, ହେମନ୍ତ ନାୟକ, କ୍ରିଷ୍ଣପଦ ମଣ୍ଡଳ, ରୁଦ୍ରନାରାୟଣ ମୁଦୁଲି, ସୁରେଶ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।



# ରକ୍ତଦାନ ଶିବିର, ୧୦୫ ୟୁନିଟ୍ ସଂଗୃହୀତ

ରାଜନଗର, ୯।୮ (ସମିସ): ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟ ଓ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୦୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ସାମ୍ବାଦିକ ବସନ୍ତ କୁମାର ହାତୀ, ବିଜୟ କୁମାର ଗୁପ୍ତା, ପ୍ରଫେସର ସତ୍ୟବାଦୀ ଜେନା, ଗାଳ୍ପିକ ପ୍ରଦୀପ ନାୟକ, ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ସୁବେଦାର ଗଗନ ବିହାରୀ ସ୍ୱାଇଁ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପ୍ରାକ୍ତନ



ଅଧ୍ୟକ୍ଷ ଅକ୍ଷୟ ମିଶ୍ର, ଶିକ୍ଷାବିତ ରବିନାରାୟଣ ଲେଙ୍କା, ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନ, ରାଧାକାନ୍ତ ରାଉତରାୟ ରକ୍ତଦାନ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଶିବିରରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭୋଳ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ, ରାଜନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ଶୁଣିଲାନି ପ୍ରଶାସନ, ଚାଷୀ କାଟିଲେ ବନ୍ଧ

ରାଜନଗର, ୯।୮ (ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ-ଗୁପ୍ତି କ୍ରିକ୍‌ର ଗୁପ୍ତି ନିକଟରେ ଚେକଡ୍ୟାମ ନିର୍ମାଣ ସରିଥିଲେ ମଧ୍ୟ ପ୍ରଶାସନିକ ଅବହେଳାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନଥିଲା। ଯାହାକୁ ନେଇ ୭ଟି



ପଞ୍ଚାୟତର ଚାଷୀ ଘୋର ସଂକଟର ସମ୍ମୁଖୀନ ହୋଇଆସୁଥିଲେ। ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ଧାନ କ୍ଷେତରେ ତଳି ପଚି ନଷ୍ଟ ହୋଇଯାଇଛି। ଯାହାକୁ ନେଇ ଚାଷୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଥିଲେ। ଏ ନେଇ ଶନିବାର ଗୁପ୍ତି ପଞ୍ଚାୟତ କାନଫୁଲିଆର ଶ୍ରୀଶ୍ରୀ ଆଖଣ୍ଡଳମଣି କଲ୍ୟାଣ ମଣ୍ଡପରେ ଗୁପ୍ତି, ଡେରା, ଭିତରଗଡ଼, କଣ୍ଡିରା, ହାତିନା ପଞ୍ଚାୟତର ଚାଷୀ ସଭା କରି ରବିବାର ଦିନ ଚେକ ଡ୍ୟାମ ନିକଟକୁ ଯାଇ ଅନୁଧ୍ୟାନ କରିବାକୁ ସ୍ଥିର କରିଥିଲେ। ଆଜି ଉପରୋକ୍ତ ପଞ୍ଚାୟତର ଦୁଇଶହରୁ ଅଧିକ ଚାଷୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଚେକ ଡ୍ୟାମ ସମ୍ମୁଖରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ବାଧକ ଥିବାରୁ ସଙ୍ଗେ ସଙ୍ଗେ ତିନୋଟି ଜେସିବି ଲଗାଇ ଉକ୍ତ ରାସ୍ତାକୁ କାଟି ପାଣି ନିଷ୍କାସନ କରିଥିଲେ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଲଘୁଚାପ ବର୍ଷାରେ ବୁଡ଼ିଲା ନୂଆହାଟ ଓ ନୋଳ ପାଟ

ପଞ୍ଚୁପାଣ୍ଡବ, ୯।୮ (ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ନୂଆହାଟ ପାଟ ଓ ନୋଳ ପାଟ ଏବେ ଜଳମଗ୍ନ ହୋଇ ଚାଷ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏହି ଦୁଇ ପାଟରେ କେତେକ ଚାଷୀ ଧାନ ରୁଆ କରିଥିବାବେଳେ ବର୍ଷା ପାଣି ନିଷ୍କାସନ ନ ହୋଇ ରୁଆ ଧାନ ଗଛ



ବୁଡି ଯାଇ ପଚିବାକୁ ଲାଗିଲାଣି। ଏହି ମାସକ ମଧ୍ୟରେ ପ୍ରାୟ ତିନିଥର ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଚାଷୀ ପକାଇଥିବା ତଳା ଦୁଇରୁ ତିନିଥର ପଚି ଯାଇଥିବାବେଳେ ଚାଷୀ ହନ୍ତସନ୍ତ ହେଉଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ କହିଛନ୍ତି। ଫଳରେ ଶହ ଶହ ଚାଷୀଙ୍କ ଭାତହାଣ୍ଡି ଏବେ ଉଜୁଡ଼ି ଯିବାକୁ ବସିଲାଣି। ନୂଆହାଟ ପାଟରୁ ବର୍ଷା ପାଣି ଗୋବରୀ ନଦୀକୁ ନିଷ୍କାସନ ହେବା କଥା। କିନ୍ତୁ ବର୍ଷା ପାଣିରେ ଗୋବରୀ ନଦୀରୁ ଓଲଟା ପାଟକୁ ପାଣି ଠେଲୁଥିବା ଅଭିଯୋଗ ହେଉଛି। ପାଣି ନିଷ୍କାସନ ନ ହେବାରୁ ହଜାର ହଜାର ଚାଷୀଙ୍କ ରୁଆ ଧାନ ଓ ତଳା ପଚିବାକୁ ବସିଲାଣି। ଏହି ନୂଆହାଟ ପାଟରେ ଲକ୍ଷ୍ମୀନାରାୟଣପୁର, ଏଣ୍ଡର, ବେଣୀପୁର ଓ ରଘୁଦେଇପୁର ପଞ୍ଚାୟତର ଚାଷୀଙ୍କ ହଜାର ହଜାର ଏକର ଜମି ଜଳମଗ୍ନ ହୋଇଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ନୂଆହାଟ ଓ ନୋଳ ପାଟର ପାଣି ନିଷ୍କାସନ ବ୍ୟବସ୍ଥା କରାଯିବାକୁ ସମିତି ସଭ୍ୟ ଫନିନ୍ଦ୍ର ବେହେରା ଦାବି କରିଛନ୍ତି।

### ● ହରଘର ତିରଙ୍ଗା କାର୍ଯ୍ୟକ୍ରମ

## ଏକ ଲକ୍ଷରୁ ଊର୍ଦ୍ଧ୍ୱ ତ୍ରିରଙ୍ଗା ତିଆରି କରୁଛନ୍ତି ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ

ଡେରାବିଶ, ୯।୮ (ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ ଚଳିତ ବର୍ଷ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତ କରୁଛନ୍ତି ତ୍ରିରଙ୍ଗା ପତାକା। ଏହି ଗ୍ରୁପର ୭୦ରୁ ଊର୍ଦ୍ଧ୍ୱ ମହିଳା ଆସନ୍ତା ଅଗଷ୍ଟ ୧୫ ତାରିଖ ନିମନ୍ତେ ସରକାରଙ୍କ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦିନରାତି ଏକ କରି ତ୍ରିରଙ୍ଗା ପତାକା ନିର୍ମାଣ କରି ଚାଲିଛନ୍ତି। ପ୍ରଡ୍ୟୁସର୍ସ ଗ୍ରୁପର ସଭାପତି ଲେସାତୁନ୍ ବିବି ଓ ସମ୍ପାଦିକା ରେଶମା ବେଗମ୍



କୁହନ୍ତି ଗତବର୍ଷ ଆମେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ଏକଲକ୍ଷରୁ ଊର୍ଦ୍ଧ୍ୱ ଜାତୀୟ ପତାକା ଯୋଗାଇଥିବାବେଳେ ବାହାର ବଜାର, ବିଭିନ୍ନ ସ୍କୁଲ କଲେଜ ଓ ସାମାଜିକ ଅନୁଷ୍ଠାନ ଆମ ନିକଟରୁ ଜାତୀୟ ପତାକା କ୍ରୟ କରିଥିଲୁ। ଚଳିତ ବର୍ଷ ଆମେ ଜିଲ୍ଲା ପ୍ରଶାସନକୁ ୭୦୦୦୦ ପତାକା ଓ ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ୩୦୦୦୦ ପତାକା ଯୋଗାଇବାକୁ ଅଡର୍ର ପାଇଥିବାବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପତାକା କିଣିବା ନିମନ୍ତେ ପୂର୍ବରୁ ଅଡର୍ର ଆସିଲାଣି। ଆମ ସଦସ୍ୟା ପ୍ରତିଷ୍ଠାନରେ ରହିଥିବା ଅତ୍ୟାଧୁନିକ କପଡ଼ା କଟା ମେସିନ୍ ଓ ଯନ୍ତ୍ରଚାଳିତ ସିଲେଇ ମେସିନ୍ ସହାୟତାରେ ଏହାକୁ ନିର୍ମାଣ କରିବାରେ ଲାଗିପଡ଼ିଛନ୍ତି।

## ବନ୍ୟାଜଳରେ ଭାସିଗଲେ ବୃଦ୍ଧ, ମୃତଦେହ ଉଦ୍ଧାର

ମହାକାଳପଡ଼ା, ୯।୮ (ସମିସ): ଟିକରପଙ୍ଗା ପଞ୍ଚାୟତର ଟିକରପଙ୍ଗା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଘର ନିକଟସ୍ଥ ମହାନଦୀର ଶାଖା କୂଳା ନାଳକୁ ଶୌଚ ପାଇଁ ଯାଇଥିବାବେଳେ ଭାସିଯାଇ ୭୫ ବର୍ଷୀୟ ବୃଦ୍ଧ ସୁନାକର ମଲ୍ଲ ନିଖୋଜ ହୋଇଥିଲେ। ପରେ ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି କରାଯାଇ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

# କେନ୍ଦ୍ରାପଡ଼ାରେ ଅଗଷ୍ଟ ୯ କ୍ରାନ୍ତି ଦିବସ ପାଳିତ

କେନ୍ଦ୍ରାପଡ଼ା, ୯।୮ (ସମିସ):




ଅଗଷ୍ଟ ୯ କ୍ରାନ୍ତୀ ଦିବସ ଅବସରରେ ଗରାପୁରସ୍ଥ ଗାନ୍ଧୀ ପ୍ରତିମୂର୍ତ୍ତିରେ କେନ୍ଦ୍ରାପଡା ଜିଲ୍ଲା ଗାନ୍ଧି ପଦଯାତ୍ରା ସ୍ମୃତି କମିଟି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପରବର୍ତ୍ତୀ ଅବସ୍ଥାରେ ତିନିମୁହାଣି ଛକସ୍ଥ ଗାନ୍ଧୀ ସ୍ମୃତିପୀଠରେ ସଙ୍ଗଠନ ପକ୍ଷରୁ ସମ୍ପାଦକ ରାଜେଶ ପଣ୍ଡାଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଙ୍କ ସହ ଥିବା ଅନ୍ୟ ସହିଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ମୃତି କମିଟି ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସର୍ବପ୍ରଥମେ କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମରେ ଆଜି ଦିନରେ ୧୯୪୨ ମସିହାରେ ଗାନ୍ଧୀଙ୍କ କର ବା ମର ଆହ୍ୱାନରେ ଝାସ ଦେଇଥିବା ସମସ୍ତ ଦେଶପ୍ରେମୀଙ୍କ ତ୍ୟାଗ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍ ଆଜି ଦିବସର ଗୁରୁତ୍ୱ ସହ ସ୍ୱାଧୀନତା ସଂଗ୍ରାମର ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ ଶଶୀଭୂଷଣ ବେହେରା ଓ ଡ. ସିପ୍ରା ମଲ୍ଲିକ ସ୍ୱର୍ଗତ ବିମ୍ବାଧର ମୁଦୁଲିଙ୍କ ଦ୍ୱିତୀୟ ସ୍ମୃତି ପୁସ୍ତିକା ଉନ୍ମୋଚନ କରିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା ବିଷଦ୍ ଭାବେ କ୍ରାନ୍ତି ଦିବସର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଡ. ଉପେନ୍ଦ୍ର ନାଥ ପ୍ରଧାନ ଓ ଡ. ଦିଲ୍ଲୀପ କୁମାର ମିଶ୍ର ଗାନ୍ଧୀଙ୍କ ନିଶା ନିବାରଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ସମବେତ ଜନତା ନିଶା ନିବାରଣ ଉପରେ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ମତ ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦ ସଭାନେତ୍ରୀ ଲିଳିତା ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସରୋଜକାନ୍ତ ସାହୁ, ଆକବର ଅଲ୍ଲୀ, ଧୀରେନ୍ ସାହୁ, ପ୍ରଫୁଲ୍ଲ ଦାସ, ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ବିଜୟ ନାୟକ, ଅଭିମନ୍ୟୁ ରାଉତ, ନରୋତ୍ତମ ଜେନା, କାଶୀନାଥ ରାଉତରାୟ, ଅବନ୍ତୀ ବେହେରା, ବିଧାନ ସାମଲ, ରଣଧୀର ଜେନା, ବିଦ୍ୟୁତ୍ ମହାପାତ୍ର, ଫକୀର ଚରଣ ଖଟୁଆ, ସ୍ମୃତିରଞ୍ଜନ ଜେନା, ବିଜୟ ପରିଡା, ମୁକ୍ତାର ଖାଁ, ଗୋଲକ ଚନ୍ଦ୍ର ମହାଭୋଇ, ଡ. ପ୍ରଭାକର ମଲ୍ଲିକ, ଦେବେନ୍ଦ୍ର ଦାସ, ଜଗତ୍‌ଜୀବନ ଦାସ, ଶାନ୍ତିଲତା ମୁଦୁଲି, ନାରାୟଣ ମୁଦୁଲି, କରୁଣାକର ସ୍ୱାଇଁ, ଭବାନୀ ଓଝା, ସେକ ଚନ୍ଦନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଗଠନର କର୍ମକର୍ତ୍ତା ଗୟାଧର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୨୧ ● ପାଉଣ୍ଡ ୧୨୮.୧୩
- ୟୁରୋ ୧୦୯.୭୬ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୯,୬୫୦ (ଭୁବନେଶ୍ୱର)
- ରୁପା : ୨,୪୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ 78,499.00
- ନିଫ୍ଟି 24,570.00



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ଇ-୨୦ ପେଟ୍ରୋଲ ପରେ ସିଏନ୍‌ଜିକୁ ନେଇ ମାଷ୍ଟରପ୍ଲାନ୍

# ସିଏନ୍‌ଜିରେ ମିଶିବ ବାୟୋଗ୍ୟାସ୍



### ଚଳିତ ଆର୍ଥିକବର୍ଷ ପାଇଁ ୩% ମିଶ୍ରଣ ଲକ୍ଷ୍ୟ

### ୨୩, ୭୩୧ କୋଟିର 'ଗୋବର୍ଦ୍ଧନ' ଯୋଜନା ପ୍ରସ୍ତୁତ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ସମ୍ପ୍ରତି ଇ-୨୦ ପେଟ୍ରୋଲକୁ ନେଇ ସାରା ଦେଶରେ ବିବାଦ ବଢ଼ିବାରେ ଲାଗିଛି। ଇ-୨୦ ପେଟ୍ରୋଲ ଯୋଗୁ ଗାଡ଼ି ମାଇଲେଜ୍ କମିବା କିମ୍ବା ଇଞ୍ଜିନ୍ ଖରାପ ହେଉ ନ ଥିବା ନେଇ ସରକାର ବାରମ୍ବାର ସଫେଇ ଦେବାରେ ବ୍ୟସ୍ତ। ହେଲେ ଏତେ ସବୁ ବିରୋଧ ପରେ ସରକାର ଏବେ ଇ-୨୦ ପେଟ୍ରୋଲ ପରେ ସିଏନ୍‌ଜିକୁ ନେଇ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ଯୋଜନାନୁଯାୟୀ, ସିଏନ୍‌ଜିରେ ସରକାର ବାୟୋଗ୍ୟାସ୍ ମିଶ୍ରଣ କରାଇବେ। ଏ ନେଇ ବାୟୋଗ୍ୟାସ୍‌କୁ ସିଏନଜିରେ ମିଶ୍ରଣ କରିବା ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ କରିଛନ୍ତି। ଚଳିତ ଆର୍ଥିକବର୍ଷ ପାଇଁ ସିଏନ୍‌ଜିରେ ୩% ବାୟୋଗ୍ୟାସ୍ ମିଶ୍ରଣ ଲକ୍ଷ୍ୟ ରଖାଯାଇଥିବାବେଳେ ପରବର୍ତ୍ତୀ ବର୍ଷ ଗୁଡିକରେ ଏଥିରେ ବୃଦ୍ଧି ଘଟାଇବାକୁ ଲକ୍ଷ୍ୟ ରଖାଯାଇଛି। ସିଏନ୍‌ଜିରେ ବାୟୋଗ୍ୟାସ୍ ମିଶ୍ରଣ ଯୋଜନାକୁ ଚୂଡାନ୍ତ ରୂପ ଦେବା ପାଇଁ ସରକାର ୨୩, ୭୩୧ କୋଟିର 'ଗୋବର୍ଦ୍ଧନ' ଯୋଜନା ପ୍ରସ୍ତୁତ କରିସାରିଛନ୍ତି।

ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ୨୩,୭୩୧ କୋଟି ବ୍ୟୟବରାଦ ସହିତ ଗୋବର-ଧନ ଯୋଜନାକୁ ଅନୁମୋଦନ କରିଛନ୍ତି। ଏହି ଯୋଜନା ଅଧୀନରେ, ପ୍ରଚୁର କୃଷି ଅବଶିଷ୍ଟାଂଶ, ଗୋବର, ଆଖୁ ବଗାସ୍, ପୌର ଜୈବ ଅଳିଆ ଏବଂ ଅନ୍ୟାନ୍ୟ ବାୟୋମାସ ସମ୍ବଳକୁ ସ୍ୱଚ୍ଛ ଇନ୍ଧନ, ଜୈବ ସାର, ଗ୍ରାମୀଣ ଆୟ ଏବଂ ଜାତୀୟ ଅର୍ଥନୈତିକ ମୂଲ୍ୟରେ ପରିଣତ କରାଯିବ। ଏଥିରେ କମ୍ପ୍ରେସଡ୍ ବାୟୋଗ୍ୟାସ୍ ଉତ୍ପାଦନ ପ୍ରାୟ ୧୦ ଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଆହୁରିମଧ୍ୟ ଯୋଜନାନୁଯାୟୀ, ଏଥିରେ ବଡ଼ ଧରଣର ଘରୋଇ ନିବେଶକୁ ଆକର୍ଷିତ କରିବା, ସାରା ଦେଶରେ ଏକ ସ୍ପନ୍ଦନଶୀଳ ବୃତ୍ତାକାର ଜୈବ-ଅର୍ଥନୀତି ସୃଷ୍ଟି କରିବା ଏବଂ ଶକ୍ତି ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଲକ୍ଷ୍ୟ ରଖାଯାଇଛି। 'ଗୋବର୍ଦ୍ଧନ' ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୫-୩୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ, ଯାହା ସିଜିବିକୁ ଭବିଷ୍ୟତର ଶକ୍ତି ମିଶ୍ରଣର ଏକ ପ୍ରମୁଖ ସ୍ତମ୍ଭ ଭାବରେ ପ୍ରତିଷ୍ଠା କରିବ। ସଙ୍କୁଚିତ ବାୟୋଗ୍ୟାସ୍ ହେଉଛି ଜୈବ ଅଳିଆରୁ ଉତ୍ପାଦିତ ଏକ ନବୀକରଣୀୟ ଇନ୍ଧନ। ବାୟୋଗ୍ୟାସ୍ ପ୍ରକ୍ରିୟାକରଣ ଏବଂ ସିଏନ୍‌ଜି ସହିତ ମିଶ୍ରିତ ହେବ। ଏହି ପ୍ରକ୍ରିୟା ପାଇଁ ବିଦ୍ୟମାନ ଭିତ୍ତିଭୂମି କିମ୍ବା ଯାନବାହନରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ ହେବ ନାହିଁ। ଇନ୍ଧନକୁ ପ୍ଲାଣ୍ଟରୁ ସିଧାସଳଖ ଫିଲିଂ ଷ୍ଟେସନକୁ ସ୍ଥାପିତ ପାଇପ୍‌ଲାଇନ୍ ମାଧ୍ୟମରେ ପରିବହନ କରାଯିବ ଏବଂ ତା'ପରେ ଯାନବାହନରେ ତାହାକୁ ବିତରିତ କରାଯିବ।

ଇଣ୍ଡିଆନ୍ ଅଏଲ୍ ୱେବସାଇଟ୍‌ରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଦେଶରେ ସିବିଜିର ଉତ୍ପାଦନ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ, ଜାତୀୟ ଜୈବ ଇନ୍ଧନ ସମନ୍ୱୟ କମିଟି (ଏନ୍‌ବିସିସି) ସହର ଗ୍ୟାସ ବଣ୍ଟନ କ୍ଷେତ୍ରର ସିଏନ୍‌ଜି (ପରିବହନ) ଏବଂ ପିଏନ୍‌ଜି (ଘରୋଇ) ଅଂଶ ମଧ୍ୟରେ ବାଧ୍ୟତାମୂଳକ ସିବିଜି ମିଶ୍ରଣର ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରାଯାଇଛି। ଚଳିତଆର୍ଥିକ ବର୍ଷରେ ସିଏନ୍‌ଜି ସହିତ ୩% ବାୟୋଗ୍ୟାସ୍ ମିଶ୍ରଣ କରାଯିବ। ୨୦୨୫-୨୬ ଆର୍ଥିକବର୍ଷରେ ୧% ମିଶ୍ରଣ ସହିତ ବାଧ୍ୟତାମୂଳକ ମିଶ୍ରଣ ଆରମ୍ଭ ହୋଇସାରିଛି। ଚଳିତ ଆର୍ଥିକବର୍ଷରେ ୩% ବାୟୋଗ୍ୟାସ୍ ସିଏନ୍‌ଜି ସହିତ ମିଶ୍ରଣ କରାଯିବ। ଏହାକୁ ୨୦୨୭-୨୮ ଆର୍ଥିକ ବର୍ଷରେ ୪% ଏବଂ ପରବର୍ତ୍ତୀ ସମୟରେ ୨୦୨୮-୨୯ ଆର୍ଥିକବର୍ଷରେ ୫% କୁ ବୃଦ୍ଧି କରାଯିବ ବୋଲି ଜଣାପଡିଛି।

## ଇ-୨୦ ପେଟ୍ରୋଲ ବିବାଦ

# ବିଦେଶୀ ମୁଦ୍ରା ସଞ୍ଚୟ ସମ୍ଭାବନା କମ୍

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଇ-୨୦ ପେଟ୍ରୋଲକୁ ନେଇ ସରକାର ଏବଂ ବିରୋଧୀଦଳ ମୁହାଁମୁହିଁ। ଗାଡ଼ି ମାଇଲେଜ୍, ପୁରୁଣା ଯାନବାହନର ଇଞ୍ଜିନ୍ କ୍ଷତି ଏବଂ ବୈଦେଶିକ ମୁଦ୍ରା ସଞ୍ଚୟ ବିଷୟରେ ଏବେ ପ୍ରଶ୍ନ ଉଠିବାରେ ଲାଗିଛି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଇ-୨୦ ପେଟ୍ରୋଲ ପ୍ରତି ବଢୁଥିବା ଜନସାଧାରଣ ଅସନ୍ତୋଷକୁ ତୀବ୍ର କରିବାରେ ଲାଗିଛନ୍ତି। ବିରୋଧୀ ଦଳ ଏହି ଅଭିଯୋଗଗୁଡ଼ିକୁ ସରକାରଙ୍କ ବିରୁଦ୍ଧରେ ଏକ ରାଜନୈତିକ ଅଭିଯାନରେ ପରିଣତ କରିଛନ୍ତି। ଏହି ସମୟରେ, ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ ପେଟ୍ରୋଲ ସହିତ ଇଥାନଲ୍ ମିଶ୍ରଣ ପାଇଁ ପ୍ରଯୁକ୍ତିବିଦ୍ୟା ସମ୍ପୂର୍ଣ୍ଣ ବିକଶିତ ହୋଇଛି। ଏବେ ପ୍ରଶ୍ନ ଉଠୁଛି ଯେ, ଇ-୨୦ ପେଟ୍ରୋଲ ପ୍ରଚଳନ କରାଯିବା ପରେ ଭାରତ କେତେ ବୈଦେଶିକ ମୁଦ୍ରା ସଞ୍ଚୟ କରିବ। ଇଥାନଲ୍ ବ୍ୟବହାର ତେଲ ଆମଦାନୀରେ ବାର୍ଷିକ ୬ ବିଲିୟନ ଡଲାର ପର୍ଯ୍ୟନ୍ତ ବୈଦେଶିକ ମୁଦ୍ରା ସଞ୍ଚୟ କରିବା ନେଇ ସରକାର ଦାବି କରୁଛନ୍ତି।

ହିସାବ ଅନୁଯାୟୀ, ଇଥାନଲ୍ ଉତ୍ପାଦନ ପାଇଁ ଯଥେଷ୍ଟ ଶକ୍ତି ଏବଂ କାର୍ବନ ନିର୍ଗମନ ଆବଶ୍ୟକ। ଏହା ମକା, ଆଖୁ ଏବଂ ଭଙ୍ଗା ଚାଉଳରୁ ତିଆରି କରାଯାଏ। ଏହି ସମସ୍ତ ସାମଗ୍ରୀର ଅନ୍ୟାନ୍ୟ ବ୍ୟବହାର ମଧ୍ୟ ରହିଛି। ଆଖୁରୁ ଚିନି ରପ୍ତାନି କରାଯାଇପାରିବ। ମକାକୁ ମଧ୍ୟ ରପ୍ତାନି କରାଯାଇପାରିବ ଏବଂ ପଶୁ ଖାଦ୍ୟ ଭାବରେ ବ୍ୟବହାର କରାଯାଇପାରିବ। ଅନ୍ୟପକ୍ଷରେ, ଲୋକେ ଘରେ ଚାଉଳରୁ ଖାଦ୍ୟ




ତିଆରି କରୁଛନ୍ତି। ତେଣୁ ଇନ୍ଧନ ପାଇଁ ଏହି ଫସଲଗୁଡ଼ିକର ବ୍ୟବହାର ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଖର୍ଚ୍ଚ, ପ୍ରାୟତଃ ସରକାରୀ ଗଣନାରେ ଅଣଦେଖା କରାଯାଏ। ଇଥାନଲ୍ ପାଇଁ ବ୍ୟବହୃତ ଫସଲ ପାଇଁ ପ୍ରଚୁର ପରିମାଣରେ ସାର, ଡିଜେଲ, ଟ୍ରାକ୍ଟର, ଅମଳ ଏବଂ ପରିବହନ ଆବଶ୍ୟକ ହୁଏ। ଅଧିକନ୍ତୁ, ସର୍ବାଧିକ ଶକ୍ତି ଖର୍ଚ୍ଚ ହେଉଛି ପାତନକରଣ ପ୍ରକ୍ରିୟାରେ, ଅର୍ଥାତ୍ ଇଥାନଲର ନିଷ୍କାସନ। ଏହି ସମସ୍ତ ଖର୍ଚ୍ଚକୁ ହିସାବ କରିବା ପରେ, ପ୍ରକୃତ ବୈଦେଶିକ ମୁଦ୍ରା ସଞ୍ଚୟ ଯଥେଷ୍ଟ କମ୍ ରହୁଥିବା ପ୍ରତିୟମାନ।

# ୪୧.୭%କୁ ଖସିଲା ପେଟ୍ରୋଲ ଗାଡ଼ି ବିକ୍ରି



### ୬ ବର୍ଷରେ କମିଛି ୨୫%

### ବିକଳ୍ପ ଇନ୍ଧନ ଗାଡ଼ି ବିକ୍ରି ୪୦.୬%କୁ ବୃଦ୍ଧି

### ସିଏନ୍‌ଜି ପ୍ରଥମ, ହାଇବ୍ରିଡ୍ ଗ୍ରାହକଙ୍କ ଦ୍ୱିତୀୟ ପସନ୍ଦ

ନୂଆଦିଲ୍ଲୀ, ୯।୮(ଏଜେନ୍ସି): ଭାରତର ସଡ଼କରେ ଦୀର୍ଘ ଦଶନ୍ଧି ଧରି ଏକଚାଟିଆ ଆଧିପତ୍ୟ ଜାହିର କରିଥିବା ପେଟ୍ରୋଲ ଗାଡ଼ିର ରାଜୁତି ଶେଷ ଦଶନ୍ଧିରେ ପ୍ରବେଶ କରିଛି। ଗାଡ଼ି କିଣିବାବେଳେ ଭାରତୀୟ ଗ୍ରାହକଙ୍କ ପ୍ରଥମେ ପେଟ୍ରୋଲ ଗାଡ଼ିକୁ ପସନ୍ଦ କରୁଥିବାବେଳେ ଏବେ ସିଏନ୍‌ଜି, ହାଇବ୍ରିଡ୍ ଓ ଇଭି ସେହି ସ୍ଥାନ ଦଖଲ କରିବାକୁ ବସିଛନ୍ତି । ଫେଡେରେସନ୍ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ ତଥ୍ୟ ଅନୁଯାୟୀ ଜୁଲାଇରେ ଯାତ୍ରୀବାହୀ ଯାନ ବିକ୍ରିରେ ପେଟ୍ରୋଲ୍ ଯାନର ଅଂଶ ୪୧.୬୮ ପ୍ରତିଶତକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ସିଏନ୍‌ଜି, ହାଇବ୍ରିଡ୍ ଓ ଇଭି ପରି ବିକଳ୍ପ ଇନ୍ଧନ ଯାନର ବିକ୍ରି ପରିମାଣ ୪୦.୫୯ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା କେବଳ ଏକ ବାଣିଜ୍ୟିକ ତଥ୍ୟ ନୁହେଁ; ଭାରତର ଇନ୍ଧନ ଅର୍ଥନୀତି ଓ ଗାଡ଼ି ବଜାରରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଇଛି ।

୨୦୨୦ରେ ଯାତ୍ରୀବାହୀ ଯାନ ବଜାରରେ ପେଟ୍ରୋଲ୍ ଗାଡ଼ିର ଅଂଶ ଥିଲା ୬୬.୬୯ ପ୍ରତିଶତ ଓ ବିକଳ୍ପ ଇନ୍ଧନ ଚାଳିତ ଯାନର ସଂଖ୍ୟା ଥିଲା ମାତ୍ର ୧୧.୮୩ ପ୍ରତିଶତ। ମାତ୍ର ଛଅ ବର୍ଷରେ ପେଟ୍ରୋଲ୍ ଗାଡ଼ି ବିକ୍ରି ୨୫ ପ୍ରତିଶତ ହ୍ରାସ ପାଇଥିବାବେଳେ ବିକଳ୍ପ ଇନ୍ଧନ ଗାଡ଼ି ବିକ୍ରି ପ୍ରାୟ ସାଢେ ତିନିଗୁଣ ବଢ଼ିଛି। କେବଳ ପରିବେଶ ଚିନ୍ତା ଏହାର କାରଣ ନୁହେଁ। ପେଟ୍ରୋଲ୍‌ର ଦର ଓ ଗାଡ଼ି ଚଳାଇବାର ଖର୍ଚ୍ଚ ଏବେ ଗ୍ରାହକଙ୍କ ନିଷ୍ପତ୍ତିରେ ବଡ଼ ଭୂମିକା ନେଉଛି। ଗ୍ରାହକ ଏବେ କେବଳ ଗାଡ଼ିର ଦାମ ଦେଖୁନାହାନ୍ତି; ଆଗାମୀ ପାଞ୍ଚ-ଦଶ ବର୍ଷର ଇନ୍ଧନ ଖର୍ଚ୍ଚ ମଧ୍ୟ ହିସାବ କରୁଛନ୍ତି। ବିକଳ୍ପ ଇନ୍ଧନ ମଧ୍ୟରେ ସିଏନ୍‌ଜି ଏବେ ସବୁଠାରୁ ବଡ଼ ଅଂଶ ଦଖଲ କରିଛି। ଜୁଲାଇରେ ସିଏନ୍‌ଜି ଯାନର ବିକ୍ରି ୨୪.୬୭ ପ୍ରତିଶତରେ ପହଞ୍ଚିଥିବାବେଳେ ହାଇବ୍ରିଡ୍ ଗାଡ଼ି ବିକ୍ରି ୮.୦୨ ପ୍ରତିଶତ ଓ ଇଭି ବିକ୍ରି ୭.୯ ପ୍ରତିଶତରେ ପହଞ୍ଚିଛି।

ତେବେ ସବୁଠାରୁ ଉଲ୍ଲେଖନୀୟ ହେଉଛି ଇଲେକ୍ଟ୍ରିକ୍ ଯାନ ବିକ୍ରିରେ ଅଗ୍ରଗତି। ଜୁଲାଇରେ ଯାତ୍ରୀବାହୀ ଇଭି ଗାଡ଼ି ବିକ୍ରି ବାର୍ଷିକ ଭିତ୍ତିରେ ପ୍ରାୟ ୮୨ ପ୍ରତିଶତ ବୃଦ୍ଧି ପାଇଛି ଓ ଇଭିର ବଜାର ଅଂଶ ୭.୯ ପ୍ରତିଶତକୁ ଉଠିଛି। ଦୁଇଚକିଆ ଯାନ ବିକ୍ରିରେ ମଧ୍ୟ ବିପୁଳ ପରିବର୍ତ୍ତନ ଘଟିଛି। ଜୁଲାଇରେ ଦୁଇଚକିଆ ଇଭି ମୋଟ ବିକ୍ରିର ୧୧.୨୪ ପ୍ରତିଶତରେ ପହଞ୍ଚିଛି। ବଡ଼ ସହରଠାରୁ ଆରମ୍ଭ କରି ଛୋଟ ସହର ଓ ଯୁବ ଗ୍ରାହକଙ୍କ ମଧ୍ୟରେ ବିଦ୍ୟୁତ୍ ଯାନ ପ୍ରତି ଆଗ୍ରହ ବଢ଼ିଛି । ତେବେ ଏହି ପରିବର୍ତ୍ତନର ଅର୍ଥ ଏ ନୁହେଁ ଯେ ପେଟ୍ରୋଲ୍ ତୁରନ୍ତ ଅପ୍ରାସଙ୍ଗିକ ହୋଇଯିବ। ଦେଶରେ ପେଟ୍ରୋଲ୍ ଯାନର ବିଶାଳ ସଂଖ୍ୟା ରହିଛି, ଅନ୍ୟପକ୍ଷରେ ଚାର୍ଜିଂ ଭିତ୍ତିଭୂମି, ବ୍ୟାଟେରି ମୂଲ୍ୟ, ବିଦ୍ୟୁତ୍ ଯୋଗାଣ ଓ ଇଭି ପୁନର୍ବିକ୍ରି ମୂଲ୍ୟ ଏବେ ମଧ୍ୟ ବୈଦ୍ୟୁତିକ ଯାନ ପାଇଁ ଆହ୍ୱାନ ହୋଇ ରହିଛି । ମାତ୍ର ଆଗାମୀ କିଛି ମାସରେ ଯଦି ଏହି ଧାରା ଜାରି ରହେ, ତେବେ ଭାରତର ଯାତ୍ରୀବାହୀ ଯାନ ବଜାରରେ ପେଟ୍ରୋଲ୍‌କୁ ପଛରେ ପକାଇ ବିକଳ୍ପ ଇନ୍ଧନ ପ୍ରଥମ ସ୍ଥାନ ଦଖଲ କରିବା ଆଉ ଦୂର ନୁହେଁ ବୋଲି କୁହାଯାଉଛି ।

# ତେଲ, ସାବୁନଠାରୁ ବିସ୍କୁଟ; ସବୁ ଦର ବଢ଼ିବ

## ଚିନି ଓ ପାମୋଲିନ୍ ତେଲ ମହଙ୍ଗା ହେବାରୁ କମିବ ବିସ୍କୁଟ ପ୍ୟାକେଟ୍‌ର ଓଜନ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଦେଶରେ ଖାଉଟିଙ୍କ ଉପରେ ପୁଣି ଏକ ମହଙ୍ଗା ମାଡ଼ ହେବାକୁ ଯାଉଛି। ମାତ୍ର କିଛି ଦିନ ତଳେ ମହଙ୍ଗା ହୋଇଥିବା ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ (ଏଫଏମସିଜି) ମୂଲ୍ୟ ଖୁବ୍ ଶୀଘ୍ର ବଢ଼ିବାକୁ ଯାଉଛି। ଏଥିରେ ବିସ୍କୁଟ, ସାବୁନଠାରୁ ଆରମ୍ଭ କରି ଖାଇବା ତେଲ ଭଳି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ରହିଛି। କାରଣ ଏଫ୍‌ଏମ୍‌ସିଜି ଉତ୍ପାଦନକାରୀ କମ୍ପାନୀଗୁଡିକ ବର୍ତ୍ତମାନ ଦର ବୃଦ୍ଧି ଘଟାଇବାକୁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। କମ୍ପାନୀଗୁଡିକ ସେପ୍ଟେମ୍ବର ତ୍ରୈମାସିକରେ ସେମାନଙ୍କ ବଛାବଛା ଉତ୍ପାଦର ମୂଲ୍ୟ ବୃଦ୍ଧି ଲାଗି ଯୋଜନା କରୁଛନ୍ତି। କଞ୍ଚାମାଲ ବାବଦ ବ୍ୟୟ ବୃଦ୍ଧି, ଚିନି ଓ ପାମ ତେଲ ଭଳି ସାମଗ୍ରୀ ମହଙ୍ଗା ହେବା ଏବଂ ବୈଶ୍ୱିକ ଭୂ-ରାଜନୈତିକ ଅନିଶ୍ଚିତତା କାରଣରୁ କମ୍ପାନୀଗୁଡିକ ଏହି ଦର ବୃଦ୍ଧି ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେବେ ଏହି ସୂଚନା ବିଭିନ୍ନ ଏଫଏମସିଜି କମ୍ପାନୀଙ୍କ ଦ୍ୱାରା ଜାରି ବିତ୍ତୀୟ ବୟାନ ଓ ବିଶ୍ଳେଷକଙ୍କ ସହ ଶୀର୍ଷ ଅଧିକାରୀଙ୍କ କଥାବାର୍ତ୍ତାରୁ ଜଣାପଡିଛି।

କମ୍ପାନୀଗୁଡିକର କହିବା କଥା ଯେ, ଜୁନ ତ୍ରୈମାସିକ ପୂର୍ବରୁ ମୂଲ୍ୟରେ



୨ରୁ୫% ବୃଦ୍ଧି କରାଯାଇସାରିଛି। ଏବେ ମାର୍ଜିନ ରକ୍ଷା କରିବାକୁ ପ୍ୟାକ୍ ଓଜନ ହ୍ରାସ ଅଥବା ସିଧା ମୂଲ୍ୟ ବୃଦ୍ଧି ହିଁ ଏକମାତ୍ର ବିକଳ୍ପ। ଏହା ଛଡା ଅନିଶ୍ଚିତ ମୌସୁମୀ ଓ ଏଲନିନୋ ଭଳି ରିସ୍କ ମଧ୍ୟ କମ୍ପାନୀଙ୍କ ଚିନ୍ତା ବଢାଉଛି। ଏ ସମ୍ପର୍କରେ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍ ମଧ୍ୟ ଏହାର ବିଭିନ୍ନ ଉତ୍ପାଦ ବର୍ଗରେ ମୂଲ୍ୟ ବୃଦ୍ଧି କରିବାକୁ ବିଚାର କରୁଛି। ଜୁନ୍ ତ୍ରୈମାସିକ ତୁଳନାରେ ସେପ୍ଟେମ୍ବର ତ୍ରୈମାସିକରେ ୨ରୁ ୫% ମୂଲ୍ୟ ବୃଦ୍ଧି କରିବା ନେଇ କମ୍ପାନୀ ଆକଳନ କରିଛି। ଅପରପକ୍ଷେ ଗୋଦରେଜ୍ ଉପଭୋକ୍ତା ଉତ୍ପାଦ ଲିମିଟେଡ୍ ଜୁନ୍ ତ୍ରୈମାସିକରେ ହାରାହାରି ୫% ମୂଲ୍ୟ ବୃଦ୍ଧି କରିଛି। କମ୍ପାନୀ କହିଛି ଯେ ଏହା ଚଳିତ ତ୍ରୈମାସିକରେ କୌଣସି ତୁରନ୍ତ ବଡ଼ ମୂଲ୍ୟ ବୃଦ୍ଧିକୁ ଏଡ଼ାଉଛି ଏବଂ ସାମଗ୍ରୀ ବଜାର ସ୍ଥିର ହେବା ପାଇଁ ଅପେକ୍ଷା କରୁଛି।

କମ୍ପାନୀର ସିଇଓ ସୁଧୀର ସୀତାପତି କହିଛନ୍ତି ଯେ ଗୋଦରେଜ୍‌ର ଅନେକ ଉତ୍ପାଦର ଉତ୍ପାଦନ ଖର୍ଚ୍ଚ ଅଶୋଧିତ ତେଲ ସହିତ ଜଡିତ। ଯଦି ଅଶୋଧିତ ତେଲର ମୂଲ୍ୟ ଏହି ସୀମାରେ ରହେ, ତେବେ ଆମକୁ କୌଣସି ବଡ଼ ମୂଲ୍ୟ ବୃଦ୍ଧିର ଆବଶ୍ୟକତା ପଡ଼ିବ ନାହିଁ। ଡାବର ଇଣ୍ଡିଆର ଗ୍ଲୋବାଲ୍ ସିଇଓ ମୋହିତ ମାଲହୋତ୍ରା କହିଛନ୍ତି ଯେ ଆଗାମୀ ଦିନରେ କଞ୍ଚାମାଲ ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। କମ୍ପାନୀଗୁଡ଼ିକ ପାଖରେ ଏହି ଖର୍ଚ୍ଚକୁ ଗ୍ରାହକଙ୍କ ଉପରେ ଲଦିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ତେବେ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡର ଏମ୍‌ଡି ସୁନିଲ ଡି'ସୁଜା କହିଛନ୍ତି ଯେ ଖର୍ଚ୍ଚ ପ୍ରଭାବ ଗତିଶୀଳ। ଆବଶ୍ୟକ ହେଲେ କମ୍ପାନୀ ମୂଲ୍ୟକୁ ସଜାଡ଼ିବ।

ମୂଲ୍ୟ ବୃଦ୍ଧି ସତ୍ତ୍ୱେ, ଏଫଏମସିଜି କ୍ଷେତ୍ର ନିଶ୍ଚିତ ଯେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଉଭୟରେ ବ୍ୟବହାର ଦୃଢ଼ ରହିବ। କମ୍ପାନୀଗୁଡ଼ିକ ୨୦୨୬-୨୭ ଆର୍ଥିକ ବର୍ଷରେ ସେମାନଙ୍କର ମାର୍ଜିନ୍ ବଜାୟ ରଖିବା ପାଇଁ ପରିଚାଳନା ଖର୍ଚ୍ଚ ହ୍ରାସ କରିବା, ଉତ୍ପାଦକତା ବୃଦ୍ଧି କରିବା ଏବଂ ପ୍ରିମିୟମ୍ ଉତ୍ପାଦର ବିକ୍ରୟ ବୃଦ୍ଧି କରିବା ଉପରେ ଧ୍ୟାନ ଦେଉଛନ୍ତି।

## ଆର୍‌କମ୍ ବିରୋଧରେ ଇଡିରର ବଡ଼ କାର୍ଯ୍ୟାନୁଷ୍ଠାନ

# ଜବତ ହେବ ଅନିଲ ଅମ୍ବାନୀଙ୍କ ୮୦୦୦ କୋଟିର ସମ୍ପତ୍ତି

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅନିଲ ଅମ୍ବାନୀଙ୍କ ରିଲାଏନ୍ସ କମ୍ୟୁନିକେସନ (ଆରକମ୍) ବିରୋଧରେ ଜାରି ପ୍ରିଭେନସନ ଅଫ ମନିଲଣ୍ଡ୍ରିଂ ଆକ୍ଟ (ପିଏମଏଲଏ) ମାମଲାରେ ଏକ ସପ୍ଲିମେଣ୍ଟ୍ରି କମ୍ପ୍ଲିଆଣ୍ଟ (ଅତିରିକ୍ତ ଅଭିଯୋଗ) ରୁଜୁ କରିଛି। ଇଡି ପକ୍ଷରୁ ଆଜି ଏହି ସୂଚନା ଦେଇଛନ୍ତି। ତଦନ୍ତକାରୀ ଏଜେନ୍ସୀ କହିଛି ଯେ ମାର୍ଚ୍ଚ ୨୭ରେ ପ୍ରାରମ୍ଭିକ ପ୍ରସିକ୍ୟୁସନ କମ୍ପ୍ଲେଣ୍ଟ ବାଦେ ଶନିବାର ଏକ ସପ୍ଲିମେଣ୍ଟ୍ରି ପ୍ରୋସିକ୍ୟୁସନ କମ୍ପ୍ଲିଆଣ୍ଟ ରୁଜୁ ହୋଇଛି।

ତଦନ୍ତକାରୀ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ,ଆରକମ, ରିଲାଏନ୍ସ ଟେଲିକମ ଲିମିଟେଡ(ଆରଟିଏଲ), ଗୌତମ ଭାଇଲାଲ ଦୋଷୀ, ସତୀଶ ସେଠ, ଅମିତାଭ ଝୁନଝୁନୱାଲା ଓ ଅନ୍ୟମାନଙ୍କୁ ପିଏମଏଲଏ, ୨୦୦୨ ଧାରା ୪ରେ ଦଣ୍ଡନୀୟ ଅପରାଧ ଖାସ କରି ଧାରା ୩ ଓ ଧାରା ୭୦ ଅନୁସାରେ ଅଭିଯୁକ୍ତ କରାଯାଇଛି। ଏହି ଅପରାଧରେ ହୋଇଥିବା ଆୟର ମୂଲ୍ୟ ୪୦,୧୮୫.୫୫ କୋଟି ଟଙ୍କା ଆକଳନ କରାଯାଇଛି। ଏହା ସେହି ମୋଟ ବକେୟା ରାଶି ଯାହା କମ୍ପାନୀ, ବ୍ୟାଙ୍କ, ଆର୍ଥିକ ଅନୁଷ୍ଠାନ ଓ ବଣ୍ଡ ହୋଲ୍ଡର ସମୂହଙ୍କଠୁ ଉଧାର ନିଆଯାଇଥିଲା ଓ ପୈଠ କରାଯାଇନାହିଁ। ପାଣ୍ଠି ସଂଗ୍ରହ କରିବା, ଉପଯୋଗ କରିବା, ଲୁଚାଇବା ଓ ଦେଖାଇବାରେ ଅଭିଯୁକ୍ତମାନଙ୍କର ଅଲଗା ଅଲଗା ଭୂମିକା ଚିହ୍ନଟ କରାଯାଇଛି। ଏଥିରେ ଫରେନ କରେନ୍ସି କନଭର୍ଟିବଲ ବଣ୍ଡ (ଏଫସିସିବି) ମାଧ୍ୟରେ ସଂଗ୍ରହ କରାଯାଇଥିବା ୧ ବିଲିୟନ ଡଲାର ଚୂଡାନ୍ତ ଉପଯୋଗ ସମ୍ପର୍କରେ ମିଥ୍ୟା ସାର୍ଟିଫିକେଟ ଜମା କରିବା ମଧ୍ୟ ସାମିଲ ରହିଛି। ଏଣୁ ଇଡି ୮,୦୭୮.୦୬କୋଟିର ସେହି ସମ୍ପତ୍ତି ଜବତ କରିବାକୁ ଅନୁରୋଧ କରିଛି ଯାହାକୁ ପୂର୍ବରୁ ଏଡଜୁଡିକେଟିଂ ଅଥରିଟି ଆଟାଚ୍ କରିବାକୁ କନଫର୍ମ କରିଥିଲେ। ଏହି ସମ୍ପତ୍ତିରେ ନୂଆଦିଲ୍ଲୀ, ନଭିମୁମ୍ବାଇ, ଭୁବନେଶ୍ୱର, ଚେନ୍ନାଇ ଓ ପୁଣେରେ ଥିବା ଲିଜହୋଲ୍ଡ ଏବଂ ଅଚଳ ସମ୍ପତ୍ତି ମଧ୍ୟ ରହିଛି।

ଏହି ଇସିଆଇଆର ଅନୁସାରେ ଅଭିଯୁକ୍ତଙ୍କୁ ଜୁନ ୧୨ ରେ ଓ ସେଠଙ୍କୁ ଜୁଲାଇ ୯ରେ ଗିରଫ କରାଯାଇଥିଲା। ଉଭୟ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି। ଇଡି ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନଙ୍କ ଅଭିଯୋଗ ଆଧାରରେ ସିବିଆଇର ବ୍ୟାଙ୍କିଙ୍ଗ ସିକ୍ୟୁରିଟିଜ ଆଣ୍ଡ ଫ୍ରଡ ବ୍ରାଞ୍ଚ ନୂଆଦିଲ୍ଲୀଙ୍କ ଦ୍ୱାରା ରୁଜୁ କେତେକ ଏଫଆଇ ଆଧାରରେ ଯାଞ୍ଚ ଆରମ୍ଭ ହୋଇଛି।

# ଟିପିସିଓଡିଏଲ୍ ପକ୍ଷରୁ ଭେଣ୍ଡର ସମ୍ମିଳନୀ

ଭୁବନେଶ୍ୱର, ୯।୮(ସମିସ): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ନିଜର ସେବାଯୋଗାଣ ଅଞ୍ଚଳଗୁଡ଼ିକରେ ପିଏମ୍ ସୂର୍ଯ୍ୟ ଘର:ମୁଫ୍ତ ବିଜିଳି ଯୋଜନାର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ଏବଂ ରୁଫଟପ୍ ସୋଲାର ଆପଣାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆରଇସି ର ତତ୍ତ୍ୱାବଧାନରେ ନିଜର ଅକ୍ଷୟ ଶକ୍ତି ସେଲ୍ ମାଧ୍ୟମରେ ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ୍ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ସେଣ୍ଟରରେ ଏକ ଭେଣ୍ଡର ସମ୍ମିଳନୀର ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଜଣ ତାଲିକାଭୁକ୍ତ ଭେଣ୍ଡର ଯୋଗ ଦେଇଥିଲେ, ଯେଉଁଥିରେ ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ିହୋଇଥିବା ୧୯୦ ଜଣ ପ୍ରତିନିଧି ଅନ୍ତର୍ଭୁକ୍ତ ଥିଲେ। ରୁଫଟପ୍ ସୋଲାର ସିଷ୍ଟମର ସହଜ ଏବଂ ବ୍ୟାପକ ସ୍ତରରେ ପ୍ରସାର ପାଇଁ ଦେଖାଯାଉଥିବା ଆହ୍ୱାନଗୁଡ଼ିକର



ସମାଧାନ କରିବା, ସଂସ୍ଥାପନ ପ୍ରକ୍ରିୟାକୁ ସହଜ କରିବା, ଗୁଣବତ୍ତା ମାନ ବଜାୟ ରଖିବା ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ଉପରେ ଏହି ଆଲୋଚନାଗୁଡ଼ିକ ପର୍ଯ୍ୟବସିତ ଥିଲା। ଏହି ଅଧିବେଶନ ପରିଚାଳନାଗତ ଆହ୍ୱାନଗୁଡ଼ିକର ବ୍ୟାବହାରିକ ସମାଧାନ, ସମନ୍ୱୟରେ ସୁଧାର ଏବଂ ଉପଭୋକ୍ତା ଅନୁଭୂତିରେ ଉନ୍ନତି ଆଣିବା ପାଇଁ ମିଳିତ ଆଲୋଚନାର ଏକ ମଞ୍ଚ ପ୍ରଦାନ କରିଥିଲା।

## ଅବସର ଆୟ ପ୍ରଥମ ଦିନ ପରିବର୍ତ୍ତେ ସମୟ ସହିତ ବଢ଼ାଇବା ଜରୁରୀ


ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଗତ କିଛି ବର୍ଷ ମଧ୍ୟରେ ଅବସର ଯୋଜନା ବିଷୟରେ ଭାରତୀୟମାନଙ୍କ ମଧ୍ୟରେ ସଚେତନତା ଯଥେଷ୍ଟ ଉନ୍ନତ ହୋଇଛି। ତଥାପି, ଏହା ଯଥେଷ୍ଟ ପ୍ରସ୍ତୁତିରେ ପରିଣତ ହୋଇନାହିଁ । ଅବସର ପ୍ରସ୍ତୁତି ଉପରେ ଏକ ସାମ୍ପ୍ରତିକ ଶିଳ୍ପ ରିପୋର୍ଟ ଅନୁଯାୟୀ, କେବଳ ୩୭% ଉତ୍ତରଦାତା ସେମାନଙ୍କର ଲକ୍ଷିତ ଅବସର ପାଣ୍ଠିର ମାତ୍ର ଏକ ଚତୁର୍ଥାଂଶ ସଂଗ୍ରହ କରିପାରିଛନ୍ତି ଏବଂ ଦଶ ଜଣଙ୍କ ମଧ୍ୟରୁ ୭ ଜଣ ଏ ପର୍ଯ୍ୟନ୍ତ ବିଶ୍ୱାସ କରୁଛନ୍ତି ଯେ ୧ କୋଟି ଟଙ୍କାର ପାଣ୍ଠି ଯଥେଷ୍ଟ ହେବ । ତେବେ ବର୍ଦ୍ଧିତ ଖର୍ଚ୍ଚ ଏବଂ ଦୀର୍ଘ ଜୀବନକାଳ କାରଣରୁ ଏହା ବହୁତ କମ୍ ହୋଇଯିବ। ଆଜି ଆରାମଦାୟକ ଦେଖାଯାଉଥିବା ଏକ ସଂଖ୍ୟା ପନ୍ଦର ବର୍ଷ ପରେ ବହୁତ ଭିନ୍ନ ଦେଖାଯାଇପାରେ। ଏକ ସ୍ଥିର ପେନସନ୍ କିମ୍ବା ଏକ ଫ୍ଲାଟ୍ ବାର୍ଷିକ ଉଠାଣ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଖର୍ଚ୍ଚକୁ ଆରାମରେ କଭର୍ କରିପାରେ। ଅବସର ଆୟ ପ୍ରଥମ ଦିନରୁ ସ୍ଥିର ରହିବା ପରିବର୍ତ୍ତେ ସମୟ ସହିତ ବୃଦ୍ଧି ପାଇବାର ସମ୍ଭାବନା ବହନ କରିବା ଉଚିତ।

## ସାମସଙ୍ଗ ଇନୋଭେଶନ କ୍ୟାମ୍ପସର ନୂଆ ସଂସ୍କରଣ

ଭୁବନେଶ୍ୱର,୯।୮: ସାମସଙ୍ଗ ଇଣ୍ଡିଆ ପକ୍ଷରୁ ଏହାର ଫ୍ଲାଗସିପ ସିଏସଆର ପ୍ରୋଗ୍ରାମ ସାମସଙ୍ଗ ଇନୋଭେଶନ କ୍ୟାମ୍ପସ (ଏସଆଇସି)ର ୨୦୨୬ ସଂସ୍କରଣର ଲଂଚ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଶିଳ୍ପ- ପ୍ରାସଙ୍ଗିକ ଦକ୍ଷତା ସହ ସୁସଜ୍ଜିତ କରିବା ପାଇଁ ଉତ୍ସର୍ଗୀକୃତ ରହିଛି। ଏହି ୨୦୨୬ ସଂସ୍କରଣକୁ ଇଲେକ୍‌ଟ୍ରୋନିକ୍ସ ସେକ୍ଟର ସ୍କିଲ୍‌ସ କାଉନ୍ସିଲ ଅଫ୍ ଇଣ୍ଡିଆ (ଇଏସଏସସିଆଇ) ଏବଂ ଟେଲିକମ ସେକ୍ଟର ସ୍କିଲ କାଉନ୍ସିଲ (ଟିଏସଏସସି) ସହ ସହଭାଗିତାରେ କାର୍ଯ୍ୟକାରୀ କରାଯିବ। ଏହି ସହଭାଗିତାଗୁଡିକ ମାଧ୍ୟମରେ ସାମସଙ୍ଗ ୧୦ଟି ରାଜ୍ୟରେ ୨୦,୦୦୦ ଯୁବକ ଯୁବତୀଙ୍କୁ ଏଆଇ କ୍ଷେତ୍ରରେ ତାଲିମ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଶିଳ୍ପ ପ୍ରାସଙ୍ଗିକ ଏଆଇ ଶିକ୍ଷା ପାଇଁ ପହଂଚ ବୃଦ୍ଧି କରିବା ସହ ଭାରତର ଭବିଷ୍ୟତର ଏଆଇ ପ୍ରତିଭା ଶୃଙ୍ଖଳାକୁ ସୁଦୃଢ କରିବାରେ ସାହାଯ୍ୟ କରିବ।

## ମଲ୍ଟି ଆସେଟ ଆଲୋକେସନ ଫଣ୍ଡରେ ନିବେଶକାରୀଙ୍କ ସଂଖ୍ୟାରେ ୩ ଗୁଣ ବୃଦ୍ଧି

ମୁମ୍ବଇ, ୯।୮ (ଏଜେନ୍ସି): ପୁଞ୍ଜି ନିବେଶକାରୀମାନେ ସମ୍ପ୍ରତି ପାଉଥିବା ରିଟର୍ଣ୍ଣ ଉର୍ଦ୍ଧ୍ୱକୁ ଯାଇ ବିଚାର କରିବା ଏବଂ ଫଣ୍ଡଗୁଡିକର ଏକ ପୋର୍ଟଫୋଲିଓ କିଭଳି ଡିଜାଇନ କରାଯାଇଛି, ସେ ସମ୍ପର୍କରେ ସେମାନେ ବୁଝିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ, ମଲ୍‌ଟି ଆସେଟ ଆଲୋକେସନ ବର୍ଗ ନିମନ୍ତେ ପ୍ରସ୍ତୁତ ଏକ ନୂତନ ଡିଜିଟାଲ ପ୍ରଚାର ଅଭିଯାନ ଆରମ୍ଭ କରିଛି। ଏଏମ୍‌ଏଫଆଇ କହିବା ଅନୁଯାୟୀ ଜାନୁଆରୀ-ମାର୍ଚ୍ଚ ଅବଧିରେ ଇକ୍ୱିଟି-ଭିତ୍ତିକ ସ୍କିମ୍‌ଗୁଡିକୁ ହୋଇଥିବା ନେଟ୍ ଆଗମନର ୨୭% ହେଉଛି ମଲ୍‌ଟି ଆସେଟ ଆଲୋକେସନ ଫଣ୍ଡ, ଯାହା ପୂର୍ବ ତ୍ରୟମାସିକ ତୁଳନାରେ ୨୧% ଅଧିକ ଏବଂ ଗତବର୍ଷର ସେହି ସମୟର ମାତ୍ର ୬%। ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡରେ ମଲ୍‌ଟି ଆସେଟ ଆଲୋକେସନ ଫଣ୍ଡଗୁଡିକରେ କାରବାର କରୁଥିବା ପୁଞ୍ଜି ନିବେଶକାରୀଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ଚଳିତ ବର୍ଷ ତିନିଗୁଣ ବୃଦ୍ଧିପାଇଛି।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ବ୍ୟବସାୟ ପାଇଁ ଚିନ୍ତାରେ ରହିପାରନ୍ତି। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ଧାର୍ମିକ କାର୍ଯ୍ୟରେ ଯୋଗଦାନ ଦେବେ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଧୈର୍ଯ୍ୟ ରଖି ଚାଲନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିପାରନ୍ତି। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଯୋଜନା ମୁତାବକ କାର୍ଯ୍ୟ କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ବ୍ୟବସାୟରେ ବାଧା ଆସିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

## ଆଜିର ଇତିହାସ


- ୧୮୨୨- ସିରିଆରେ ବିନାଶକାରୀ ଭୂମିକମ୍ପ ଯୋଗୁଁ ୨୦ ହଜାର ଲୋକଙ୍କ ମୃତ୍ୟୁ।
- ୧୮୯୪- ଦେଶର ଚତୁର୍ଥ ରାଷ୍ଟ୍ରପତି ଭି.ଭି ଗିରିଙ୍କ ଜନ୍ମ।
- ୧୯୭୭- କଡ଼ା ସୁରକ୍ଷା ମଧ୍ୟରେ ମହାରାଣୀ ଏଲିଜାବେଥ୍ ୧୧ ବର୍ଷ ପରେ ଉତ୍ତର ଆୟରଲ୍ୟାଣ୍ଡ ଯାତ୍ରା କଲେ।
- ୧୯୭୯- ଉପଗ୍ରହ ପ୍ରକ୍ଷେପଣ ଯାନ ଏସ୍‌ଏଲ୍‌ଭି-୩ ପ୍ରକ୍ଷେପିତ।
- ୨୦୦୮- ଚେନ୍ନାଇର ଏକ ଲ୍ୟାବ୍‌ରେ ଆଣ୍ଟି ଏଡ୍‌ସ ଟିକାର ସଫଳ ପରୀକ୍ଷଣ କରାଗଲା।

## ୨୪ ବର୍ଷର ବିବାଦ ଭୁଲି ଏକାଠି କାମ କରିବେ
# ସଞ୍ଜୟ-କରିନା




ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ଫିଲ୍ମ 'ଦେବଦାସ' ବଲିଉଡ୍‌ର ଏକ ଆଇକନିକ୍ ଫିଲ୍ମ ଭାବେ ପରିଗଣିତ ହୋଇଥାଏ। ଏଥିରେ ଶାହାରୁଖ୍ ଖାନ୍ (ଦେବଦାସ), ଐଶ୍ୱର୍ଯ୍ୟା ରାୟ (ପାରୋ) ଏବଂ ମାଧୁରୀ ଦୀକ୍ଷିତ (ଚନ୍ଦ୍ରମୁଖୀ) ଭୂମିକାରେ ଅଭିନୟ କରିଥିଲେ। ସଞ୍ଜୟ ଯେତେବେଳେ 'ଦେବଦାସ' ତିଆରି କରୁଥିଲେ, ସେତେବେଳେ 'ପାରୋ' ଭୂମିକା ପାଇଁ ତାଙ୍କର ପ୍ରଥମ ପସନ୍ଦ କରିନା କପୁର ଥିଲେ। କରିନା ଫିଲ୍ମ ସାଇନ୍ କରିବା ସହ ତାଙ୍କୁ ଏଥିପାଇଁ ଆଡଭାନ୍ସ ମଧ୍ୟ ମିଳିସାରିଥିଲା। କେବଳ ସେତିକି ନୁହେଁ, ସଞ୍ଜୟ ଏହି ଭୂମିକା ପାଇଁ ତାଙ୍କର ସ୍କ୍ରିନ୍ ଟେଷ୍ଟ ମଧ୍ୟ ନେଇଥିଲେ। ପରେ ସଞ୍ଜୟ ଅନୁଭବ କଲେ ଯେ, ଐଶ୍ୱର୍ଯ୍ୟା ରାୟ 'ପାରୋ' ଚରିତ୍ର ପାଇଁ ଅଧିକ ଉପଯୁକ୍ତ ଏବଂ ତାଙ୍କର ଚେହେରାରେ ଏକ ରାଜକୀୟ ଅନ୍ଦାଜ ରହିଛି। ଫିଲ୍ମ ସୁଟିଂ ଆରମ୍ଭ ହେବା ପୂର୍ବରୁ ସଞ୍ଜୟ କରିନାଙ୍କୁ ହଟେଇ ଐଶ୍ୱର୍ଯ୍ୟାଙ୍କୁ ପାରୋ ଭୂମିକା ପାଇଁ ସାଇନ୍ କରିଥିଲେ। ଏହି କାରଣରୁ କରିନା ଓ ସଞ୍ଜୟଙ୍କ ମଧ୍ୟରେ ମତଭେଦ ଦେଖାଗଲା। ସେବେଠୁ କରିନା ସଞ୍ଜୟଙ୍କ ସହ ଆଉ ଫିଲ୍ମ କରି ନ ଥିଲେ। ଏବେ ୨୪ ବର୍ଷ ପରେ ପୁଣି ଥରେ କରିନା, ସଞ୍ଜୟଙ୍କ ସହ ଏକାଠି କାମ କରିବାକୁ ଯାଉଛନ୍ତି। ସଞ୍ଜୟଙ୍କ ଏକ ପୌରାଣିକ ଫିଲ୍ମରେ କରିନା ଲିଡ୍ ରୋଲରେ ନଜର ଆସିବେ ବୋଲି ଜଣାପଡ଼ିଛି। ଏଥିରେ କରିନାଙ୍କ ବିପକ୍ଷରେ ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତା ଧନୁଷ୍ ନଜର ଆସିବେ। ଫିଲ୍ମର କାହାଣୀ କରିନାଙ୍କୁ ପସନ୍ଦ ଆସିଥିଲେ ବି ଏଯାବତ୍ ସେ ଫିଲ୍ମ ସାଇନ୍ କରିନାହାନ୍ତି। ଏବେ ସୁଟିଂ ସିଡ୍ୟୁଲକୁ ନେଇ ଫିଲ୍ମ ଅଟିକିଛି। ଯଦି ସବୁକିଛି ଯୋଜନା ମୁତାବିକ ହେଉଛି, ତେବେ ଦୀର୍ଘ ୨୪ ବର୍ଷ ପରେ କରିନା, ସଞ୍ଜୟଙ୍କ ସହ କାମ କରିବେ।

# ୧୫୦ ବର୍ଷ ପରେ ଫେରିଲା ବହି



ସାଧାରଣତଃ ଲାଇବ୍ରେରୀରରୁ ନିଆଯାଇଥିବା ବହିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଫେରାଇବାକୁ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଅଷ୍ଟ୍ରେଲିଆରୁ ଏକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ସାମ୍ନାକୁ ଆସିଛି। କିଆମା ସରକାରୀ ପାଠାଗାରରୁ ପ୍ରାୟ ୧୫୦ ବର୍ଷ ତଳେ ନିଆଯାଇଥିବା ଏକ ବହି ଶେଷରେ ଫେରି ଆସିଛି। ୧୮୫୮ ମସିହାରେ ପ୍ରକାଶିତ 'ଏଣ୍ଟିକ୍ୱିଟିଜ୍ ଅଫ୍ ଏଥେନ୍ସ' ନାମକ ଏହି ବହିଟି ଅଷ୍ଟ୍ରେଲିଆର ଉପକୂଳବର୍ତ୍ତୀ ସହର କିଆମାସ୍ଥିତ ପାଠାଗାରରୁ ନିଆଯାଇଥିଲା। ଗତ ସପ୍ତାହରେ ଜଣେ ବ୍ୟକ୍ତି ନିଜ ଘରର ମରାମତି ଏବଂ ନବୀକରଣ କାମ କରୁଥିଲେ। ଏହି ସମୟରେ ଏକ ସିଲ୍ ହୋଇଥିବା ଚିମିନି ଭିତରେ, ଇଟା ପଛରେ ଲୁଚି ରହିଥିବା ଏକ ଚା' ଡବା ଭିତରୁ ସେ ଏହି ପୁରୁଣା ବହିଟିକୁ ପାଇଥିଲେ ଏବଂ ଏହାକୁ ଆଣି ପାଠାଗାରକୁ ଫେରାଇ ଦେଇଥିଲେ। ବହିଟି ଏତେ ବିଳମ୍ବରେ ଫେରିଥିବାରୁ ଏହାର ଜରିମାନା ରାଶି ହିସାବ କରିବା ପରେ ପାଠାଗାର କର୍ତ୍ତୃପକ୍ଷ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ମୁଦ୍ରାସ୍ଫୀତିକୁ ହିସାବକୁ ନେଲେ ଏହି ଜରିମାନାର ପରିମାଣ ପାଖାପାଖି ୧୯ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। କିଆମା ପାଠାଗାରର ପରିଚାଳିକା ମିସେଲ୍ ହଡସନଙ୍କ ସୂଚନା ଅନୁଯାୟୀ, ୧୮୫୮ ମସିହାରେ ଯେତେବେଳେ ଏହି ପାଠାଗାର ପ୍ରତିଷ୍ଠା ହୋଇଥିଲା, ସେତେବେଳର ନିୟମ ଏବଂ ବହିର କଭର ଉପରେ ଲେଖାଥିବା ବ୍ରିଟିଶ୍ ନିୟମ 'ପ୍ରତି ସପ୍ତାହକୁ ୩ ପେନ୍ସ' ବିଳମ୍ବ ଶୁଳ୍କ ଆଧାରରେ ଏହି ଜରିମାନା ସ୍ଥିର କରାଯାଇଛି। ଆଜିର ସମୟ ଅନୁସାରେ ଏହା ଭାରତୀୟ ମୁଦ୍ରାରେ ପ୍ରାୟ ୧୯ ଲକ୍ଷ ହେବ। ତେବେ ଏହି ବହିଟିକୁ କିଏ ଏବଂ କେବେ ଉଧାର ନେଇଥିଲେ, ତାହାର କୌଣସି ପ୍ରମାଣ ଏବେ ପାଠାଗାର ପାଖରେ ନାହିଁ। କାରଣ ୧୮୭୦ ଦଶକର ପାଠାଗାରର ମୂଳ ରେକର୍ଡ ଖାତା ବହୁ ବର୍ଷ ପୂର୍ବରୁ ହଜିଯାଇଛି। ବହିଟିରେ ମଧ୍ୟ କୌଣସି ନାମ ଲେଖାଯାଇ ନାହିଁ। ଦୀର୍ଘ ଦଶନ୍ଧି ଧରି ଚିମିନି ଭିତରେ ରହିବା ଯୋଗୁଁ ବହିଟି ପାଣିରେ ସାମାନ୍ୟ ନଷ୍ଟ ହୋଇଯାଇଛି। ଏହି ବହିଟି ପାଠାଗାରର ସର୍ବପ୍ରଥମ ୧,୦୦୦ ବହିର ସଂଗ୍ରହ ମଧ୍ୟରୁ ୫୦୬ ନମ୍ବର ବହି ଥିଲା। ଏବେ ଏହାକୁ ପାଠାଗାରର ସ୍ଥାନୀୟ ଇତିହାସ ସଂଗ୍ରହରେ ସର୍ବସାଧାରଣଙ୍କ ପ୍ରଦର୍ଶନ ପାଇଁ ରଖାଯିବ। ଗ୍ରନ୍ଥାଗାର ପରିଚାଳିକା ହସି ସହ କହିଛନ୍ତି, "ଆମେ ଏହାକୁ ଆଉ କେବେ ହେଲେ ବାହାରକୁ ଯିବାକୁ ଦେବୁ ନାହିଁ। ଏହି ବହିଟି ଫେରିବା ପାଇଁ ଆମେ ଆଉ ୧୫୦ ବର୍ଷ ଅପେକ୍ଷା କରିବାକୁ ଚାହୁଁନାହୁଁ।" ହଡସନ୍ କହିଛନ୍ତି, "ଆମେ ଏହାକୁ ଆଉଥରେ ବାହାରକୁ ଯିବାକୁ ଦେବୁ ନାହିଁ। ଆମେ ଏହି ବହିଟି ଫେରିବା ପାଇଁ ଆଉ ୧୫୦ ବର୍ଷ ଅପେକ୍ଷା କରିବାକୁ ଚାହୁଁନାହୁଁ।"

## ଆଜି ଆସିଥିଲେ
# ସୁରମଣି ରଘୁନାଥ ପାଣିଗ୍ରାହୀ



ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଓଡ଼ିଶୀ ସଙ୍ଗୀତ ଜଗତର ଜଣେ ଯୁଗପୁରୁଷ ଏବଂ ମହାନ ଗାୟକ ଥିଲେ। ବିଶ୍ୱ ଦରବାରରେ ଜୟଦେବଙ୍କ 'ଗୀତ ଗୋବିନ୍ଦ'କୁ ପହଞ୍ଚାଇବାରେ ତାଙ୍କର ଅତୁଳନୀୟ ଯୋଗଦାନ ରହିଥିଲା। ଜଣେ ଅଦ୍ୱିତୀୟ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲେ। ଏକାଧାରରେ ଓଡ଼ିଶୀ, ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ପଦ୍ଧତିରେ ସଙ୍ଗୀତ ଗାନ କରିବାରେ ତାଙ୍କର ଅସାଧାରଣ ପାରଦର୍ଶିତା ଥିଲା। ୧୯୩୨ ମସିହା ଆଜିର ଦିନରେ ରଘୁନାଥ ରାୟଗଡ଼ା ଜିଲ୍ଲାର ଗୁଣୁପୁର ସହରରେ ଜନ୍ମଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ପିତା ପଣ୍ଡିତ ନୀଳମଣି ପାଣିଗ୍ରାହୀଙ୍କଠାରୁ ସେ ୫ ବର୍ଷ ବୟସରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ପରେ ସେ ପଣ୍ଡିତ ବିଶ୍ୱନାଥ ଦାସ ଏବଂ ପଣ୍ଡିତ ନରସିଂହ ନନ୍ଦଶର୍ମାଙ୍କଠାରୁ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଶିକ୍ଷା କରିଥିଲେ। ସଙ୍ଗୀତଜ୍ଞ ମଦୁ ପାପ୍ପା ରାଓଙ୍କଠାରୁ କର୍ଣ୍ଣାଟକୀ ସଙ୍ଗୀତ ଓ ପଣ୍ଡିତ ଡି. ଭି. ପାଲୁସକରଙ୍କଠାରୁ ହିନ୍ଦୁସ୍ତାନୀ ସଙ୍ଗୀତ ସେ ଶିକ୍ଷା ଲାଭ କରିଥିଲେ। ୧୯୪୮ ମସିହାରେ ସେ ଆକାଶବାଣୀ କଟକ କେନ୍ଦ୍ରରେ ଜଣେ ନିୟମିତ କଳାକାର ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ଜୀବନକାଳରେ ଅନେକ ଭଜନ, ଜଣାଣ, ଓଡ଼ିଶୀ, ଛାନ୍ଦ, ଚମ୍ପୂ ଓ ଗଜଲ ଗାନ କରିଛନ୍ତି। ସେ କେତେକ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ କଣ୍ଠଦାନ କରିଥିଲେ। ଆଉ ମଧ୍ୟ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ କଣ୍ଠଦାନ ସହିତ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ସେ ଥିଲେ ୧୨ଟି ଭାଷାରେ ପ୍ରବୀଣ ସଙ୍ଗୀତଜ୍ଞ। ତାଙ୍କ ଖ୍ୟାତି ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ସମେତ ପ୍ରାୟ ଅନେକ ରାଜ୍ୟରେ ରହିଥିଲା। 'ଆକାଶେ ଦିଶେ କି ସୁନ୍ଦର', 'ବିଶ୍ୱ ଦେଖ ମଧୁମୟରେ', 'ଚକାନୟନକୁ', 'ଧୀରେ ସମୀରେ ଯମୁନା ତୀରେ', 'କାଳିଆ ଧନ ତୋ ଲାଗି' ତାଙ୍କ କଣ୍ଠର ଶ୍ରେଷ୍ଠ ଗୀତଗୁଡ଼ିକ ଶ୍ରୋତାଙ୍କ ମନ ଜିଣିପାରିଥିଲା। ତାଙ୍କର ସୁମଧୁର ଗାୟନ ତାଙ୍କୁ 'ସୁରମଣି' ଭାବେ ପରିଚିତ କରିଥିଲା। ଓଡ଼ିଶୀ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀ ତାଙ୍କ ସହଧର୍ମିଣୀ ଥିଲେ। ସଞ୍ଜୁକ୍ତାଙ୍କ ଓଡ଼ିଶୀ ନୃତ୍ୟ ଏବଂ ରଘୁନାଥଙ୍କ ଓଡ଼ିଶୀ ଗାୟନର ଯୁଗଳବନ୍ଦୀ ଦେଶ-ବିଦେଶରେ ଓଡ଼ିଶୀ ନୃତ୍ୟ ସଙ୍ଗୀତର ପ୍ରସାର ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଥିଲା। ସଙ୍ଗୀତ କ୍ଷେତ୍ରକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୨୦୧୦ ମସିହାରେ ଭାରତ ସରକାର ସମ୍ମାନଜନକ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଥିଲେ। ବିଶେଷକରି ୧୯୮୨ ମସିହାରେ ଗୀତଗୋବିନ୍ଦ ପାଇଁ ତାଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ପୁରସ୍କାର ଗ୍ରାଁ. ପ୍ରି ମିଳିଥିଲା। ସେତେବେଳେ ଏଭଳି ଗୌରବ ପାଇବାରେ ସେ ଏକମାତ୍ର ଭାରତୀୟ ଥିଲେ। ଓଡ଼ିଶୀ ସଙ୍ଗୀତକୁ ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକୀ ସଙ୍ଗୀତ ପରି ଏକ ସ୍ୱତନ୍ତ୍ର «ଶାସ୍ତ୍ରୀୟ ସଙ୍ଗୀତ»ର ମାନ୍ୟତା ଦେବା ପାଇଁ ସେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କର ପ୍ରତିଟି ଗାୟନରେ ଓଡ଼ିଶୀର ମୌଳିକତା, ବ୍ୟାକରଣ ଏବଂ ଶାସ୍ତ୍ରୀୟ ନିୟମ ସ୍ପଷ୍ଟ ବାରି ହୋଇପଡୁଥିଲା। ୨୦୧୩ ଅଗଷ୍ଟ ୨୫ରେ ଏହି ଅସାଧାରଣ ସ୍ୱରସାଧକଙ୍କ ପରଲୋକ ଘଟିଥିଲା।

## ସ୍ୱସ୍ତି

# ଚିତାଲାଗି ଅମାବାସ୍ୟା



ଶ୍ରାବଣ ମାସ ଅମାବାସ୍ୟା ତିଥିରେ ପାଳନ ହୁଏ ଚିତାଲାଗି ବା ଚିତଉ ଅମାବାସ୍ୟା। ଏହିଦିନ ଶ୍ରୀମନ୍ଦିରର ତିନିଠାକୁରଙ୍କ ପାଖରେ ଚିତାଲାଗି ହୋଇଥାଏ। ମହାପ୍ରଭୁଙ୍କ ଧୂପ ନୀତି ଶେଷ ହେବା ପରେ ଦଇତାପତିମାନେ ତିନିଠାକୁରଙ୍କ ଲଲାଟରେ ରତ୍ନଚିତା ଲାଗି କରିଥାନ୍ତି। ସେଥିପାଇଁ ଏହାର ନାଁ ଚିତାଲାଗି ଅମାବାସ୍ୟା। ଶ୍ରୀଜଗନ୍ନାଥ ମସ୍ତକରେ ହୀରା ଖଚିତ ଧଳା ଚିତା, ଶ୍ରୀବଳଭଦ୍ର ନୀଳାଖଚିତ ନୀଳ ଚିତା ଓ ଦେବୀ ସୁଭଦ୍ରା ମାଣିକ୍ୟ ଖଚିତ ନାଲି ଚିତା ଧାରଣ କରନ୍ତି। ସ୍ନାନଯାତ୍ରା ଦିନ ଠାକୁରଙ୍କ ମସ୍ତକରୁ ଏହି ଚିତାକୁ ଉଲାଗି କରାଯାଇଥାଏ। ଦେଢ଼ମାସ ପରେ ପୁର୍ନବାର ଏହି ଚିତା ଧାରଣ କରିଥାନ୍ତି।

ଏହିଦିନ ଘରେ ଘରେ ଚିତଉ ପଠା ତିଆରି କରି ଠାକୁରଙ୍କ ପାଖେ ଭୋଗ ଲାଗି କରାଯାଏ। ଚାଷୀମାନେ ଏହିଦିନ ଧାନ କିଆରିରେ ଚିତଉ ପିଠା ପୋତିଥାନ୍ତି। କୁହାଯାଏ, ବର୍ଷା ଋତୁ ସମୟରେ ଧାନ ଫସଲ କରିବା ସମୟରେ ବିଲରେ ଗେଣ୍ଡା ଯୋଗୁଁ ଗୋଡ଼ କାଟି ଦେଇଥାଏ। ଏଣୁ ଏଥିରୁ ରକ୍ଷା ପାଇବା ପାଇଁ ଚିତଉ ପିଠାକୁ ସାରୁ ପତ୍ରରେ ରଖି ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଜଳାଶ୍ରୟରେ ଭସାଯାଏ। ସେହିପରି ବାଲେଶ୍ୱର, ମୟୂରଭଞ୍ଜ ଓ କେଉଁଝର ଆଦି ଅଞ୍ଚଳରେ ଏହି ପର୍ବକୁ ଗେଣ୍ଡାକଟା ଅମାବାସ୍ୟା କୁହାଯାଏ। ଅନ୍ୟପକ୍ଷରେ ଏହିଦିନଠାରୁ ଓଡ଼ିଶାରେ ଓଷାବ୍ରତ ତଥା ପର୍ବପର୍ବାଣିର ପ୍ରାବଲ୍ୟତା ଦେଖା ଦେଇଥାଏ। ଯାହାର ପରିସମାପ୍ତି ଶାମ୍ବ ଦଶମୀରେ ଘଟିଥାଏ। ଏଥର ଚିତାଲାଗି ଅମାବାସ୍ୟା ଅଗଷ୍ଟ ୧୨ ତାରିଖରେ ପଡୁଛି।

## ଶ୍ରାବଣ ସୋମବାର
# ଶିବଲିଙ୍ଗରେ କେଉଁ ଜିନିଷ ଲାଗି କରିବେ



**ଆଜି ଶ୍ରାବଣ ମାସର ଦ୍ୱିତୀୟ ସୋମବାର। ଏହି ମାସରେ ଅନେକ ଲୋକ ଅଭିଷେକ କରନ୍ତି। ତେବେ ଏହି ମାସ ସୋମବାରେ କେଉଁ ମନୋକାମନା ଲାଗି କେଉଁ ଜିନିଷରେ ଶିବଲିଙ୍ଗରେ ଅଭିଷେକ କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

**ଗଙ୍ଗାଜଳ:** ଶିବ ପୁରାଣ ଅନୁସାରେ ଗଙ୍ଗାଜଳରେ ଶିବଲିଙ୍ଗରେ ଅଭିଷେକ କରିବା ସମ୍ପର୍କରେ କୁହାଯାଇଛି। ଶିବଲିଙ୍ଗରେ ଗଙ୍ଗାଜଳ ଲାଗି କଲେ ମନୋକାମନା ପୂରଣ ହୁଏ ଓ ମୋକ୍ଷ ପ୍ରାପ୍ତି ହୁଏ।

**ଜଳ:** ମାନସିକ ଶାନ୍ତି ଓ ଶୁଦ୍ଧତା ବୃଦ୍ଧି ଲାଗି ଶିବଲିଙ୍ଗରେ ଜଳରେ ଅଭିଷେକ କରାଯାଏ।

କ୍ଷୀର: ଦୀର୍ଘ ଆୟୁ, ଉତ୍ତମ ସ୍ୱାସ୍ଥ୍ୟ, ରୋଗରୁ ମୁକ୍ତି ଲାଗି ଶିବଲିଙ୍ଗରେ କ୍ଷୀରରେ ଅଭିଷେକ କରିବା ଭଲ।

**ଚିନି ମିଶ୍ରିତ କ୍ଷୀର:** ଶିବଲିଙ୍ଗରେ କ୍ଷୀରରେ ଚିନି ମିଶାଇ ଅଭିଷେକ କରାଯାଏ। ଏପରି କରିବା ଦ୍ୱାରା ପାରିବାରିକ ସୁଖ ଓ ମାନସିକ ଶାନ୍ତି ମିଳେ।

**ଘିଅ:** ଉତ୍ତମ ସନ୍ତାନ ପ୍ରାପ୍ତି ଲାଗି ଘିଅରେ ଅଭିଷେକ କରିପାରିବେ। ଶାରୀରିକ ଶକ୍ତି ଏହା ଦ୍ୱାରା ବୃଦ୍ଧି ପାଏ।

ମହୁ: ଶିବ ପୁରାଣ ଅନୁସାରେ, ଶିବଲିଙ୍ଗରେ ମହୁ ଲାଗି କରିବା ଦ୍ୱାରା ରୋଗରୁ ମୁକ୍ତି ମିଳେ। ଋଣ ମୁକ୍ତ ଏବଂ ବୈବାହିକ ଜୀବନ ସୁଖମୟ ହେବା ଲାଗି ମହୁରେ ଅଭିଷେକ କରିବା ଶୁଭ। ଏହାବାଦ୍ ଶିକ୍ଷାରେ ସଫଳତା, ଉଚ୍ଚ ପଦ ଓ ସମ୍ମାନ ମିଳେ। ଏହା ଦ୍ୱାରା ଜାତକରେ ଶୁକ୍ର ଗ୍ରହ ବି ମଜଭୁତ ହୁଏ।

**ଆଖୁ ରସ:** ଶିବଲିଙ୍ଗରେ ଆଖୁରସ ଲାଗି କଲେ ଧନ, ସମ୍ପତ୍ତି ବୃଦ୍ଧି ପାଏ। ବୈବାହିକ ଜୀବନ ବି ସୁଖମୟ ହୁଏ।

**କେଶର ତଥା ହଳଦି କ୍ଷୀର:** ଜଳ ତଥା କ୍ଷୀରରେ ହଳଦି କିମ୍ବା କେଶର ମିଶାଇ ଅଭିଷେକ କଲେ ବିବାହରେ ଦେଖା ଦେଉଥିବା ବାଧା ଦୂର ହୁଏ। ଏହାସହିତ ମାତା ପାର୍ବତୀଙ୍କୁ ଶୃଙ୍ଗାର ଜିନିଷ ଅର୍ପଣ କରିବା ଭଲ।

**ପଞ୍ଚାମୃତ:** ଶ୍ରାବଣ ମାସରେ ପଞ୍ଚାମୃତରେ ଅଭିଷେକ କରିବାକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏଭଳି କରିବା ଦ୍ୱାରା ସମସ୍ତ ମନୋସ୍କାମନା ପୂରଣ ହୁଏ।

ବେଲପତ୍ର: ଶିବଙ୍କ ପ୍ରିୟ ବେଲପତ୍ର। ଏଣୁ ଭଗବାନ ଶିବଙ୍କୁ ବେଲପତ୍ର ଲାଗି କରିବା ଦ୍ୱାରା ସମସ୍ତ ପ୍ରକାର ଇଚ୍ଛା ପୂରଣ ହୁଏ। ଏହାସହ ତିନି ଜନ୍ମର ପାପ ନାଶ ହେବା ବିଶ୍ୱାସ କରାଯାଏ।

**ପ୍ରତ୍ୟେକ ଦିନର ବିଶେଷ ମହତ୍ତ୍ୱ ଅଛି। ବାର ଅନୁସାରେ କରାଯାଉଥିବା ଛୋଟ ଛୋଟ ଉପାୟ ଜୀବନରେ ସକାରାତ୍ମକ ଶକ୍ତି ଆଣେ। ସେହିପରି ଦୀପରେ ଠିକ୍ ଜିନିଷ ପକାଇ ଜାଳିବା ଦ୍ୱାରା ଘରେ ସୁଖ, ଶାନ୍ତି, ଧନ-ଲାଭ ହୋଇଥାଏ। ତେବେ କେଉଁ ବାରରେ ଦୀପରେ କେଉଁ ଜିନିଷ ପକାଇ ଜାଳିବା ଶୁଭ, ସେ ସମ୍ପର୍କରେ ଜାଣିବା।**

# ବାର ଅନୁସାରେ ଦୀପ ଜାଳିବା ଉପାୟ



**ସୋମବାର:** ସୋମବାର ଦୀପରେ ଅକ୍ଷତ ପକାଇ ଜାଳିବା ଶୁଭ। ଏହା ଦ୍ୱାରା ଘରେ ଶାନ୍ତି ବଜାୟ ରହେ। ତା'ସହ ଘରେ ଦେବୀ ଦେବତା ବାସ କରନ୍ତି।

**ମଙ୍ଗଳବାର:** ଏହିଦିନ ଦୀପରେ ଲବଙ୍ଗ ପକାଇ ଜାଳନ୍ତୁ। ସଙ୍କଟ, ବାଧା ଓ ଶତ୍ରୁ ନାଶ ପାଇଁ ଏଭଳି କରିବା ଭଲ।

**ବୁଧବାର:** ବୁଧବାରରେ ଦୀପରେ ହଳଦି ମିଶାଇ ଜାଳନ୍ତୁ। ଏଭଳି କଲେ ମହାଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ଓ ଧନଲାଭ ହୋଇଥାଏ।

**ଗୁରୁବାର:** ସେହିପରି ଏହିଦିନ ଦୀପରେ ଉଭୟ ହଳଦି ଓ ଅକ୍ଷତ ମିଶାଇ ଜାଳିବାକୁ ଶୁଭ ବୋଲି କୁହାଯାଏ। ଏହା ଦ୍ୱାରା ଘରେ ସୁଖ ଶାନ୍ତି ବୃଦ୍ଧି ପାଏ। ଅର୍ଥାଭାବ ଦୂର ହୁଏ।

**ଶୁକ୍ରବାର:** ଏହିଦିନ ଦୀପରେ ଅକ୍ଷତ ଓ ଲବଙ୍ଗ ମିଶାଇ ଜାଳିବା ମଙ୍ଗଳଦାୟୀ। ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ।

**ଶନିବାର:** ଶନିବାର କଳା ରାଶି ଓ ଲବଙ୍ଗ ପକାଇ ଦୀପ ଜାଳିଲେ ଶନି ଦେବ ପ୍ରସନ୍ନ ହୁଅନ୍ତି। କଷ୍ଟ ଓ ବାଧା ଦୂର ହୁଏ।

**ରବିବାର:** ରବିବାରରେ ଦୀପରେ ସିନ୍ଦୂର ପକାଇ ଜାଳିବା ଲାଭଦାୟୀ। ଏହା ଦ୍ୱାରା ସମସ୍ତ ବାଧା ଦୂର ହୁଏ।

**ଶ୍ରାବଣ ମାସରେ ଶିବଭକ୍ତମାନେ ବ୍ରତ, ଉପବାସ କରନ୍ତି। ଶିବ ବ୍ରତ କେବଳ ଉପବାସ ନୁହେଁ, ଏହା ମନ, ବଚନ, କର୍ମ ଶୁଦ୍ଧିର ସଂକଳ୍ପ ହୋଇଥାଏ। ଶ୍ରଦ୍ଧାରେ କରାଯାଉଥିବା ଶିବ ବ୍ରତ ଜୀବନରେ ସକାରାତ୍ମକ ଶକ୍ତି ଓ ଆନ୍ତରିକ ଶାନ୍ତି ପ୍ରଦାନ କରେ।**

- ଶିବ ବ୍ରତ କରୁଥିଲେ ପିଆଜ, ରସୁଣ, ଆମିଷ ଓ ନିଶା ସେବନ କରିବା ଅନୁଚିତ।
- କାହା ସହିତ ଝଗଡ଼ା କରିବା ଅନୁଚିତ। ସେହିପରି କ୍ରୋଧ ପ୍ରକଟ କରିବା ଭଲ ନୁହେଁ।
- ଅନ୍ୟକୁ ଆଘାତ ତଥା ଦୁଃଖ ପହଞ୍ଚାଇବା ଭଳି କଥାବାର୍ତ୍ତା କରିବା ଅନୁଚିତ।
- ଏହି ମାସରେ ଶିବ ବ୍ରତଧାରୀଙ୍କୁ କେଶ ଓ ନଖ କାଟିବାକୁ ବାରଣ କରାଯାଏ।
- ଚମଡ଼ା ନିର୍ମିତ ଜିନିଷ ବ୍ୟବହାର କରିବା ଭଲ ନୁହେଁ।
- ବ୍ରତ କରୁଥିଲେ କୌଣସି ବ୍ୟକ୍ତିଙ୍କୁ ଅପମାନିତ କିମ୍ବା ତାଚ୍ଛଲ୍ୟ କରନ୍ତୁ ନାହିଁ।
- ସେହିପରି ଖାଦ୍ୟ ନଷ୍ଟ କରିବା ଅନୁଚିତ।



# କୋରିଆ ଓପନ ଜିତିଲେ ଅସ୍ମିତା

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଭାରତର ଅସ୍ମିତା ଚଲିହା କୋରିଆ ଓପନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି। ରବିବାର ଅନୁଷ୍ଠିତ




ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ୨-୧ ସେଟ୍‌ରେ ଚୀନ୍‌ର ହାନ୍ କିଆନ ଜୀ'ଙ୍କୁ ପରାସ୍ତ କରି ଏହି ଟାଇଟଲ ଜିତିଥିଲେ। ଗୁଆହାଟୀର ଏହି ୨୬ ବର୍ଷୀୟା ଖେଳାଳି ପ୍ରଥମ ଗେମରେ ହାରିବା ପରେ ପରବର୍ତ୍ତୀ ଦୁଇଟି ସେଟ୍‌କୁ ଜିତି ଇତିହାସ ସୃଷ୍ଟି କରିଛନ୍ତି। ପୂର୍ବରୁ ସେମିଫାଇନାଲରେ ସେ ନିଜ ଦେଶର ରକ୍ଷିତା ରାମରାଜଙ୍କୁ ୨-୧ ସେଟ୍‌ରେ ହରାଇଥିଲେ। ଏହା ପୂର୍ବରୁ କ୍ୱାର୍ଟର ଫାଇନାଲରେ ବିଶ୍ୱର ନଂ-୨୨ ଖେଳାଳି ତଥା ଏଠାରେ ଟପ୍ ସିଡ୍ ଥିବା ଜାପାନର ହିନା ଆକେଚିଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ବିଡବ୍ଲ୍ୟୁଏଫ୍ ସୁପର୍-୩୦୦ ଟାଇଟଲ୍ ଜିତିବାରେ ଅସ୍ମିତା ୫ମ ଭାରତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ସାଇନା ନେହ୍ୱାଲ, ପିଭି ସିନ୍ଧୁ, ଦେବୀକା ସିହାଗ ଓ ତନଭୀ ଶର୍ମା ଏହି କ୍ଲବରେ ସାମିଲ ହୋଇଛନ୍ତି।

■ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## ପଦକ ବିଜେତାମାନଙ୍କୁ ଭେଟିଲେ ମୋଦି

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାର ସମସ୍ତ ପଦକ ବିଜେତାଙ୍କୁ ଭେଟିଛନ୍ତି। ପ୍ରଧାନମନ୍ତ୍ରୀ ସେମାନଙ୍କ ସହିତ ଏକ ଭିଡିଓ କରି ଦେଶକୁ ଏକ ବାର୍ତ୍ତା ଦେଇଛନ୍ତି। ମୋଦି କହିଛନ୍ତି, "ଯେଉଁମାନେ ଖେଳନ୍ତି ସେମାନେ ଉନ୍ନତି କରିବେ। ଏହି ଅବସରରେ ଆଥଲେଟ୍ ସାକ୍ଷୀ ଚୌଧୁରୀ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ବିଜୟୀ ସମସ୍ତ ଖେଳାଳିଙ୍କୁ ଆଜି ଆମର ମାନ୍ୟବର ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦି ନିମନ୍ତ୍ରଣ କରିଥିଲେ। ଆମେ ଏଥିରେ ବହୁତ ଗର୍ବିତ। ସେ ବହୁତ ବିନମ୍ର। ଶେଷରେ ପ୍ରଧାନମନ୍ତ୍ରୀଙ୍କ ସମେତ ସମସ୍ତ ଖେଳାଳି ଭାରତ ମାତା କି ଜୟ ସ୍ଲୋଗାନ ଦେଇଥିଲେ। ପ୍ରକାଶଯୋଗ୍ୟ ଗ୍ଲାସଗୋରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ମୋଟ ୩୯ଟି ପଦକ ଜିତିଥିଲା। ୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ରହିଥିଲା।

■ ଟରୋଣ୍ଟୋ ମାଷ୍ଟର୍ସ

## ପ୍ରି-କ୍ୱାର୍ଟରରେ ହାରିଲେ ସାବାଲେଙ୍କା, ନୋରି

ଟରୋଣ୍ଟୋ, ୯।୮ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ଟରୋଣ୍ଟୋ ମାଷ୍ଟର୍ସ/କାନାଡିଆନ୍ ଓପନ୍‌ର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-




୧୬ ମୁକାବିଲାରେ ସାବାଲେଙ୍କା ୬-୭ (୩/୭), ୬-୪, ୪-୬ ସେଟରେ ରୁଷିଆର ଏକଟେରିନା ଆଲେକ୍‌ଜାଣ୍ଡ୍ରୋଭାଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଅଢ଼େଇ ଘଣ୍ଟା ଲଢ଼େଇ କରିଥିଲେ ମଧ୍ୟ ବେଲାରୁଷ ତାରକା ସାବାଲେଙ୍କାଙ୍କୁ ଶେଷରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଖରାପ ପ୍ରଦର୍ଶନ ଦେଇ ଗତି କରୁଥିବା ସାବାଲେଙ୍କା ଏଥିପୂର୍ବରୁ ଫ୍ରେଞ୍ଚ ଓପନର କ୍ୱାର୍ଟର ଫାଇନାଲରୁ ଏବଂ ୱିମ୍ବଲଡନର ପ୍ରି-କ୍ୱାର୍ଟରରୁ ହାରି ମଧ୍ୟ ବିଦାୟ ନେଇଥିଲେ। ଇଗା ସ୍ୱିଆଟେକ ଓ ରୁଷିଆର ଡାଏନା ଶନାଇଦର ବିଜୟୀ ହୋଇ ଏଠାରେ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ଉଭୟ ମଧ୍ୟ ପରସ୍ପରକୁ ଭେଟିବେ। ଅପରପକ୍ଷରେ ପୁରୁଷ ପ୍ରି-କ୍ୱାର୍ଟରରେ ବ୍ରିଟେନର କାମେରନ ନୋରି ୨-୬, ୬-୭ (୧୦/୮) ସେଟରେ ୧୮ତମ ସିଡ୍ ଆର୍ଥର ଫିଲ୍ସଙ୍କ ନିକଟରୁ ହାରିଯାଇଥିଲେ।

### ଅଭ୍ୟାସ ମ୍ୟାଚ୍‌ରେ ହାରିଲା ଶ୍ରୀଲଙ୍କା ମିଳିତ ଏକାଦଶ

# ବିଜୟ ସହ ଟେଷ୍ଟ ସିରିଜ୍ ଲାଗି ଭାରତ ପ୍ରସ୍ତୁତ

କଲମ୍ବୋ, ୯।୮ (ଏଜେନ୍ସି)

ଶ୍ରୀଲଙ୍କା ମିଳିତ ଏକାଦଶକୁ ୬ ୱିକେଟରେ ପରାସ୍ତ କରି ଭାରତ ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତି କରିନେଇଛି। ଉଦୀୟମାନ ଖେଳାଳିଙ୍କୁ ନେଇ ଗଠିତ ଶ୍ରୀଲଙ୍କା ଏକାଦଶ ଲଢ଼ୁଆ ଖେଳ ପ୍ରଦର୍ଶନ କରି ଭାରତୀୟ ଖେଳାଳିଙ୍କୁ ସଂଘର୍ଷ କରିବାକୁ ବାଧ କରିଥିଲେ ମଧ୍ୟ ଶେଷରେ ପରାଜୟ ବରଣ କରିଛି। ଏହି ୩ ଦିନିଆ ମ୍ୟାଚ୍‌ର ତୃତୀୟ ତଥା ଶେଷ ଦିନରେ ରବିବାର ଭାରତର ଅଧିନାୟକ ଶୁବମନ ଗିଲ୍ ବ୍ୟାଟିଂ କରି ମ୍ୟାଚ୍ ପ୍ରାକ୍ଟିସ କରିନେଇଛନ୍ତି। ସେହିପରି ଆକ୍ୱିବ ନବିଙ୍କୁ ପ୍ରଥମଥର ଯେ କୌଣସି ଭାରତୀୟ ଟିମ୍ ଲାଗି ଖେଳିବାର ସୁଯୋଗ ମିଳିଥିଲେ ମଧ୍ୟ ୱିକେଟ ପାଇବାରେ ବିଫଳ ହୋଇଛନ୍ତି। ଭାରତର ଦ୍ୱିତୀୟ ଇନିଂସରେ ଓପନର ଯଶସ୍ୱୀ ଜୟସ୍ୱାଲ ୬୧, ଗିଲ୍ ୪୪, ୱିକେଟରକ୍ଷକ ଋଷଭ ପନ୍ତ ୬୮ ବଲ୍‌ରୁ ୨୮ ରନ୍ କରି ଭଲ ଅଭ୍ୟାସ କରିଛନ୍ତି। ମୋଟାମୋଟି ଭାବେ ଭାରତକୁ ଏହି ପ୍ରାକ୍ଟିସ ମ୍ୟାଚ୍ ଟେଷ୍ଟ ସିରିଜ୍ ଲାଗି ଭଲ ପ୍ରସ୍ତୁତି କରିନେଇଛି। ଗଲ୍‌ରେ ଅଗଷ୍ଟ ୧୫ରୁ ଦୁଇ ଦେଶ ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ସେହିପରି କଲମ୍ବୋର ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍‌ରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ ଅନୁଷ୍ଠିତ ହେବ।

### ସିରାଜ ଦେଲେ ନାଟକୀୟ ବିଜୟ

କଲମ୍ବୋର ନନ୍‌ଡେସକ୍ରିପ୍ଟସ କ୍ରିକେଟ କ୍ଲବ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଅଭ୍ୟାସ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଶ୍ରୀଲଙ୍କା ଏକାଦଶ ୮ ୱିକେଟରେ ୩୬୩ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ଦେବଦତ୍ତ ପାଡିକଲଙ୍କ ଅପରାଜିତ ୧୪୨, ରବୀନ୍ଦ୍ର ଜାଡେଜାଙ୍କ ୬୩, ଲୋକେଶ ରାହୁଲଙ୍କ ୪୦ ରନ୍ ସହାୟତାରେ ଭାରତ ୬ ୱିକେଟରେ




୩୫୭ ରନ୍ କରି ଇନିଂସ ଶେଷ କରିଥିଲା। ଏହି ଦୁଇଟି ଇନିଂସ ପ୍ରଥମ ଦୁଇ ଦିନରେ ଖେଳାଯିବା ପରେ ଆଜି ଉଭୟ ଦଳ ୪୫ ଓଭର ଲେଖାଏଁ ଖେଳିବାକୁ ରାଜି ହୋଇଥିଲେ। ଏଥିରେ ଶ୍ରୀଲଙ୍କା ମିଳିତ ଏକାଦଶ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୦୦ ରନ୍ କରିଥିଲା। ଓପନର ନିଶାନ ମଦୁସ୍କା ଦ୍ୱିତୀୟ ଅର୍ଦ୍ଧଶତକ ସହ ୬୩ରନ୍‌ରେ ରିଟାୟର୍ଡ ହୋଇଥିଲେ। ନିପୁନ ଧନଞ୍ଜୟ ୪୬ ଓ ଅଞ୍ଜଲା ବାନ୍ଦରା ୩୫ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ଗୁରନୁର ବ୍ରାର ୨ଟି ଲେଖାଏଁ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏଁ ୱିକେଟ ବାଣ୍ଟି ନେଇଥିଲେ।

ଏହାପରେ ଭାରତ ଆଗରେ ୨୦୭ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଭାରତ ଠିକ୍ ୪୫ତମ ଓଭରର ୩ୟ ବଲ୍‌ରେ ୪ ୱିକେଟ ହରାଇ ବିଜୟୀ ହେବା ସହ ଆତ୍ମବିଶ୍ୱାସ ଦୃଢ଼ କରିଥିଲା। ଦ୍ୱିତୀୟ ଇନିଂସରେ ଓପନ କରିଥିବା ଜୟସ୍ୱାଲ ୬୧ ଓ ଗିଲ ୪୪ ରନ୍ କରିଥିଲେ। ଏମାନେ ପ୍ରଥମ ୱିକେଟରୁ ୧୦୫ ରନ୍ ଉଠାଇଥିଲେ। ପ୍ରଥମ ଇନିଂସରେ ଫେଲ୍ ମାରିଥିବା ଖେଳାଳିଙ୍କୁ ବ୍ୟାଟିଂ ସୁଯୋଗ ମିଳିଥିଲା। ନଂ-୩ରେ ବ୍ୟାଟିଂ କରିଥିବା ୱିକେଟରକ୍ଷକ ପନ୍ତ ୬୮ ବଲ୍‌ରୁ ୨୮, ଧ୍ରୁବ ଜୁରେଲ ୨୦ବଲ୍‌ରେ ୧୭ ଓ ଜାଡେଜା ରିଟାୟର୍ଡ ହୋଇ ୨୨ ରନ୍ କରିଥିଲେ। କିନ୍ତୁ ଦଳକୁ ଜିତାଇଥିଲେ ମହମ୍ମଦ୍ ସିରାଜ। ମାନବ ସୁତାର ୨୪ ବଲ୍‌ରେ ୪ ରନ୍ କରିବା ପରେ ତାଙ୍କୁ ଫେରାଇ ନିଆଯାଇଥିଲା। ବ୍ରାର୍ ୨ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ବ୍ୟାଟିଂ କରିବାକୁ ଆସି ସିରାଜ ମାତ୍ର ୧୫ଟି ବଲ୍‌ରୁ ଗୋଟିଏ ଚୌକା ଓ ୪ଟି ଛକା ସହ ଅପରାଜିତ ୩୨ରନ୍ କରିଥିଲେ। ମ୍ୟାଚ୍‌ର ଶେଷ ଓଭରରେ ସିରାଜ ପ୍ରଥମ ୩ଟି ବଲ୍‌ରୁ ଛକା ମାରି ଦଳକୁ ନାଟକୀୟ ବିଜୟ ଭେଟିଦେଇଥିଲେ।

### ୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥଲେଟିକ୍ସ

## ହାଇଜମ୍ପ୍‌ରେ ବସନ୍ତ ଜିତିଲେ ପ୍ରଥମ ପଦକ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ରାଜସ୍ଥାନର ବସନ୍ତ କୁମାର ମେଘୱାଲ ଆମେରିକାର ଓରେଗାଁଠାରେ ଚାଲିଥିବା ୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ପୁରୁଷ ହାଇଜମ୍ପ ଇଭେଣ୍ଟରେ ପ୍ରଥମ ଭାରତୀୟ ଭାବେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହି ଇଭେଣ୍ଟରେ ସେ ୨.୨୧ ମିଟର ଉଚ୍ଚତାକୁ ଡେଇଁ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ। ସେହିପରି ପୁରୁଷ ଲଙ୍ଗ ଜମ୍ପରେ ସାହନୱାଜ ୭.୮୪ ମିଟରକୁ ଡେଇଁ ତୃତୀୟ ହେବା ସହ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଫଳରେ ଚଳିତ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଭାରତର ପଦକ ସଂଖ୍ୟା ୩ରେ ପହଞ୍ଚିଛି। ଗୋଟିଏ ଦିନ ଆଗରୁ ପୁରୁଷ ଜାଭେଲିନ୍ ଥ୍ରୋ'ରେ ଆଶିଷ କୁମାର ଯାଦବ ଭାରତ ଲାଗି ପ୍ରଥମ ତଥା ରୌପ୍ୟ ପଦକ ବିଜୟୀ ହୋଇଥିଲେ। ପୁରୁଷ ଜାଭେଲିନ୍‌ରେ ମଧ୍ୟ ଏହା ଦ୍ୱିତୀୟ ପଦକ ଥିଲା। ୨୦୧୬ରେ ନୀରଜ ଚୋପ୍ରା ଭାରତ ଲାଗି ଏହି ମେଗା ଇଭେଣ୍ଟରେ ସ୍ୱର୍ଣ୍ଣ ତଥା ପ୍ରଥମ ପଦକ ହାସଲ କରିଥିଲେ। ଗତକାଲି ଅନୁଷ୍ଠିତ ପୁରୁଷ ହାଇଜମ୍ପରେ ସମସ୍ତ ପଦକ ବିଜେତା ୨.୨୧ ମିଟରକୁ ଡେଇଁଥିଲେ। ଏହା ପରେ ୨.୨୪ ମିଟରକୁ କେହି ଡେଇଁ ପାରି ନ ଥିଲେ। ଫଳରେ ପ୍ରଥମ ଆଟେମ୍ପଟରେ ୨.୨୧ ମିଟରକୁ ଡେଇଁଥିବା ଆଲଜେରିଆର ୟୁନେସ ଆୟାଚି ପ୍ରଥମ, ଦ୍ୱିତୀୟ ଆଟେମ୍ପଟରେ ଅତିକ୍ରମ କରିଥିବା ଭାରତର ବସନ୍ତ



ଦ୍ୱିତୀୟ ଓ ତୃତୀୟ ଆଟେମ୍ପଟରେ ଅତିକ୍ରମ କରିଥିବା ବ୍ରିଟେନ୍‌ର ଅଟିସ୍ ପୁଲ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ଲଙ୍ଗ ଜମ୍ପ୍‌ରେ ସାହନୱାଜ୍ ତୃତୀୟ ଆଟେମ୍ପଟରେ ୭.୮୪ ମିଟରକୁ ଅତିକ୍ରମ କରି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଆଶିଷ କୁମାର ଯାଦବ ପୁରୁଷ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟରେ ଆଶିଷ ୭୪.୦୯ ମିଟରକୁ ଜାଭେଲିନ୍ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ହେଣ୍ଡ୍ରିକ୍ସ ହେମାନ୍ସ ୮୦.୫୦ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ସ୍ୱର୍ଣ୍ଣପଦକ ଓ ଡୋମିନିକାର ଆଡିସନ ଜେମ୍ସ ୭୩.୮୯ ମିଟରକୁ ଜାଭେଲିନ ଫିଙ୍ଗି କାଂସ୍ୟ ପଦକ ବିଜୟୀ ହୋଇଥିଲେ।

## ଗଲ୍ ଗାଲାଣ୍ଟ୍ସ ଲଙ୍କା ପ୍ରିମିୟର ଲିଗ୍ ଚାମ୍ପିଅନ

କଲମ୍ବୋ, ୯।୮ (ଏଜେନ୍ସି): ତିନିଥରର ଚାମ୍ପିଅନ ଜାଫନା କିଙ୍ଗ୍‌ସକୁ ୫ ୱିକେଟରେ ପରାସ୍ତ କରି ଗଲ ଗାଲାଣ୍ଟ୍ସ ଲଙ୍କା ପ୍ରିମିୟର ଲିଗ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଗତକାଲି ଖେଳାଯାଇଥିବା ଏହି ଲୋ ସ୍କୋରିଂ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଜାଫନା କିଙ୍ଗସ ୧୨୩ ରନ୍ କରିଥିଲା। ଦଳ ପକ୍ଷରୁ କାମିଲା ମିଶରା ସର୍ବାଧିକ ୪୧ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ଏହସାନ ମାଲିଙ୍ଗା ଓ ଚାରିଥ ଆଶାଲଙ୍କା ୩ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ଦଳ ୧୫.୫ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ୧୦ ରନ୍‌ରେ ଦ୍ୱିତୀୟ ୱିକେଟ ହରାଇବା ପରେ ଥୋମାସ ରୋଜର୍ସ ଫ୍ରେଜର୍ସ ଓ ଦିଲୁରା କାଲୁପହଣା ତୃତୀୟ ୱିକେଟରୁ ୪୧ ବଲ୍‌ରେ ୬୪ ରନ୍ ଉଠାଇ ବିଜୟ ରାସ୍ତା ପରିଷ୍କାର କରିନେଇଥିଲେ। ପରେ ଦାସୁନ ଶାନକା ଓ ଅନ୍ୟ ମିଡଲ ଅର୍ଡର ବ୍ୟାଟର ଅଧିକ କ୍ଷତି ହେବାକୁ ନ ଦେଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଶାନକା ୯ ବଲ୍‌ରେ ଅପରାଜିତ ୨୦ ଓ ସାହାନ ଆରାଚଚିଗେ ୧୯ ବଲରୁ ଅପରାଜିତ ୧୪ ରନ୍ କରି ଦଳକୁ ୫ ୱିକେଟରେ ଜିତାଇଥିଲେ।

## ମୁଖ୍ୟ କୋଚ୍ ପଦକୁ ଲକ୍ଷ୍ମଣଙ୍କ ନା

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ବ୍ୟକ୍ତିଗତ କାରଣ ଲାଗି ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପଦ ଗ୍ରହଣ କରିପାରିବି ନାହିଁ। ପୂର୍ବତନ ଭାରତୀୟ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣ ରବିବାର ଏହା କହିଛନ୍ତି। ଫଳରେ ଗୌତମ ଗମ୍ଭୀରଙ୍କ ସ୍ଥାନରେ ଲକ୍ଷ୍ମଣଙ୍କୁ ଜାତୀୟ ସିନିଅର କ୍ରିକେଟ ଦଳର ଗୁରୁଦାୟିତ୍ୱ ଦିଆଯିବାକୁ ନେଇ ଗତ କିଛିଦିନ ହେବ ଯେଉଁ ଚର୍ଚ୍ଚା ଚାଲିଥିଲା ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ବେଙ୍ଗାଲୁରୁରେ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ର ବିକାଶରେ ସାହାଯ୍ୟ କରିବାକୁ ପ୍ରତିବଦ୍ଧ ଥିବା ୫୧ ବର୍ଷୀୟ ଲକ୍ଷ୍ମଣ ଏକ ସାକ୍ଷାତକାରରେ କହିଛନ୍ତି।

## ସେପ୍ଟେମ୍ବର ୧୮ରୁ ଓଡ଼ିଶା ଟି-୨୦ ଲିଗ୍

### ବାରବାଟୀରେ ଖେଳାଯିବ ସମସ୍ତ ମ୍ୟାଚ୍

ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୧୮ ତାରିଖରୁ ଆରମ୍ଭ ହେବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଲିଗ୍‌ର ସମସ୍ତ ମ୍ୟାଚ୍ ଆଇକନିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଫଳରେ ରାଜ୍ୟର କିଛି ଉଦୀୟମାନ କ୍ରିକେଟର୍ ପୁଣିଥରେ ଉଚ୍ଚସ୍ତରରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଗତଥର ଭଳି ଏଥର ମଧ୍ୟ ୬ଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ସେହି ଦଳଗୁଡ଼ିକ ହେଲା ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ, ଭୁବନେଶ୍ୱର ଟାଇଗର୍ସ, ସମ୍ବଲପୁର ୱାରିୟର୍ସ, ପୁରୀ ଟାଇଟାନ୍ସ, କେନ୍ଦୁଝର ମାଇନର୍ସ ଓ ରାଉରକେଲା ଷ୍ଟିଲର୍ସ। ପ୍ରଥମ ସଂସ୍କରଣର ଫାଇନାଲରେ କଟକ ଦଳ ୫ ରନରେ ଡିଏଲ୍ ପଦ୍ଧତିରେ ସମ୍ବଲପୁରକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା।

### ୭୨ତମ ରାଜ୍ୟ ଜୁନିଅର ଆଥଲେଟିକ୍ସ ଉଦ୍‌ଯାପିତ

# କଟକ ଓଭରଅଲ୍ ଚାମ୍ପିଅନ, ଯାଜପୁର ରନର୍ସଅପ୍





ବାରିପଦା/ରାଇରଙ୍ଗପୁର/ଭୁବନେଶ୍ୱର, ୯।୮ (ସମିସ)

ରାଇରଙ୍ଗପୁରର ନବନିର୍ମିତ ଅତ୍ୟାଧୁନିକ ଷ୍ଟାଡିୟମ୍‌ରେ ୭୨ତମ ରାଜ୍ୟ ଜୁନିଅର ଆଥଲେଟିକ ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ କଟକ ଓଭରଅଲ ଚାମ୍ପିଅନ ହୋଇଥିଲାବେଳେ ଯାଜପୁର ଜିଲ୍ଲା ରନର୍ସଅପ୍ ହୋଇଛି। ଯାଜପୁର ଜିଲ୍ଲା ୧୪ ବର୍ଷରୁ କମ୍ ବାଳକ ଓ ବାଳିକା, ୧୬ ବର୍ଷରୁ କମ୍ ବାଳିକା, ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଗ୍ରୁପ୍ ଟାଇଟଲ ହାସଲ କରିଛି। କଟକ କେବଳ ୨୦ ବର୍ଷରୁ କମ୍ ମହିଳା ବିଭାଗରେ ଗ୍ରୁପ୍ ଟାଇଟଲ ଜିତିଛି। ତେବେ କଟକ ସର୍ବାଧିକ ୧୭୨ ପଏଣ୍ଟ ପାଇ ଚାମ୍ପିଅନ ଓ ଯାଜପୁର ୧୫୭ ପଏଣ୍ଟ ପାଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଏହି ୩ ଦିନିଆ ପ୍ରତିଯୋଗିତାରେ ୧୬ଟି ନୂଆ ମିଟ ରେକର୍ଡ ମଧ୍ୟ ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଯାଜପୁରର ସମୀକ୍ଷା ସ୍ୱର୍ଣ୍ଣିକା ଏକମାତ୍ର ଆଥଲେଟ୍ ଭାବେ ୨ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସମୀକ୍ଷା ୧୬ ବର୍ଷରୁ କମ୍ ବାଳିକା ଲଙ୍ଗ୍ ଜମ୍ପ୍ ଓ ବାଳିକା ୬୦ ମିଟର ରେସ୍‌ରେ ଏହି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତାଙ୍କ ବ୍ୟତୀତ ଯାଜପୁରର ଆଲୋକିକା ସ୍ୱାଇଁ ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋ, ଦୀପ୍ତିମୟୀ ଦାସ ୧୮ ବର୍ଷରୁ କମ୍ ବାଳିକା ହର୍ଡଲ୍ସରେ ନୂଆ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ମୟୂରଭଞ୍ଜର ବନମାଳି ହେପ୍ଟାଥଲନରେ ସୃଷ୍ଟି କରିଥିବା ରେକର୍ଡ ଉଲ୍ଲେଖନୀୟ ହୋଇଛି।

ମୟୁରଭଞ୍ଜ ଓ ଓଡ଼ିଶା ରାଜ୍ୟ ଦୌଡ଼କୁଦ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ଆୟୋଜିତ ଉତ୍ସବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ରାଇରଙ୍ଗପୁର ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଓଡିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର କୁମାର ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଧାବିକା ଦୂତୀ ଚାନ୍ଦ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସମ୍ପାଦକ ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ

## ୬୪୪ ଦିନ ପରେ ସର୍ଫରାଜଙ୍କ ପ୍ରତ୍ୟାବର୍ତ୍ତନ

ମୁମ୍ବଇ, ୯।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ଆଗାମୀ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳରେ ରବିବାର ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଆଘାତଜନିତ ସମସ୍ୟା ଲାଗି ସାଇ ସୁଦର୍ଶନଙ୍କ ସ୍ଥାନରେ ସର୍ଫରାଜ ଖାନଙ୍କୁ ଦଳରେ ସାମିଲ କରାଯାଇଛି। ଫଳରେ ୨୮ ବର୍ଷୀୟ ମୁମ୍ବଇ ୱିକେଟକିପର ବ୍ୟାଟର ସର୍ଫରାଜଙ୍କ ଜାତୀୟ ଟେଷ୍ଟ ଦଳକୁ



ପ୍ରତ୍ୟାବର୍ତ୍ତନର ଅନ୍ତ ଘଟିଛି। ଦୀର୍ଘ ୬୪୪ ଦିନ ପରେ ସର୍ଫରାଜ ଭାରତୀୟ ଦଳକୁ ଫେରିଛନ୍ତି। ଶେଷଥର ଲାଗି ସେ ୩ ନଭେମ୍ବର ୨୦୨୪ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ସର୍ଫରାଜ ଭାରତ ପାଇଁ କେବଳ ୬ଟି ଟେଷ୍ଟ ଖେଳି ୩୭.୧୦ ହାରରେ ୩୭୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ସାମିଲ ରହିଛି। ଉଲ୍ଲେଖଯୋଗ୍ୟ ଯେ ଅଗଷ୍ଟ ୧୫ରୁ ଘରୋଇ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଗଲ୍‌ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପୂର୍ବରୁ ଘୋଷିତ ଦଳରେ ସୁଦର୍ଶନଙ୍କୁ ସ୍ଥାନ ମିଳିଥିଲା। କିନ୍ତୁ ସେ ଆଘାତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ପାରି ନ ଥିବାରୁ ଶେଷରେ ବାଧ ହୋଇ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି।

ରାଜ୍ୟ ଆନ୍ତଃସ୍କୁଲ ଟିଟି ଚାମ୍ପିଅନସିପ୍

## ଗୁରୁ ନାନକ, ନ୍ୟୁ ଷ୍ଟିୱାର୍ଟ ଚାମ୍ପିଅନ

ଭୁବନେଶ୍ୱର, ୯।୮ (ସମିସ): କଟକ ସିଡିଏର ଚାଲିଥିବା ରାଜ୍ୟ ଆନ୍ତଃସ୍କୁଲ ଟିଟି (ଟେବୁଲ ଟେନିସ) ଚାମ୍ପିଅନସିପ୍‌ରେ କଟକର ଦୁଇ ସ୍କୁଲ ସିନିଅର ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରାଉଣ୍ଡ ରବିନ ଲିଗ୍ ଭିତରେ ଖେଳାଯାଇଥିବା ଏହି ପ୍ରତିଯୋଗିତାର ସିନିଅର ବାଳିକା ବିଭାଗରେ କଟକର ଗୁରୁ ନାନକ ପବ୍ଲିକ୍ ସ୍କୁଲ ଚାମ୍ପିଅନ ଓ ଭୁବନେଶ୍ୱରର ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ ରନର୍ସ ଅପ୍ ହୋଇଛି। ବାଳକ ବିଭାଗ ଫାଇନାଲରେ




ନ୍ୟୁ ଷ୍ଟିୱାର୍ଟ ସ୍କୁଲ ଚାମ୍ପିଅନ ଓ ଖ୍ରୀଷ୍ଟ ସେକେଣ୍ଡାରୀ ସ୍କୁଲ ରନର୍ସଅପ୍, ଜୁନିଅର ବାଳିକା ବିଭାଗରେ ପୁରୀ ଜିଲ୍ଲା ସ୍କୁଲ ଚାମ୍ପିଅନ ଓ ଜଟଣୀର ପିଏମ୍ ଶ୍ରୀ କେଭି ରନର୍ସଅପ୍, ଜୁନିଅର ବାଳକ ବିଭାଗରେ କଟକର ସେଣ୍ଟ ଜାଭିୟର ହାଇସ୍କୁଲ ଚାମ୍ପିଅନ ଓ କେମ୍ବ୍ରିଜ୍ ସ୍କୁଲ ରନର୍ସଅପ୍ ଆଖ୍ୟା ଅର୍ଜନ କରିଛି। ଦଳଗତ ଖେଳ ପରେ ଏକକ ବିଭାଗରେ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS